

ଭାରତ ଓ ଚୀନ ଉପରେ ଶହେ ପ୍ରତିଶତ ଟାରିଫ୍ ଲଗାଅ

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 173 | ଭାଗ ୩୩ | ସଂଖ୍ୟା ୧୭୩ | Saturday 13 September 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୧୩ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ସିପି ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ,୧୨।୯: ଶୁକ୍ରବାର ରାଷ୍ଟ୍ରପତି ଭବନରେ ଏକ ଭବ୍ୟ ସମାରୋହରେ ଭାରତର ୧୫ତମ ଉପରାଷ୍ଟ୍ରପତି ଭାବରେ ସିପି ରାଧାକ୍ରିଷ୍ଣନ୍ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସକାଳ ୧୦.୧୦ ମିନିଟରେ ତାଙ୍କୁ ଶପଥ ପାଠ କରାଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସକ୍ରିୟ ସଦସ୍ୟ ଥିବା ତାମିଲନାଡୁର ବରିଷ୍ଠ ବିଜେପି ନେତା ୬୭ ବର୍ଷୀୟ ରାଧାକୃଷ୍ଣନ ୪୫୨ ଭୋଟ ପାଇ ଉପରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ, ବିରୋଧୀ ଇଣ୍ଡି ମୋଣ୍ଟ ପ୍ରାର୍ଥୀ ଏବଂ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ବି ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ ପାଇଥିଲେ। ପୃଷ୍ଠା-୬

ଓଡ଼ିଶାର ସ୍ୱାର୍ଥ ପାଇଁ ଦିଲ୍ଲୀରେ ମୋହନ


- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟସେବା ବିକାଶ ନେଇ ଆଲୋଚନା
- ଓଡ଼ିଶା ନିବାସରେ ପ୍ରଶାସନିକ ଅଧିକାରୀଙ୍କ ସହ ବୈଠକ
- ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ପ୍ରସ୍ତୁତିର ସମୀକ୍ଷା



ଭୁବନେଶ୍ୱର,୧୨।୯ (ସଂଚାର ବ୍ୟୁରୋ): ରାଜ୍ୟର ସ୍ୱାର୍ଥ ଲାଗି ଦିଲ୍ଲୀ ଗସ୍ତରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରାଜ୍ୟର ସର୍ବାଙ୍ଗୀନ ବିକାଶ ସହ ତୃଣମୂଳ ସ୍ତରର ଲୋକଙ୍କ ଭଲ ମନ୍ଦ ବୁଝୁଛନ୍ତି। ବିଜେଡିର ଏକଛତ୍ରବାଦକୁ ପ୍ରତ୍ୟାଖ୍ୟାତ କରି ରାଜ୍ୟବାସୀ ୨୦୨୪ରେ ପ୍ରଥମ ଥର ପାଇଁ ବିଜେପିକୁ ସରକାର ଗଠନର ସୁଯୋଗ ଦେଇଛନ୍ତି। ତେଣୁ ବିଜେପି ନିର୍ବାଚନ ସମୟରେ ଦେଇଥିବା ସବୁ ପ୍ରତିଶ୍ରୁତି ପାଳନକୁ ସର୍ବାଧିକ ଗୁରୁତ୍ୱ ଦେଉଛି। କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିଜର ଗତିକୁ କ୍ଷିପ୍ର କରିଛନ୍ତି। ପ୍ରଥମ ଥର ପାଇଁ ମୋହନ ମାଝୀଙ୍କ ଭଳି ଜଣେ ଟାଣୁଆ ଆଦିବାସୀ ନେତାଙ୍କ ହାତରେ ଧରାଇଛନ୍ତି ଶାସନ ଭାର। ଜଣେ ଆଦିବାସୀ ନେତା ଭାବେ ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟା ଓ ଦୁର୍ଦ୍ଦଶା ସହ ସେ ଅଧିକ ଜଡିତ। ଏମିତିବି ଜଣେ ଅତି ସାଧାରଣ ବ୍ୟକ୍ତିତ୍ୱ ହୋଇଥିବାରୁ ରାଜ୍ୟର ସବୁ ଶ୍ରେଣୀର ଲୋକଙ୍କ ପାଖରେ ସହଜରେ ଗ୍ରହଣୀୟ ହୋଇପାରିଛନ୍ତି। ସରକାର ଗଠନ ସମୟରେ ବିଶେଷ ପ୍ରଶାସନିକ ଅଭିଜ୍ଞତା ନଥିଲେ ବି ଜନକଲ୍ୟାଣକୁ ଏକମାତ୍ର ଏଜେଣ୍ଡା ଭାବେ ସେ ଗ୍ରହଣ କରି କାମ କରୁଛନ୍ତି। କେନ୍ଦ୍ରୀୟ ଯୋଜନାର ନାଁ ବଦଳାଇ ତାକୁ ରାଜ୍ୟ ଯୋଜନା କହି ମିଛ ପ୍ରଶଂସା ନେବା ବଦଳରେ କେନ୍ଦ୍ର ସହ ହାତ ମିଳାଇ କାମ କରୁଛନ୍ତି ମୋହନ। ଯେଉଁଥି ପାଇଁ ନିୟମିତ ବ୍ୟବଧାନରେ ଦିଲ୍ଲୀ ଯାଇ କେନ୍ଦ୍ର ମନ୍ତ୍ରୀମାନଙ୍କୁ ଭେଟି ରାଜ୍ୟ ସ୍ୱାର୍ଥ ବାବଦରେ ଆଲୋଚନା କରୁଛନ୍ତି। ଦିଲ୍ଲୀରେ ଥିବା ସମୟରେ ମଧ୍ୟ ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ କରୁଛନ୍ତି। ଆଜି ମଧ୍ୟ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସ୍ୱାସ୍ଥ୍ୟସେବାର ବିକାଶ ନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଭେଟି ଆଲୋଚନା କରିଛନ୍ତି। ରାଜ୍ୟରେ ନୂଆ ପୃଷ୍ଠା-୬

ଦିନକରେ ଭିଜିଲାନ୍ସ ଜାଲରେ ୩ ବରିଷ୍ଠ ଅଧିକାରୀ

ବନ୍ଧାହେଲେ ଓଏଏସ୍ ଟପ୍ପର



ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ଲାଞ୍ଚ ନେବା ବେଳେ ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଦୁଇ ଜଣ ସରକାରୀ ଅଧିକାରୀ। ଜଣେ ସମ୍ବଲପୁର ଜିଲ୍ଲା ବାମରା ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ହୋଇଥିବା ବେଳେ ଅନ୍ୟ ଜଣେ ହେଉଛନ୍ତି ନୟାଗଡ଼ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ। ଅଶ୍ୱିନୀ କୁମାର ପଣ୍ଡା ୨୦୧୯ରେ ଓଏସ୍ ଟପ୍ପର ହୋଇ ନିଜ ଜିଲ୍ଲା ପାଇଁ ଗୌରବ ଆଣିଥିଲା ବେଳେ ଏବେ ଲାଞ୍ଚ ନେଇ ବନ୍ଧା ହୋଇଛନ୍ତି ।

ବାମରା ବ୍ଲକ ଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର ଏକ ଜମି ମ୍ୟୁଟେସନ ଓ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ତେବେ ଏହି କାମ କରିବା ପାଇଁ ଲାଞ୍ଚ ମାଗିଥିଲେ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା। ଏନେଇ ଉକ୍ତ ବ୍ୟକ୍ତି ଜଣଙ୍କ ସମ୍ବଲପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ।

ଯୋଜନା ପ୍ରକାରେ ଆଜି ଦିନ ପ୍ରାୟ ୧୧ଟା ବେଳେ ଅଭିଯୋଗକାରୀ ଦାବି ମୁତାବକ ୧୫ ହଜାର ଟଙ୍କା ନେଇ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଦେଇଥିଲେ। ତହସିଲଦାର ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ତହସିଲଦାର ଶ୍ରୀ ପଣ୍ଡାଙ୍କ ସହିତ ତାଙ୍କ ଡ୍ରାଇଭର ପ୍ରବୀଣ କୁମାରଙ୍କୁ ଭିଜିଲାନ୍ସ ସମ୍ବଲପୁର ନେଇ ଅଧିକ ପଚରାଉଚରା କରୁଥିବା ଜଣାପଡ଼ିଛି। ସେହିପରି ଶ୍ରମ କାର୍ଡ କରାଇଦେବା ପାଇଁ ଆଜି ନୟାଗଡ଼ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ବିରୁଡ଼ା ଗାଁର ଶ୍ରମିକ ନେତା ତଥା କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ସଦସ୍ୟ ଭୁବନ ଚାନ୍ଦ ହାତାଙ୍କ ଠାରୁ ସେ ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରା ପଡ଼ିଥିଲେ। ଶ୍ରମ ଅଧିକାରୀ ଶ୍ରୀ ରାଉତ ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଲେଖାଏ ଲାଞ୍ଚ ମାଗିଥିଲେ। ଏହିପରି ୨୨ଟି ଶ୍ରମ କାର୍ଡ କରିବା ପାଇଁ ସେ ୬ ହଜାର ୬୦୦ ଟଙ୍କା ଦାବି କରିଥିଲେ। ସେ ଆଜି ୨୧ଟି କାର୍ଡ କରାଇଦେବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲା ନୟାଗଡ଼ ଭିଜିଲାନ୍ସ ଟିମ୍। ଅନ୍ୟପକ୍ଷରେ ସରକାରୀ ଅର୍ଥ ହେରଫେର୍ ମାମଲାରେ ଜଣେ ପୂର୍ବତନ ପିଇଓଙ୍କୁ ଗିରଫ କରିଛି ଭିଜିଲାନ୍ସ। ତାଙ୍କ ନାଁ ପୁଷ୍ପିତା ମହାକୁଡ଼। ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବିଜାତୋଳା ବ୍ଲକ ଲୁହାଶିଳା ପଞ୍ଚାୟତରେ। ବାର୍ଦ୍ଧକ୍ୟ ଭତ୍ତା ବାବଦରେ ସେ ପ୍ରାୟ ୬ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି।

ଦ୍ୱିତୀୟ ନ୍ୟାସନାଲ ମେଡିଏସନ କର୍ମଶାଳା ନେଇ ପ୍ରସ୍ତୁତି ବୈଠକ



- ସେପ୍ଟେମ୍ବର ୨୮ରେ ହେବ କର୍ମଶାଳା
- ଯୋଗଦେବେ ପ୍ରଧାନ ବିଚାରପତି
- ଶ୍ରେଷ୍ଠ ଆତିଥେୟତା ଲାଗି ରୋଡ୍‌ମ୍ୟାପ ପ୍ରସ୍ତୁତ

ଭୁବନେଶ୍ୱର, ୧୨।୯(ସଂଚାର ବ୍ୟୁରୋ): ମଧ୍ୟସ୍ଥତା ମାଧ୍ୟମରେ ମକଦମା ଗୁଡିକର ସମାଧାନ ନେଇ ଚଳିତ ସେପ୍ଟେମ୍ବର ୨୮ ରେ ଭୁବନେଶ୍ୱରରେ ହେବାକୁ ଯାଉଛି ଦ୍ୱିତୀୟ ନ୍ୟାସନାଲ ମେଡିଏସନ କର୍ମଶାଳା। ଲୋକସେବା ଭବନ ସ୍ଥିତ କନଭେନସନ ହଲରେ ହେବାକୁ ଥିବା ଏହି କର୍ମଶାଳାକୁ ସବୁ ଦିଗରୁ ସଫଳ କରିବା ଲାଗି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଲୋକସେବା ଭବନ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ "ନ୍ୟାସନାଲ ମେଡିଏସନ କର୍ମଶାଳା"ରେ ଯୋଗ ଦେବାକୁ ଥିବା ଅତିଥି, ସେମାନଙ୍କ ରହଣି, ଆତିଥେୟତା ଓ କର୍ମଶାଳା ଆୟୋଜନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଅଧ୍ୟକ୍ଷତା କରି ପୃଷ୍ଠା-୬

ସୀମାନ୍ତରେ ୨ ମାଓବାଦୀ ନିହତ

- ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୧୨।୯(ସଂଚାର ବ୍ୟୁରୋ): ଓଡ଼ିଶା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ଏନକାଉଣ୍ଟର ହୋଇଛି। ଏହି ଏନକାଉଣ୍ଟରରେ ୨ ଜଣ ନକ୍ସଲ ନିପାତ ହୋଇଛନ୍ତି। ଏଥିସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା ଯେ, ବିଜାପୁର ଜିଲ୍ଲାର ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ମାଓବାଦୀ କ୍ୟାମ୍ପ କରି ରହିଛନ୍ତି। ତୁରନ୍ତ ଯବାନ ଅପରେସନ ଆରମ୍ଭ କରିଦେଇଥିଲେ। ଆଜି ସକାଳୁ ପୃଷ୍ଠା-୬

ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ



ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ଆଇଏଏସ୍ ଅଫିସର ସ୍ତରରେ ହୋଇଛି ଅଦଳବଦଳ। ବିଜୟ ଅମୃତ କୁଲାଙ୍ଗେ ହୋଇଛନ୍ତି ପଶୁପାଳନ ଓ ପ୍ରାଣୀ ଧନ ବିଭାଗର ନିର୍ଦ୍ଦେଶକ। ଏଥିସହ ସେ ଓମଫେଡର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ କଟକ ଆଇଜିଆରର ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ପ୍ରେମଜିତ ନାୟକଙ୍କୁ ଅନୁସୂଚିତ ଜାତି-ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଅଞ୍ଜନା ପଣ୍ଡା ଆୟୁକ୍ଷର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି।

ବଜ୍ରପାତରେ ଗଲା ୩ ଜୀବନ, ଜଣେ ଗୁରୁତର

ରାୟଗଡ଼ା,୧୨।୯ (ସଂଚାର ବ୍ୟୁରୋ): କପା ଚାଷ ପାଇଁ କାମକରୁଥିବା ସମୟରେ ବଜ୍ରାଘାତ ହୋଇଛି। ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ରାୟଗଡ଼ା ବ୍ଲକ ବିଷ୍ଣୁଗୁଡ଼ା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁସାରେ ବିଷ୍ଣୁଗୁଡା ଗ୍ରାମର ସମ୍ବାରୀ ପିଡ଼ିକା (୪୫) ଙ୍କ ସମେତ ଅନ୍ୟମାନେ କପା ଚାଷ ପାଇଁ କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଆହତ ୪ ଜଣଙ୍କୁ ପୃଷ୍ଠା-୬

ଶପଥ ନେଲେ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଲା କାର୍କି



କାଠମାଣ୍ଡୁ,୧୨।୯: ନେପାଳରେ ଜେନ୍-ଜେଡ୍ ବିପ୍ଳବ ଯୋଗୁଁ ହୋଇଥିବା ବିପ୍ଳବ ପରେ, ଏବେ ସୁଶୀଲା କାର୍କି ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ନେପାଳର ରାଷ୍ଟ୍ରପତି ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ତାଙ୍କୁ ଭାରତୀୟ ସମୟ ରାତି ୮:୪୫ ସୁଦ୍ଧା ସୁଶୀଲା କାର୍କିଙ୍କୁ ଶପଥ ପାଠ କରାଯାଇଥିଲା। ଏହା ସହିତ ଏକ ତିନିଜଣିଆ ମନ୍ତ୍ରିମଣ୍ଡଳ ମଧ୍ୟ ଗଠନ କରାଯାଇଛି। ସରକାର ବିରୋଧୀ ପ୍ରତିବାଦର ନେତୃତ୍ୱ ନେଉଥିବା 'ଜେନ୍ ଜେଡ୍' ଗୋଷ୍ଠୀର ପ୍ରତିନିଧି, ସେନା ମୁଖ୍ୟ ଏବଂ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲଙ୍କ ସହ ସମସ୍ତ ପୃଷ୍ଠା-୬

ଜିଏସ୍‌ଟି ସଂସ୍କାର ନେଇ ତଥ୍ୟ ରଖିଲେ କେନ୍ଦ୍ରମନ୍ତ୍ରୀ

ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ: ଧର୍ମେନ୍ଦ୍ର

- ଜିଏସ୍‌ଟି ସଂସ୍କାର ୨.୦ ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି
- ଆଜି ଦେଶର ରପ୍ତାନୀ ପରିମାଣ ୮୨୪.୯ ବିଲିୟନ ଡଲାର
- ଜିଏସ୍‌ଟି କଲେକ୍ସନ ବଢ଼ି ଏବେ ୨୨ ଲକ୍ଷ କୋଟି ଛୁଇଁଛି
- ସମ୍ବଲପୁରକୁ ନ୍ୟୁ ଏଜ୍ ଇକୋନୋମୀ କରିବା ପାଇଁ ଆହ୍ୱାନ



ସମ୍ବଲପୁର, ୧୨।୯(ସଂଚାର ବ୍ୟୁରୋ): ଜିଏସ୍‌ଟି ସଂସ୍କାର ୨.୦ ମୋଦୀ ସରକାରଙ୍କ ଐତିହାସିକ ନିଷ୍ପତ୍ତି। ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବରେ ଲାଭବାନ ହେବା ସହ ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ ବୋଲି ଶୁକ୍ରବାର 'ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ' ପକ୍ଷରୁ ଆୟୋଜିତ ଜିଏସ୍‌ଟି ସଂସ୍କାର ସମ୍ପର୍କିତ 'କନଭେସନ ଅନ୍ ଜିଏସଟି ରିଫର୍ମ - ୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରେଜେଣ୍ଟେସନ ମାଧ୍ୟମରେ ଟିକସ ପ୍ରକ୍ରିୟା ସରଳୀକରଣ ଦ୍ୱାରା ମୋଦୀ ସରକାରରେ ଆସିଥିବା ଅଭୂତପୂର୍ବ ପରିବର୍ତ୍ତନ ଏବଂ ଓଡ଼ିଶାକୁ ମିଳିବାକୁ ଥିବା ଲାଭ ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ। ସବିଶେଷ ତଥ୍ୟ ଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ଦାୟିତ୍ୱ ନେବା ପରେ ୨୦୧୭ରେ ଜିଏସ୍‌ଟି ଲାଗୁ କରାଗଲା। ସେ ସମୟରେ ସ୍ତମ୍ଭକାରଙ୍କ ସମେତ ପୃଷ୍ଠା-୬



କାନ ଡେରିଥା

ମାଗଣାରେ ଏଠି ମିଳୁଥାଏ ବେଶୀ
ତାହା ହେଲା ଉପଦେଶ
ଆଚରଣ ଯଦି ନିଜେ ନମାନୁଛ
କହି ଅବା ଲାଭ କିସ
ବଦଳି ଗଲେ ଅଭ୍ୟାସ...
ଉପଦେଶ ଯିଏ ଦେଉଥାଏ
ନିତି
ସିଏ ହେବ ଲସପସ ।

■ ଦେବାଶିଷ

ଆକ୍ସନରେ ନବୀନ

ପ୍ରଫୁଲ୍ଲଙ୍କ ଜରିଆରେ ଦଳ ବିରୋଧୀଙ୍କୁ ଚେତାବନୀ

ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ବିଜେଡିରେ ରହି ଦଳ ବିରୋଧୀ ବୟାନବାଜି କରୁଥିବା ନେତାଙ୍କ ବିରୁଦ୍ଧରେ ଆକ୍ସନକୁ ଆସିଛନ୍ତି ନବୀନ ପଟ୍ଟନାୟକ। ଦଳ ବିରୋଧୀ ଅମାନିଆଙ୍କୁ ସାବାଡ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପ୍ରଫୁଲ ମଲ୍ଲିକଙ୍କୁ ଦଳରୁ ନିଲମ୍ବନ କରି ଚେତାବନୀ ଦେଇଛନ୍ତି। ସ୍ପଷ୍ଟ ସୂଚାଇ ଦେଇଛନ୍ତି ଦଳରେ ରହି ସବୁ କ୍ଷମତା ଓ ସୁବିଧା ହାତେଇବା ପରେ ଏବେ ଦଳ ବିରୋଧରେ ଗଲେ କ୍ଷମା କରାଯିବ ନାହିଁ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜଧାନୀରେ ଗୋଟିଏ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରିବା ପରେ ଦଳରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସାଂସଦ, ବିଧାୟକ, ପୂର୍ବତନ ମନ୍ତ୍ରୀ ଏପରିକି ନିଜ ଅପାରଗତା ପାଇଁ ଗତ ନିର୍ବାଚନରେ ଶୋଚନୀୟ ଭାବେ ହାରିଥିବା ନେତା ବି ପ୍ରଶ୍ନ ପଚାରିବାକୁ ପଛାଉ ନାହାନ୍ତି। ଏପରିକି ଛାତ୍ର ଓ ଯୁବ ମୁଖିଆ ନିଯୁକ୍ତି ନେଇ ସିଧାସଳଖ ଭାବେ ନବୀନଙ୍କୁ ଟାର୍ଗେଟ କରି ମନ୍ତବ୍ୟ ଦେଉଛନ୍ତି। କିଏ ଗଣମାଧ୍ୟମରେ ତେରେଛା ବାଣ ମାରୁଛି ତ ଆଉ କିଏ ଲୁଚି ଛପି ଭିଡିଓ ଜାରି କରୁଛି।

ଶୃଙ୍ଖଳିତ ଆଞ୍ଚଳିକ ଦଳ ଭାବେ ବେଶ୍ ଜଣାଶୁଣା ବିଜେଡିରେ ଗତ କିଛିଦିନ ଧରି ଏପରି ନାଟକ ଚାଲିବା ପରେ ଆଜି ଆକ୍ସନକୁ ଆସିଛନ୍ତି ନବୀନ। ଗତକାଲି ପୂର୍ବତନ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଦଳର କାର୍ଯ୍ୟକୁ ବିରୋଧ କରି ଗଣମାଧ୍ୟମରେ କହିବା ସହିତ ଦଳ ଛାଡିବେ ବୋଲି ସଙ୍କେତ ଦେଇଥିଲେ। ତେଣୁ କାଳ ବିଳମ୍ବ ନକରି ନବୀନ ଆଜି ତାଙ୍କୁ ରାସ୍ତା ଦେଖାଇଛନ୍ତି। ସେହିଭଳି ଦଳ ଛାଡିଥିବା ପୂର୍ବତନ ସାଂସଦ ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା ଓ ଯୁବନେତା ହରିଶଙ୍କରଙ୍କ ପାଇଁ ମଧ୍ୟ କୌଣସି ସମବେଦନା ଦେଖାଇ ନାହାନ୍ତି।

ନବୀନଙ୍କ ଆଜି ଏକ ଆକ୍ସନ ପରେ ଦଳରେ ଆଗକୁ ଆଉ କିଛି ଘଟିପାରେ ବୋଲି ଆଲୋଚନା ଜୋର ଧରିଛି। କାରଣ କିଛି ହାରୁ ନେତା ଦଳରେ ନିଜ ପତିଆରା ବୃଦ୍ଧି ପାଇଁ ପରଦା ପଛରେ ରହି ଦଳ ବିରୋଧୀ କାର୍ଯ୍ୟ ଚଳାଇଛନ୍ତି। ନିଜ ନିଜ ଚେଲା ଚାମୁଣ୍ଡାଙ୍କୁ ଦଳୀୟ କାର୍ଯ୍ୟାଳୟକୁ ପଠାଇ ବରିଷ୍ଠ ନେତାଙ୍କୁ ଘେରାଉ କରି ପ୍ରଶ୍ନ ପଚାରିବା ସହିତ ବିଭିନ୍ନ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତେଣୁ ଏମାନଙ୍କୁ ସାବାଡ ପାଇଁ ବି ଦଳ ସଭାପତି ନିଷ୍ପତ୍ତି ନେଇ ପାରନ୍ତି।



ଉଲ୍ଲେଖନୀୟ ଯେ, ନବୀନ ପଟ୍ଟନାୟକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ତାଙ୍କ ଦଳର କିଛି ନେତା ଗୁଜବ ରଚନା କରିଥିଲେ। ନବୀନଙ୍କ ଚିକିତ୍ସାର ଟିକିନିଖି ବୁଝୁଥିବା ପାଣ୍ଡିଆନ କାହାରିକୁ ନବୀନଙ୍କ ନିକଟକୁ ଛାଡି ଦେଉନାହାନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଏପରିକି ବରିଷ୍ଠ ନେତା ରାଜା ସ୍ୱାଇଁ ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କୁ ପାଣ୍ଡିଆନ ଛାଡିଲେ ନାହିଁ ବୋଲି କହି ବୁଲିଲେ। ହ

ଚୋରା ମଦ ଜବତ, ୫ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, ୧୨।୯ (ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ, ଜମ୍ମୁ ସାମୁଦ୍ରିକ ଓ ତକ୍ତିଆପାଳ ସାମୁଦ୍ରିକ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଅଠରବାଟିଆ ଗ୍ରାମର ଗୌତମ ମଲିକ(୩୮)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଅଳଭା ଗ୍ରାମର ପ୍ରମୋଦ ମଲିକ(୩୮)ଙ୍କ ଠାରୁ ୨୨ ଲିଟର ଦେଶୀ ମଦ, ମାଟିଆ ଗ୍ରାମର ସୁବାସ ମଲିକ(୫୦)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ପ୍ରଭାକରପୁର ଗ୍ରାମର ରଜତ ରାଉତ(୩୮)ଙ୍କ ଠାରୁ ୯୬୩ ଲିଟର ଦେଶୀ ରନ୍ଧା ମଦ ଓ ପ୍ରଭାକର ପୁର ଗ୍ରାମର ଚୈତନ୍ୟ ରାଉତ(୫୭)ଙ୍କ ଠାରୁ ୨୧୨ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୧୨୪୮ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ମଲିକ, କଳ୍ପନା ରାଉତଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

ତୁଳସୀ ମହିଳା ମହାବିଦ୍ୟାଳୟରେ ଉଦ୍‌ବୋଧନୀ କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା,୧୨।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାର ଆଭ୍ୟନ୍ତରୀଣ ଗୁଣ ନିର୍ଦ୍ଧାରଣ କୋଷ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସାଂସଦର ମିଳିତ ଆନୁକୁଲ୍ୟରେ ଉଦ୍‌ବୋଧନୀ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ମହାବିଦ୍ୟାଳୟର ଅଧକ୍ଷ ଡ଼ ମଥୁରି ଚରଣ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରୁଥିଲେ । ସ୍ୱାମୀ ବିବେକାନନ୍ଦ ଲୋକ ସାଂସଦର ପୂର୍ବସଂଭାଗର ଅଧକ୍ଷ ଡ଼ ପ୍ରମୋଦ କୁମାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଆଭ୍ୟନ୍ତରୀଣ ଗୁଣ ନିର୍ଦ୍ଧାରଣକୋଷରସଂଯୋଜିକାଡ଼ଏରି କାମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତଥା ବକ୍ତା ଶ୍ରୀ ଜଗତ୍ କିଶୋର ଦାସ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ତଥା ଆଦର୍ଶ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ଏବଂ ଅଧାପକ, ଅଧାପିକା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଇଂରାଜୀ ଅଧାପକ ଡ଼ ଶକ୍ତିଶେଖର ଦାଶ ପରିଚାଳନା କରିଥିଲେ ।

ଜିଲ୍ଲାପାଳଙ୍କ ଡିଜିଟାଲ୍ ଫସଲ ସର୍ଭେ ଓ ସାର ବିକ୍ରୟର ତଦାରଖ



କେନ୍ଦ୍ରାପଡ଼ା,୧୨।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଏକ ଚାଷୀବହୁଳ ଜିଲ୍ଲା ହୋଇଥିବାରୁ ଜିଲ୍ଲାରେ ଚାଷ କାର୍ଯ୍ୟକୁ ଆଗେଇ ନେବା ପାଇଁ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ଦେବା ପାଇଁ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର ଜିଲ୍ଲାକୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସହିତ ଯୋଗାଯୋଗ ରଖି ସମସ୍ତ କାର୍ଯ୍ୟ ନିଜେ ତଦାରଖ କରୁଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାପାଳ ଶ୍ରୀ ଆୟାର ବିଭିନ୍ନ ପ୍ୟାକ୍ସ ପରିଦର୍ଶନ କରି ଚାଷୀମାନଙ୍କୁ ସାର ବଣ୍ଟନର କାର୍ଯ୍ୟକ୍ରମକୁ ଦେଖିବା ସହ ଜିଲ୍ଲାର ସାର ବିତରକ ମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନାରେ ବିତରକ ମାନଙ୍କୁ ଚାଷୀମାନେ ଯେଭଳି ସାର ସହଜରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ପାଇ ପାରିବେ ସେଥିପ୍ରତି ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ।

ଦକ୍ଷିଣ ଆଫ୍ରିକାରୁ ମୃତଦେହ ଫେରାଇ ଆଣିବାକୁ ଦାବି


(ଫାଇଲ୍ ଫଟୋ)

କେନ୍ଦ୍ରାପଡା,୧୨।୯(ସଂଚାର ବ୍ୟୁରୋ): ଦକ୍ଷିଣ ଆଫ୍ରିକାରୁ ପୁଅର ମୃତଦେହ ଫେରାଇ ଆଣିବା ପାଇଁ ଦାବି କରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି କେନ୍ଦ୍ରାପଡା ତାଳତୁଆ ମେରାଇନ ଥାନା ଅନ୍ତର୍ଗତ ଡାଙ୍ଗମାଳ ଗାଁର ବାସୁଦେବ ବେହେରା । ବାସୁଦେବଙ୍କ ବଡ଼ପୁଅ ନିଶିଦେବ ବେହେରାଙ୍କର ଦକ୍ଷିଣ ଆଫ୍ରିକାର ଲିବ୍ରଭେଲ ଗେବନ୍‌ରେ ଗତ ୯ ତାରିଖରେ ମୃତ୍ୟୁ ଘଟିଥିଲା। ସେ ନିଜ ଶୋଇବା ଘର ଭିତରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର ହୋଇଥିଲେ । ଗତ କିଛି ଦିନ ଧରି ନିଶିଦେବ ସେଠାକାର ସଲିଡ ଉଡ ଇଣ୍ଟରନେସନାଲ ପ୍ରାଇଭେଟ୍ ଲିମିଟେଡ କମ୍ପାନୀରେ କାମ କରୁଥିଲେ। ତାଙ୍କ ପୁଅକୁ ଆତ୍ମହତ୍ୟା କରି ନାହିଁ ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ କେନ୍ଦ୍ରାପଡା ଜିଲାପାଳ ରଘୁରାମ ଆର୍ ଆୟରଙ୍କ ନିକଟରେ ଅଭିଯୋଗ ହୋଇଛି । ତେବେ ତାଙ୍କ ପୁଅର ମୃତ ଦେହ ଫେରାଇ ଆଣିବା ପାଇଁ ପରିବାର ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି ।

ସରସ୍ୱତୀଙ୍କ ପାଇଁ ସରକାରୀ ଯୋଜନା ସାତ ସପନ

କେନ୍ଦ୍ରାପଡ଼ା,୧୨।୯ (ସଂଚାର ବ୍ୟୁରୋ): ରାଜ୍ୟରେ କେହି ଅସହାୟ କିମ୍ବା ଭିନ୍ନକ୍ଷମ ଦରିଦ୍ର ସୀମାରେଖା ତଳେ ବସବାସ କରୁଥିବା ଲୋକେ କେହି ଯେପରି

ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ଶୁଣୁନି ପ୍ରଶାସନ

ସରକାରୀ ଯୋଜନାରୁ ବଞ୍ଚିତ ନହେବେ ତାକୁ ନେଇ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି । କିନ୍ତୁ ଏହାର ବ୍ୟତିକ୍ରମ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅଞ୍ଚଳରେ ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବିଜୟ ନଗର ଗ୍ରାମପଞ୍ଚାୟତ ବିଜୟ ନଗର ଗ୍ରାମର ଭିନ୍ନକ୍ଷମ ବୃଦ୍ଧା ସରସ୍ୱତୀ ଜେନା ଭଉଣୀ ସୁମିତ୍ରା ଜେନା ଦୁଇଜଣ ସରକାରଙ୍କ ସାମାଜିକ



ସୁରକ୍ଷା ବିଭାଗ ଦ୍ୱାରା ୯୦%ରୁ ଉର୍ଦ୍ଧ୍ୱ ଭିନକ୍ଷମ ପ୍ରମାଣ ପତ୍ର ପାଇଥିବା ବେଳେ ଦୁଇ ଭଉଣୀଙ୍କୁ ଏପର୍ଯ୍ୟନ୍ତ ଅନ୍ତ୍ୟୋଦୟ କିମ୍ବା ସରକାରୀ ବାସ ଗୃହ ପାଇଁ ଜମିଖଣ୍ଡିଏ ଯୋଗାଇ ଦିଆଗଲା ନାହିଁ।



ଖବର ମୁତାବକ ଭୋଟ୍ ଉପରେ ନଳିତା ବିଡା ଭଳି ମହାକାଳପଡ଼ା ତହସିଲଦାର ମଧ୍ୟ ଭିନ୍ନକ୍ଷମ ସରସ୍ୱତୀଙ୍କ ଗୃହ ମଧ୍ୟ ଉଚ୍ଛେଦ କରିଦେଇଛନ୍ତି । ଏବେ ସରସ୍ୱତୀ ଏବଂ ତାଙ୍କ ବିକଳାଙ୍ଗ ଭଉଣୀ ଏକ ପଲ୍ଲା ମାରି ରହୁଛନ୍ତି । ସବୁଠାରୁ ବ୍ୟତିକ୍ରମ ବିଷୟ ଏକିଯେ ମ ହ । କ । ଳ ପ ଡ଼ । ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ପଞ୍ଚାୟତ ବାସିନ୍ଦା ହୋଇଥିବା ବେଳେ କାହିଁକି ବିଧାୟକ ଦେଖିପାରିଲେ ନାହିଁ । ଭଙ୍ଗା ଚାଳ ଛପର ଘରେ ଦୁଇ ଭିନ୍ନକ୍ଷମ ଭଉଣୀଙ୍କ ଜୀବନ କାଳତିପାତ କରୁଥିବା ବେଳେ ସରକାରୀ ବାସଗୃହ ଏବଂ ଭୂମିହୀନ ହୋଇଥିବାରୁ ଏହି ଭିନ୍ନକ୍ଷମ ସରସ୍ୱତୀଙ୍କ ପାଇଁ ସରକାରୀ ସୁବିଧା ସାତ ସପନ ପାଲଟିଛି ।

ସରସ୍ୱତୀଙ୍କ ଦୁଃଖ କେହି ନଶୁଣିବା ଫଳରେ ନିଜେ ସରସ୍ୱତୀ ଆଜି ରାସ୍ତାରେ ଘୁଷୁରୀ ଘୁଷୁରୀ କି ଜିଲ୍ଲାପାଳଙ୍କୁ ଦୁଃଖ ଜଣାଇଛନ୍ତି। ସବୁଠାରୁ ଦୁଃଖ ଆଉ ପରିତାପର ବିଷୟ ସରକାର ଭିନ୍ନକ୍ଷମ ମାନଙ୍କ ପାଇଁ ମାଳ ମାଳ ଯୋଜନା କରୁଥିବା ବେଳେ ମହାକାଳପଡ଼ା ଭିନ୍ନକ୍ଷମ ସରସ୍ୱତୀଙ୍କ ପାଇଁ ବାସଗୃହ ଏବଂ ଅନ୍ତ୍ୟୋଦ୍ୟ ଯୋଜନା କାହିଁକି ଅପହଞ୍ଚ ହୋଇପଡିଛି। ସରକାର କେହି ଭୂମିହୀନ ରହିବେ ନାହିଁ କହୁଥିବା ବେଳେ ସରସ୍ୱତୀ କାହିଁକି ଦୁଃଖ ପାଉଛନ୍ତି । ତାହା ସାଧାରଣ ଏକ ବଡ ପ୍ରଶ୍ନ ହୋଇ ଠିଆ ହୋଇଛି ।

ୟୁରିଆ ସାର ସଂକଟ ଯୋଗୁଁ ତାତିଲେ ଚାଷୀ



ପଟ୍ଟାମୁଣ୍ଡାଇ,୧୨।୯ (ସଂଚାର ବ୍ୟୁରୋ): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଷିଆ ପଂଚାୟତର ଶ୍ୟାମସୁନ୍ଦର ପୁର ସମବାୟ ସମିତିର ଚାଷୀମାନେ ୟୁରିଆ ସାରର ଉତ୍କଟ ଅଭାବକୁ ନେଇ ତାତି ଉଠିଛନ୍ତି । ଆଜି ଶ୍ୟାମସୁନ୍ଦରପୁର ସୋସାଇଟିର ଶହ ଶହ ଚାଷୀ ସାର ନପାଇ ତାତି ଉଠିବା ସହିତ ସମବାୟ ସମିତି କାର୍ଯ୍ୟାଳୟ ଠାରେ ପହଂଚି ସାର ବଣ୍ଟନ ପାଇଁ ଦାବି କରିଥିଲେ ।

ମାତ୍ର ୫୦୦ ଚାଷୀଙ୍କ ପାଇଁ ସମବାୟ ସମିତିକୁ ସରକାରୀ ଭାବେ ୧୧୧ ବସ୍ତା ସାର ଯୋଗାଇ ଦିଆଯାଇ ଯାଇଥିବାରୁ ସମବାୟ ସମିତି ସଭାପତି ସୁଦାମ ରାଉତ, ସମ୍ପାଦକ ତପନ ସ୍ୱାଇଁ, ପୂର୍ବତନ ସଭାପତି ଗୌରାଙ୍ଗ ସ୍ୱାଇଁ, ହୃଦୟ ବଲ୍ଲଭ ରାଉତ ରବୀନ୍ଦ୍ର ସାହୁ, ତ୍ରିଲୋଚନ ସ୍ୱାଇଁ, ରମେଶ ସାହୁ ଓ କୃଷକ ସାଥୀ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ମାନେ ଚାଷୀଙ୍କ ଅସନ୍ତୋଷକୁ ଦେଖି ଗଞ୍ଜଗୋଳ ଆଶଙ୍କାରେ ସାର ବଣ୍ଟନ ନକରି ସ୍ଥାନୀୟ ପ୍ରଶାସନର ସହାୟତା ଲୋଡିଥିଲେ। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ସ୍ଥିତି ଅବଗତ କରିବା ସହିତ ଚାଷୀ ମାନଙ୍କ ଆବଶ୍ୟକ ସାର ଯୋଗାଇବା ନଚେତ ସମବାୟ ସମିତିକୁ ମଂଜୁର କରାଯାଇଥିବା ସାର ପ୍ରଶାସନ ନିଜ ଦାୟିତ୍ୱରେ ବଣ୍ଟନ କରିବା ପାଇଁ ଲିଖିତ ଭାବେ ଜଣାଇ ଥିଲେ।

ତେବେ ଶ୍ୟାମସୁନ୍ଦରପୁର ସମବାୟ ସମିତିରେ ସାରର ଉତ୍କଟ ଅଭାବ ଓ ବଣ୍ଟନକୁ ନେଇ ଚାଷୀ ମହଲରେ ଚରମ ଅସନ୍ତୋଷ ଓ ଉତ୍ତେଜନା ଲାଗି ରହିଛି। ପ୍ରଶାସନ ଏ ଦିଗରେ କଣ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

ସାଲେପୁର,୧୨।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪୩ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ରେଫରାଲ ଡାକ୍ତରଖାନା ହୋଇଥିଲେ ମଧ୍ୟ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାବେଳେ ଏଠାରେ ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ କରିବା ପାଇଁ ନିହାତି ଆବଶ୍ୟକତା ରହିଥିବାବେଳେ ସରକାର ଅଦ୍ୟାବଧି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେଇନାହାଁନ୍ତି।

ସେହିପରି ଏହି ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କ ପାଇଁ ପରୀକ୍ଷା ନିମିତ୍ତ ଏକ୍ସରେ ମେସିନ୍ ଅଚଳ ହୋଇପଡ଼ିଛି। ଇ.ସି.



ଜି. ମେସିନ୍, ରକ୍ତର ଲିପିଡ୍ ପ୍ରୋଫାଇଲ୍ ଓ ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବ୍ୟବସ୍ଥା ନଥିବାରୁ ରୋଗୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଲେପୁର ଅଞ୍ଚଳର ପ୍ରାୟ ୨ଲକ୍ଷରୁ ଅଧିକ ଜନସାଧାରଣଙ୍କ ପାଇଁ ଏହା ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାବେଳେ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନେ ଘରୋଇ ନର୍ସିଂହୋମ୍‌କୁ ଯାଉଛନ୍ତି। ବିଶେଷ କରି ମେଡ଼ିସିନ୍, ଚର୍ମ, ସର୍ଜରୀ ବିଭାଗର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଦାବି ହେଉଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉନାହିଁ।

ନିକଟରେ କଟକ ଜିଲ୍ଲାପାଳ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସିଥିବାବେଳେ ତୁରନ୍ତ ଡାକ୍ତର ପଦବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହେଲା ନାହିଁ। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ସହିତ ପରୀକ୍ଷା ନିରୀକ୍ଷା ପାଇଁ ଏକ୍ସରେ ମେସିନ୍‌କୁ ସଚଳ କରାଇବା, ଇ.ସି.ଜି ଓ ରକ୍ତ ପରୀକ୍ଷା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ତିତରଞ୍ଜନ ମହାନ୍ତି ଦାବି କରିଛନ୍ତି।

ମହିଳାଙ୍କୁ ମାଡ଼, ଥାନାରେ ଏତଲା

କେନ୍ଦ୍ରାପଡା,୧୨।୯(ସଂଚାର ବ୍ୟୁରୋ): ବ୍ୟାଙ୍କକୁ ନିଜର ଜରୁରୀ କାର୍ଯ୍ୟରେ ଯାଇଥିବା ଜଣେ ବୃଦ୍ଧା ଏବଂ ତାଙ୍କ ଝିଅଙ୍କୁ ବ୍ୟାଙ୍କ ସମ୍ମୁଖରେ ଜଣେ ବ୍ୟକ୍ତି ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା କେନ୍ଦ୍ରାପଡା ସହର ମଧ୍ୟରେ ଥିବା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଘଟିଥିବା ଜାଣିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ ନିକିରାଇ ଥାନା ଅଧୀନରେ ଥିବା କମରା ଗ୍ରାମର ୨୪ ବର୍ଷୀୟା ହିରାରାଣୀ ସାହୁ ତାଙ୍କ ମାଆଙ୍କୁ ସ୍ଲୁଟି ସାହାଯ୍ୟରେ ଷ୍ଟେଟ ବ୍ୟାଙ୍କକୁ ଟଙ୍କା ଉଠାଣ ନିମନ୍ତେ ଯାଇଥିଲେ । ବ୍ୟାଙ୍କ ସମ୍ମୁଖରେ ସ୍ଲୁଟି ରଖି ଟଙ୍କା ଉଠାଣ ପରେ ବାହାରକୁ ଆସିଥିଲେ। ଏହାପରେ ନିଜର ସ୍ଲୁଟି ଥିବା ସ୍ଥାନରେ ଅନ୍ୟ ଏକ ବାଇକ୍ ଥିବାରୁ ହୀରାରାଣୀ ସ୍ଲୁଟି ଷ୍ଟାଣ୍ଡ ମଧ୍ୟରୁ ବାହାର କରି ପାରିନଥିଲେ । ଯାହା ଫଳରେ ବାଇକ୍ ରଖିଥିବା ବ୍ୟକ୍ତିଙ୍କୁ ଖୋଜିଥିଲେ । କିନ୍ତୁ ସେ ବ୍ୟକ୍ତି ଜଣକ କାହିଁକି ମୋତେ ଡାକିଲୁ ବୋଲି କହି ଅଶ୍ଳୀଳୀନ ଭାଷାରେ ଗାଳି ଗୁଲଜ କରିଥିଲେ ଯାହା ଫଳରେ ଯୁବତୀ ଜଣକ ପ୍ରତିବାଦ କରିବାରୁ ଯୁବକ ଜଣକ ସର୍ବସମ୍ମୁଖରେ ମହିଳା ଜଣକୁ ଚାପୁଡ଼ା ମାରି ପାଳାଇ ଯାଇଥିଲା । ଶେଷରେ ମହିଳା ଜଣକ ଟାଉନ ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଜିଲ୍ଲା କଂଗ୍ରେସ ସଭାପତି ଆଶାୟୀଙ୍କ ସହ ଆଲୋଚନା କଲେ ଗୋପିନାଥ

କେନ୍ଦ୍ରାପଡ଼ା,୧୨।୯(ସଂଚାର ବ୍ୟୁରୋ): କର୍ଣ୍ଣାଟକ ରାଜ୍ୟ ଦାୟୀତ୍ୱରେ ଥିବା ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଗୋପିନାଥ ପାଲାନିୟାପ୍ପନ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ପର୍ଯ୍ୟବେକ୍ଷକ ମାନସ କରଙ୍କ ସହିତ ଶୁକ୍ରବାର ପୂର୍ବାହ୍ନରେ କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ପହି ଥିଲେ । ପ୍ରଥମେ କଂଗ୍ରେସ ଭବନ ପରିସରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ



ପର୍ଯ୍ୟବେକ୍ଷକ ଶ୍ରୀ ପା।ଲା।ନି।ୟା।ପ୍ପ।ନ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ ସଭାପତି ପଦ ନିମନ୍ତେ ଆଶାୟୀ ଥିବା ପ୍ରାର୍ଥୀ ପ୍ରଫୁଲ୍ଲ ଦାସ, ହଳଧର ସେଠୀ, ସଞ୍ଜୟ କୁମାର ରାଉତ, ଫକିର ଚରଣ ଖଟୁଆ, ସତ୍ୟପ୍ରିୟ ସାମଲ, ମଳୟ ଦାସ, ରତିକାନ୍ତ କାନୁନଗୋ ପ୍ରମୁଖଙ୍କ ସହ ୱାନ ଟୁ ୱାନ ଆଲୋଚନା କରିଥିଲେ । ପରେ ପର୍ଯ୍ୟବେକ୍ଷକ ଶ୍ରୀ ପାଲାନିୟାପ୍ପନ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ଓ ଆଇନଜୀବୀ ବିଧୁଭୂଷଣ ମହାପାତ୍ରଙ୍କ ସମେତ ଦଳର ଅନ୍ୟ ନେତା ଓ କର୍ମୀମାନଙ୍କ ସହ ଆଲୋଚନା କରିବା ପରେ ନାଗରିକ ସମାଜ ଏବଂ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହ ୱାନ ଟୁ ୱାନ ଆଲୋଚନା କରି କାହାକୁ କଂଗ୍ରେସ ଦଳର ଜିଲ୍ଲା ସଭାପତି କଲେ ସାଂଗଠନିକ ତଥା ଦଳର ହିତଦୃଷ୍ଟିରୁ ଶୁଭଙ୍କର ହେବ ବୋଲି ପଚାରି ବୁଝିଥିଲେ ।

ଛାତରୁ ଖସିଲା ପ୍ଲାଷ୍ଟର



କେନ୍ଦ୍ରାପଡ଼ା,୧୨।୯(ସଂଚାର ବ୍ୟୁରୋ): ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଛାତରୁ ଖସି ପଡିଲା ପ୍ଲାଷ୍ଟର । ଆଜି ଦିନ ପ୍ରାୟ ସାଢେ ଗୋଟାଏ ବେଳେ କର୍ମଚାରୀମାନେ ଅଫିସରେ ଥିବା ବେଳେ ହଠାତ୍ ଛାତରୁ ଏକ ବଡ ଅଂଶ ପ୍ଲାଷ୍ଟର ଖସି ପଡିଥିଲା । ଏଥିରେ ଶିଶୁ ମଙ୍ଗଳ ବିଭାଗର ଲିଗାଲ୍ ଅଫିସର ବିବେକାନନ୍ଦ ଅଟୋବୁଦ୍ଧି ଆହତ ହୋଇଛନ୍ତି । ତାଙ୍କ ବାମ କାନ୍ଧ ଓ ହାତରେ ଗଭୀର ଆଘାତ ଲାଗିଛି । ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୁରୁଣା ତହସିଲ୍ କାର୍ଯ୍ୟାଳୟରେ ଗତ ଦେଢବର୍ଷ ଧରି ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଚାଲିଛି। ଛାତରୁ ପ୍ଲାଷ୍ଟର ଖସିଲା ପରେ ଅନ୍ୟ କର୍ମଚାରୀ ଭୟଭିତ ହୋଇ ପଡ଼ିଛନ୍ତି ।

ଛତାରେ ହେବ ବସ୍‌ଷ

● ଅବକାରୀ ବିଭାଗର ବଡ଼ ଅଭିଯାନ

ଦିନକରେ ୨.୬୩ କୋଟିର ବେଆଇନ ସାମଗ୍ରୀ ଜବତ

ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ଏବେ ଚାଲିଥିବା ଏନ୍‌ଫୋର୍ସମେଣ୍ଟ ସ୍ପେଶାଲ୍ ଡ୍ରାଇଭ୍‌ର ଏକାଦଶ ଦିନରେ ମୋଟ ୨.୬୩ କୋଟି ଟଙ୍କାର ବେଆଇନ ସାମଗ୍ରୀ ଜବତ ହୋଇଛି। ଏହି ଅଭିଯାନରେ ୨୬୩ଟି ମାମଲା ରୁଜୁ ହେବା ସହ ୧୫୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୧୩ ହଜାର ୮୨୭ ବିଏଲ୍ ବେଆଇନ ମଦ, ୪୨୯ ବିଏଲ୍ ଡ୍ୟୁଟି-ପେଡ୍ ଲିକର୍ ଜବତ ହୋଇଛି। ମଦ ପାଇଁ ବ୍ୟବହୃତ ୧.୪୧ ଲକ୍ଷ ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ୯୦୦ କିଗ୍ରା ମହୁଲି ଫୁଲ ଜବତ ହୋଇଛି ଏବଂ ୩୩ଟି ଗାଡ଼ି ଜବତ ହୋଇଥିବା ଜଣାପଡ଼ିଛି। ନାର୍କୋଟିକ୍ସ ଅଭିଯାନରେ ମଧ୍ୟ ବଡ଼ ଧରଣର ସଫଳତା ସହ ମୋଟ ୨୩ଟି ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଛି। ଏଥିରେ ୩୨୪ କିଗ୍ରା ଗଞ୍ଜେଇ ଓ ୬୪୭ ଗ୍ରାମ୍ ହେରୋଇନ୍ ଜବତ ହୋଇଛି। ଏହି ଅଭିଯାନ ବେଆଇନ ମଦ ଓ ମାଦକ ବ୍ୟବସାୟ ପ୍ରତି ଶୂନ୍ୟ ସହନଶୀଳତା ନୀତିକୁ ସୂଚାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

କର୍ଣ୍ଣାଟକ ଗସ୍ତରେ ବାଚସ୍ପତି ସୁରମା ପାଢ଼ୀ

ବିତର୍କ ଓ ଆଲୋଚନା ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳମନ୍ତ୍ର



ଭୁବନେଶ୍ୱର, ୧୨।୯(ସଂଚାର ବ୍ୟୁରୋ): କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆୟୋଜିତ ଏକାଦଶ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ 'ବିଧାନସଭା ଗୃହରେ ବିତର୍କ ଓ ଆଲୋଚନା: ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସଭାଜନରେ ସହାୟକ' ଶୀର୍ଷକ ଆଲୋଚନାରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର, ପବିତ୍ର ସ୍ଥାନ, ଯେଉଁଠାରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ସମସ୍ୟାର ସମାଧାନ ଓ ଏହାର ନିରାକରଣ ସମ୍ଭବ ହୋଇଥାଏ। ବିତର୍କ ମାଧ୍ୟମରେ ସହମତି ପ୍ରକାଶ ପାଏ, ସଂଶୋଧନ ହୁଏ ଓ ଏଠାରେ ସାଧାରଣ ଲୋକଙ୍କର ସ୍ୱର ପ୍ରତିଫଳିତ ହୁଏ। ସଂସଦୀୟ ପରମ୍ପରାରେ ବିତର୍କ ଓ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଗଣତନ୍ତ୍ରର ଜୀବନରେଖା। ଜନପ୍ରତିନିଧିମାନଙ୍କର ଉତ୍ତରଦାୟିତ୍ୱବୋଧ ଏଥିରେ ପ୍ରତିଫଳିତ ହୋଇଥାଏ। ବାଚସ୍ପତି ଶ୍ରୀମତୀ ପାଢ଼ୀ ପୁଣି କହିଛନ୍ତି ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ବିଧାନସଭାରେ ବିଭିନ୍ନ ବିଷୟରେ ଦୀର୍ଘ ସମୟ ଧରି ବିତର୍କ ହୋଇଛି। ଓଡ଼ିଶା ଚଳିତ ବିଧାନସଭାରେ ୬୨ଟି ବୈଠକ ଦିବସ ପରିଚାଳନା କରିବାର ରେକର୍ଡ ମଧ୍ୟ ସ୍ଥାପନ କରିଛି, ଯାହାକି ଜାତୀୟ ହାରଠାରୁ ବହୁତ ଅଧିକ। ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଶ୍ର ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୟ୍ୟା, ବାଚସ୍ପତି ୟୁ. ଟି, ଖାଦେର ଫରିଦ୍, ବିଭିନ୍ନ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତି ଯୋଗଦେଇଛନ୍ତି। ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ସମ୍ମିଳନୀ ଅବସରରେ ଅନୁଷ୍ଠିତ ବିଭିନ୍ନ ଅଧିବେଶନରେ ଅଧ୍ୟକ୍ଷତା କରିବା ପାଇଁ ୫ଟି ରାଜ୍ୟର ବାଚସ୍ପତିଙ୍କୁ ମନୋନୀତ କରିଥିବାବେଳେ ସେଥି ମଧ୍ୟରେ ଓଡ଼ିଶାର ବାଚସ୍ପତି ଶ୍ରୀମତୀ ପାଢ଼ୀ ସ୍ଥାନୀତ ହେବା ଓଡ଼ିଶା ପାଇଁ ଗୌରବର ବିଷୟ। ସମ୍ମିଳନୀରେ ଉପବାଚସ୍ପତି ଭବାନୀଶଙ୍କର ଭୋଇ କହିଛନ୍ତି ଯେ, ବିଧାନସଭା ଭିତରେ ଅର୍ଥପୂର୍ଣ୍ଣ ବିତର୍କ ଏବଂ ଆଲୋଚନା ମାଧ୍ୟମରେ ଗଣତନ୍ତ୍ର ଶକ୍ତିଶାଳୀ ହୁଏ । ଆମର ଗୃହ ହେଉଛି ଗଣତନ୍ତ୍ରର ମନ୍ଦିର। ବିଧାନସଭାର ପ୍ରକୃତ ଶକ୍ତି ବିଚାରବିମର୍ଶର ଗୁଣବତ୍ତା ଏବଂ ମର୍ଯ୍ୟାଦା ଉପରେ ପର୍ଯ୍ୟବେଶିତ। ଆମେ ସବୁବେଳେ ଏହା ଉପରେ ଗୁରୁତ୍ୱ ଦେବା ଉଚିତ ଯେ ଆମର ଅଧିକାର ଲୋକଙ୍କଠାରୁ ଆସିଥାଏ, ସେମାନଙ୍କର ବିଶ୍ୱାସ ସର୍ବଦା ଆମର ବିତର୍କକୁ ମାର୍ଗଦର୍ଶନ କରିବା ଉଚିତ।

ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର,୧୨।୯ (ସଂଚାର ବ୍ୟୁରୋ) : ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର । ପଶ୍ଚିମ କେନ୍ଦ୍ରୀୟ ସଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟବର୍ତ୍ତି ଅଞ୍ଚଳରେ ଲଘୁଚାପ କ୍ଷେତ୍ର । ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳ ସାଢ଼େ ୮ଟା ସମୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସଂଲଗ୍ନ ଉପର ବାୟୁ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଦକ୍ଷିଣ ଆଡ଼କୁ ଘୂର୍ଣ୍ଣିବଳୟ ସହିତ ବିସ୍ତାରିତ ହୋଇଛି। ଏହା ଆଗାମୀ ୨ ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି । ସେହିପରି ସେପ୍ଟେମ୍ବର ୧୪ ତାରିଖ ପାଇଁ ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରି ସତର୍କ କରିଛି ପାଣିପାଗ କେନ୍ଦ୍ର। ଏହି ଦୁଇଟି ଜିଲ୍ଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ବର୍ଷା, ଘଡ଼ଘଡ଼ି ସହ ଝଟକା ପବନ (୩୦-୪୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ।

ଭେନୁଗୋପାଳଙ୍କୁ ବିପୁଳ ସ୍ୱାଗତ

ଭୁବନେଶ୍ୱର, ୧୨।୯(ସଂଚାର ବ୍ୟୁରୋ) : ସଂସଦର ପବ୍ଲିକ ଆକାଉଣ୍ଟ କମିଟିର ଅଧ୍ୟକ୍ଷ କେ ସି ଭେନୁଗୋପାଳଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଂ କମିଟି ଓଡ଼ିଶାକୁ ୩ ଦିନିଆ ଗସ୍ତରେ ଆସି ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପୁରୀରେ ହେବାକୁ ଥିବା ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) ଶ୍ରୀ ଭେନୁଗୋପାଳ ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନକୁ ୧୪ ସେପ୍ଟେମ୍ବର ଅପରାହ୍ନ ୨ଟା ୩୦ରେ ଆସି ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଓ ପରେ ପିସିସି କର୍ମକର୍ତ୍ତା, ସୃଜନ ପର୍ଯ୍ୟବେକ୍ଷକ , ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନଙ୍କୁ ଉଦବୋଧନ ଦେବେ। ସୂଚନାଯୋଗ୍ୟ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ପିଏସି ବୈଠକରେ ସାଂସଦ ଓ ସମସ୍ତ ବିଧାୟକ ମଧ୍ୟ ଯୋଗଦେବେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପରବର୍ତ୍ତୀ ବୈଠକରେ ସମସ୍ତ କର୍ମକର୍ତ୍ତା, ସମସ୍ତ ଛାମୁଆ ସଂଗଠନ - ବିଭାଗ - ପ୍ରକୋଷ୍ଠର ମୁଖ୍ୟ ତଥା ସଦ୍ୟ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ନିୟୋଜିତ ପ୍ରତି ଜିଲ୍ଲାର ୩ ପିସିସି ପର୍ଯ୍ୟବେକ୍ଷକ ଯୋଗଦେବେ।



କୋଲକତା ଠାରେ ଅନୁରୂପ ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ବେଣୁଗୋପାଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ପିସିସି ସଭାପତି ଶ୍ରୀ ଦାସ ଓ ଓଡ଼ିଶା ପ୍ରଭାରୀ ଶ୍ରୀ ଲଲ୍ଲୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଅନୁରୂପ ଭାବେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ବିଧାୟକ ରମେଶ ଜେନା, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ବାହିନୀପତି, ଅରବିନ୍ଦ ଦାସ, ବିଶ୍ୱଜିତ୍ ଦାଶ, ଯାଶିର ନାୱାଜ୍, ରାଜୀବ ପଟ୍ଟନାୟକ, ପ୍ରଦୀପ ମହାପାତ୍ର, ରଜନୀ ମହାକ୍ତି, ଅଜୟ ମହାପାତ୍ର, ଦୀପକ ମହାପାତ୍ର, ଅଜୟ ସାହୁ, ମହମ୍ମଦ ଗୁଲଫାମ, ଆଲୋକ ଦାଶ, ବଳରାମ ନନ୍ଦ, ସୁରଜ୍ ରାଉତ୍, ଜଗଦୀଶ ଗଜେନ୍ଦ୍ର, ଅମରେଶ ପରିଡ଼ା, ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ମଧ୍ୟ ସ୍ୱାଗତ କରିଥିଲେ। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବହୁ ଯୁବ କଂଗ୍ରେସ କର୍ମୀ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

ସର୍ବଭାରତୀୟ ବୈଠକରେ ଶ୍ରମ ମନ୍ତ୍ରୀ

● ଶ୍ରମିକଙ୍କ ଉନ୍ନତି, ସୁରକ୍ଷା ପାଇଁ ଶ୍ରମ ନୀତିରେ ଆସିବ ବ୍ୟାପକ ସୁଧାର



ଭୁବନେଶ୍ୱର, ୧୨।୯(ସଂଚାର ବ୍ୟୁରୋ) : ଦେଶର ଶ୍ରମିକ ଭାଇଭଉଣୀଙ୍କ ସମୁଚିତ ଉନ୍ନତି, ସୁରକ୍ଷା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଶ୍ରମ ନୀତିନିୟମରେ ବ୍ୟାପକ ସୁଧାର ଅଣାଯିବାର ଆବଶ୍ୟକତା ସମ୍ପର୍କିତ ଏକ ସର୍ବଭାରତୀୟସ୍ତରୀୟ ବୈଠକ ଆଜି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ଼ଃ ମନସୁଖ ମାଣ୍ଡଭ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀଙ୍କ ସହିତ ଓଡ଼ିଶାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଏବଂ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକଶିତ ଭାରତ ୨୦୪୭ ସ୍ୱପ୍ନକୁ ସାକାର କରିବାକୁ ହେଲେ ଶ୍ରମିକ ଭାଇଭଉଣୀମାନଙ୍କ ସାମଗ୍ରିକ ଓ ସମୟୋଚିତ ବିକାଶକୁ ସୁନିଶ୍ଚିତ କରିବା ନିତାନ୍ତ ଆବଶ୍ୟକ। ସମୟର ଆହ୍ୱାନକୁ ସ୍ୱୀକାର କରି ଏକ ସମାବେଶୀ ଓ ସମନ୍ୱିତ ଶାସନ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ, କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହ ସମୁଚିତ ସମନ୍ୱୟ ରକ୍ଷା କରି ଶ୍ରମ ନୀତିନିୟମରେ ବ୍ୟାପକ ସୁଧାର ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଦେଶର ଶ୍ରମିକ ଭାଇଭଉଣୀଙ୍କ ଜୀବନରେ ଆଶାତୀତ ଉନ୍ନତି ଆଣିବାରେ ସାହାଯ୍ୟ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ଆଶା ବ୍ୟକ୍ତ କରିଛନ୍ତି।

ଶ୍ରମିକ ସଂସ୍ଥାନଗୁଡ଼ିକ ପାଇଁ ଏକକ ପଞ୍ଜୀକରଣ ବ୍ୟବସ୍ଥା ପ୍ରଚଳନ, ଲାଇସେନ୍ସର ମାନ୍ୟତା ସମୟ ବୃଦ୍ଧି ଏବଂ ସ୍ୱୟଂଚାଳିତ ପୁନଃନବୀକରଣ ବ୍ୟବସ୍ଥା ପ୍ରଚଳନ, ଶ୍ରମ ବଜାରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ସମାବେଶୀ ନୀତି ଓ ସୁରକ୍ଷିତ କାର୍ଯ୍ୟ ପରିବେଶର ନିର୍ମାଣର ଆବଶ୍ୟକତା ଉପରେ ବିଷଦ ଆଲୋଚନା ହୋଇଥିଲା। ତା ସହିତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବାଧ୍ୟତାମୂଳକ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଅଧିକ ଆଗ୍ରହ ସୃଷ୍ଟି ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଡିଜିଟାଲ ରୂପାନ୍ତୀକରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ନ୍ୟାସନାଲ କ୍ୟାରିଅର ସର୍ଭିସ ଏବଂ ଇ-ଶ୍ରମ ପ୍ଲାଟଫର୍ମଗୁଡ଼ିକର ଅଧିକରୁ ଅଧିକତର ଡିଜିଟାଇଜେସନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀଙ୍କ ପାଇଁ "ଏକଥର ସୁରକ୍ଷିତ, ସଦା ସୁରକ୍ଷିତ" ନୀତି ପ୍ରଣୟନ କରିବାକୁ ପ୍ରସ୍ତାବ ରଖିଥିଲେ, ଯାହା ଶ୍ରମିକମାନଙ୍କୁ ଜୀବନ ଜୀବିକାକୁ ଅଧିକ ସୁରକ୍ଷିତ କରିବାରେ ସହାୟକ ହେବ ବୋଲି ସେ କହିଥିଲେ।

ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ସିଂହଖୁଣ୍ଟିଆ କେନ୍ଦ୍ର ସରକାରଙ୍କ ସୁଧାର ଅନୁଚିନ୍ତାର ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଏହି ସୁଧାର ଗୁଡିକ ଦେଶ ନିର୍ମାଣ କରୁଥିବା ଶ୍ରମିକ ଭାଇଭଉଣୀଙ୍କ ଜୀବନ ଓ ଜୀବିକାରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ନେଇ ଆସିବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ କେନ୍ଦ୍ର ସରକାରଙ୍କୁ ଖୁବ ଶୀଘ୍ର ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ପରାମର୍ଶ ଦେଇଛନ୍ତି । ଶ୍ରମ ସୁଧାର ନୀତିନିୟମର ସଫଳତା କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ପ୍ରଶାସନର ସମାନ ଭାଗିଦାରୀ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି ।

ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପକ୍ଷରୁ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା



ଝାରସୁଗୁଡ଼ା,୧୨।୯(ସଂଚାର ବ୍ୟୁରୋ): ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ଇସ୍ପାତ ମନ୍ତ୍ରଣାଳୟ, ଭାରତ ସରକାର ଝାରସୁଗୁଡାସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ରଶ୍ମି ଗ୍ରୁପ୍) ଠାରେ ଏକ ଦିବସୀୟ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା ଆୟୋଜନ କରିଛନ୍ତି। ଆଲୋକ ଅବସ୍ଥି, ସହଯୋଗୀ ଉପାଧ୍ୟକ୍ଷ - ବାଣିଜ୍ୟିକ, ଏବଂ ରଞ୍ଜିତ କୁମାର ବିଶ୍ୱାଲ, ଓଏମପିଏଲ, ଝାରସୁଗୁଡାର ମହାପ୍ରବନ୍ଧକ (ଏଚ୍‌ଆର, ଆଇଆର, ଏବଂ ଆଡମିନ୍) ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଜ୍ଞାନ ଆଦାନପ୍ରଦାନ କର୍ମଶାଳାକୁ ଉଦଘାଟନ କରିଥିଲେ। ବିପିଏନଏସଆଇ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦଘାଟନୀ ଭାଷଣ ଦେଇଥିଲେ ଏବଂ ଓଏମପିଏଲ, ଝାରସୁଗୁଡାର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ କାର୍ଯ୍ୟକ୍ରମ ସୂଚୀ ଉପସ୍ଥାପନ କରିଥିଲେ। ଆଇଆଇଟି, ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ଡକ୍ଟର ରାମା କୃଷ୍ଣ ସାବତା, ଡିଆରଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ତାଙ୍କର ବକ୍ତୃତା ଶ୍ରେଣୀ ଆରମ୍ଭ କରିଥିଲେ।

୪୦୦ତମ ଏପିସୋଡରେ ଜୀ-ସାର୍ଥକର ମେଗା ଧାରାବାହିକ 'ତୁମ ବିନା'



ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ) : ଜୀ ସାର୍ଥକର ନିଜର ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ସହିତ ଓଡିଆ ଦର୍ଶକଙ୍କ ଘରେ ଘରେ ପହଞ୍ଚି ପାରିଛି, ଯେଉଁଥି ପାଇଁ ଆଜି ଓଡ଼ିଶାର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ହୋଇପାରିଛି। ଚ୍ୟାନେଲର ଏକାଧିକ ମେଗା ଧାରାବାହିକ ସଫଳତା ସାଉଁଟିଛି, ସେହିପରି ଐତିହାସିକ ୪୦୦ତମ ଏପିସୋଡରେ ପହଞ୍ଚିଛି ଏକ ଭିନ୍ନ କାହାଣୀ ନେଇ ମେଗା ଧାରାବାହିକ 'ତୁମ ବିନା'। ସମ୍ପୂର୍ଣ୍ଣ ଓଡିଆ ଘରର କାହାଣୀ ଓ ପରମ୍ପରାକୁ ନେଇ ମିଛ, ପ୍ରେମ, ବିଶ୍ୱାସଘାତକତା ଓ ପାରିବାରିକ ଚାପ ମଧ୍ୟରେ ଗଢ଼ି ଉଠିଛି ଏହି ସୁନ୍ଦର କାହାଣୀ ଓ ଏହାର ସବୁ ଏପିସୋଡ ଦର୍ଶକଙ୍କୁ ଦେଇଛି ରୋମାଞ୍ଚିକ ଅନୁଭୂତି। ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୮ଟାରେ ପ୍ରସାରିତ ହେଉଥିବା ଭିନ୍ନ ଧରଣର ଧାରାବାହିକର ମୁଖ୍ୟ ଚରିତ୍ରରେ ନଜର ଆସୁଥିବା ଅକ୍ଷୟ ଓ ଶୁଭ। କାହାଣୀରେ ଆସୁଥିବା ନାଟକୀୟ ମୋଡ଼ ଦର୍ଶକ ପାଇପାରିବେ। ଜୀ ସାର୍ଥକ ସବୁବେଳେ ଓଡିଆ ଦର୍ଶକଙ୍କ ଚିନ୍ତାଧାରା ଓ ଭଲପାଇବାକୁ ଧ୍ୟାନରେ ରଖି ମନଛୁଆଁ ମେଗା ଧାରାବାହିକ ପ୍ରସ୍ତୁତ କରିଥାଏ। ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଜୀ ସାର୍ଥକ। 'ତୁମ ବିନା' ମଧ୍ୟ ଦର୍ଶକଙ୍କ ମନ ଜିତିବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ।

● ସାର ନିଅଣ୍ଟ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

୧୫ରେ ରାଜଭବନ ଆଗରେ ବିଜେଡିର ଗଣଧାରଣା

ଭୁବନେଶ୍ୱର, ୧୨।୯(ସଂଚାର ବ୍ୟୁରୋ): ସାର ଅଭାବକୁ ନେଇ ରାଜ୍ୟର କୃଷକ ସମାଜ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରହିଛି ବୋଲି ରାଜ୍ୟ ସରକାର ବାରମ୍ବାର ଦାବିକୁ ସମାଲୋଚନା କରି ସମବାୟ ବିଭାଗର ତଥ୍ୟ ଗଣମାଧ୍ୟମ ଆଗରେ ପ୍ରସ୍ତୁତ କରି ରାଜ୍ୟରେ ସାର ନିଅଣ୍ଟ ଥିବାର ପ୍ରମାଣ ଦେଇଛି ବିଜେଡି। ଏହାଛଡା, ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ, ଆସନ୍ତା ୧୫ ତାରିଖରେ, ବିଜେଡି ରାଜଭବନ ସମ୍

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ | ଶନିବାର ୧୩ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Saturday 13 September 2025, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସାମାଜିକ ପରିବର୍ତ୍ତନ ଓ ମହିଳା ହିଂସା



ଆଧୁନିକ ସମାଜରେ ମହିଳାଙ୍କ ବିରୋଧରେ ଅପରାଧର ବଢୁଥିବା ଘଟଣା ଏକ ଗମ୍ଭୀର ଚିନ୍ତାର ବିଷୟ। ଭାରତରେ ୨୦୨୨ରେ ମହିଳାଙ୍କ ବିରୋଧରେ ୪, ୪୫, ୨୫୬ଟି ମାମଲା ପଞ୍ଜିକୃତ ହୋଇଥିଲା, ଯାହା ୨୦୨୧ରୁ ୪% ବଢ଼ିଛି। ଏହା ପ୍ରତି ଘଣ୍ଟାରେ ପ୍ରାୟ ୫୧ଟି ଏଫ୍‌ଆଇଆର୍‌ର ହିସାବ ଦର୍ଶାଉଛି। ଏହି ସଂଖ୍ୟାଗୁଡ଼ିକ କେବଳ ପଞ୍ଜିକୃତ ମାମଲା; ଅନେକ ଘଟଣା ଲଜ୍ଜା କିମ୍ବା ଭୟରେ ଅନୁବେଦିତ ରହିଯାଉଛି। ସାମାଜିକ ପରିବର୍ତ୍ତନର ପ୍ରଭାବରେ ଏହି ଅପରାଧଗୁଡ଼ିକ କିପରି ବଢୁଛି, ତାହା ଆଲୋଚନା କରିବା ଆବଶ୍ୟକ।

ସାମାଜିକ ପରିବର୍ତ୍ତନ ଏକ ଦ୍ୱିମୁଖୀ ତଲୱାର ପରି। ଏକପାର୍ଶ୍ୱରେ, ମହିଳାମାନେ ଶିକ୍ଷା, ଚାକିରି ଏବଂ ସ୍ୱାଧୀନତା ପ୍ରାପ୍ତ କରୁଛନ୍ତି। ନଗରୀକରଣ, ଆଧୁନିକ ଜୀବନଶୈଳୀ ଏବଂ ଡିଜିଟାଲ୍ କ୍ରାନ୍ତି ମହିଳାଙ୍କୁ ନୂଆ ସୁଯୋଗ ପ୍ରଦାନ କରୁଛି। କିନ୍ତୁ ଅନ୍ୟପାର୍ଶ୍ୱରେ, ଏହି ପରିବର୍ତ୍ତନଗୁଡ଼ିକ ପାରମ୍ପରିକ ପୁରୁଷପ୍ରଧାନ ମନୋଭାବକୁ ଚ୍ୟାଲେଞ୍ଜ୍ କରୁଛି, ଯାହା କ୍ରୋଧ ଏବଂ ହିଂସାର ରୂପ ନେଉଛି। ପିତୃତାନ୍ତ୍ରିକ ସମାଜରେ ମହିଳାଙ୍କ ସଶକ୍ତିକରଣକୁ ଅନେକ ପୁରୁଷ ଏକ ବିପଦ ଭାବରେ ଦେଖନ୍ତି, ଯାହା ଘରୋଇ ହିଂସା, ଯୌନ ଉତ୍ପୀଡ଼ନ ଏବଂ ବଳାତ୍କାର ଭଳି ଅପରାଧକୁ ବଢ଼ାଉଛି।

ସାମାଜିକ ପରିବର୍ତ୍ତନର ଅନ୍ୟ ଏକ ଦିଗ ହେଉଛି ପାରିବାରିକ ବ୍ୟବସ୍ଥାର ବିଘ୍ନ। ପାରମ୍ପରିକ ଯୌଥ ପରିବାରରୁ ଏକାକୀ ପରିବାରକୁ ସ୍ଥାନାନ୍ତର ହେବା ଦ୍ୱାରା ମହିଳାମାନେ ଅଧିକ ଅସୁରକ୍ଷିତ ହୋଇପଡୁଛନ୍ତି। ନଗରୀୟ ଜୀବନରେ କାମକାଜୀ ମହିଳାମାନେ ରାସ୍ତାଘାଟରେ ଏବଂ କାର୍ଯ୍ୟସ୍ଥଳୀରେ ଉତ୍ପୀଡ଼ନର ଶିକାର ହେଉଛନ୍ତି। ସୋସିଆଲ୍ ମିଡ଼ିଆ ଏବଂ ଇଣ୍ଟରନେଟ୍‌ର ପ୍ରସାର ସାଇବର୍ ଅପରାଧକୁ ବଢ଼ାଇଛି, ଯେପରି ଅନ୍‌ଲାଇନ୍ ହାରାସ୍‌ମେଣ୍ଟ୍ ଏବଂ ରିଭେଞ୍ଜ୍ ପର୍ଣ୍ଣ। ଏହା ସହିତ, ମଦ୍ୟପାନ ଏବଂ ମାଦକ ଦ୍ରବ୍ୟର ବ୍ୟବହାର ବଢ଼ିବା ଦ୍ୱାରା ଘରୋଇ ହିଂସା ବଢୁଛି। ଏହି ପରିବର୍ତ୍ତନଗୁଡ଼ିକର ପ୍ରଭାବ କେବଳ ମହିଳାଙ୍କୁ ନୁହେଁ, ସମଗ୍ର ସମାଜକୁ ପ୍ରଭାବିତ କରୁଛି। ମହିଳାଙ୍କ ଅସୁରକ୍ଷା ସମାଜର ଅର୍ଥନୈତିକ ବିକାଶକୁ ବାଧା ଦେଉଛି। ବିଶ୍ୱ ବ୍ୟାଙ୍କ୍‌ର ରିପୋର୍ଟ୍ ଅନୁସାରେ, ମହିଳାଙ୍କ ବିରୋଧରେ ହିଂସା କେତେକ ଦେଶରେ ଜିଡିପିର ୩.୭% ପର୍ଯ୍ୟନ୍ତ କ୍ଷତି ଘଟାଉଛି। ଏହା ସହିତ, ଜଳବାୟୁ ପରିବର୍ତ୍ତନ ଭଳି ବିଶ୍ୱବ୍ୟାପୀ ପରିବର୍ତ୍ତନଗୁଡ଼ିକ ମଧ୍ୟ ସାମାଜିକ ଏବଂ ଅର୍ଥନୈତିକ ଚାପ ବଢ଼ାଇ ମହିଳାଙ୍କ ବିରୋଧରେ ହିଂସାକୁ ଉତ୍ତେଜିତ କରୁଛି।

ଏହି ସମସ୍ୟାର ସମାଧାନ ପାଇଁ କେବଳ କଠୋର ଆଇନ୍ ଯଥେଷ୍ଟ ନୁହେଁ; ସାମାଜିକ ମନୋଭାବର ପରିବର୍ତ୍ତନ ଆବଶ୍ୟକ। ଶିକ୍ଷା ବ୍ୟବସ୍ଥାରେ ଲିଙ୍ଗ ସମ୍ବେଦନଶୀଳତା ଶିକ୍ଷା ଅନ୍ତର୍ଭୁକ୍ତ କରିବା, ମିଡ଼ିଆରେ ସକାରାତ୍ମକ ବାର୍ତ୍ତା ପ୍ରଚାର କରିବା ଏବଂ ସରକାରୀ ଯୋଜନାଗୁଡ଼ିକରେ ମହିଳା ସୁରକ୍ଷାକୁ ପ୍ରାଥମିକତା ଦେବା ଦରକାର। ପୁରୁଷମାନଙ୍କୁ ମଧ୍ୟ ଏହି ଆନ୍ଦୋଳନରେ ସାମିଲ୍ କରିବା ଆବଶ୍ୟକ, କାରଣ ପରିବର୍ତ୍ତନ କେବଳ ମହିଳାଙ୍କ ଦାୟିତ୍ୱ ନୁହେଁ। ସମାନତାଭିତ୍ତିକ ସମାଜ ଗଠନ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ।

ଶେଷରେ, ସାମାଜିକ ପରିବର୍ତ୍ତନକୁ ଅପରାଧର ବହନକାରୀ କରିବା ପରିବର୍ତ୍ତେ, ତାକୁ ସକାରାତ୍ମକ ଦିଗରେ ପରିଚାଳିତ କରିବା ଆମର ଦାୟିତ୍ୱ। ଯଦି ଆମେ ଏହା କରିପାରିବୁ, ତେବେ ମହିଳାମାନେ ଭୟମୁକ୍ତ ଜୀବନ ଯାପନ କରିପାରିବେ ଏବଂ ସମାଜର ପ୍ରଗତିରେ ପୂର୍ଣ୍ଣ ଯୋଗଦାନ କରିପାରିବେ।

ପିତୃପକ୍ଷ: ଦେବତା, ପିତୃ ପୁରୁଷ ଏବଂ ବଂଶପ୍ରତି ଶ୍ରଦ୍ଧା



ଗୋପୀନାଥ ଦାଶ

ହିନ୍ଦୁ ଧର୍ମ ଏବଂ ବୈଦିକ ମାନ୍ୟତା ଅନୁଯାୟୀ ପୁତ୍ରର ପୁତ୍ରତ୍ୱ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ସେ ଜୀବିତାବସ୍ଥାରେ ଥିବା ପିତା ମାତାଙ୍କର ସେବା ପରେ ଏବଂ ସେମାନଙ୍କ ମୃତ୍ୟୁପରେ ଶ୍ରାଦ୍ଧବାର୍ଷିକ ଏବଂ ମହାଳୟାରେ ସେମାନଙ୍କୁ ବିଧିବଦ୍ଧ ଶ୍ରାଦ୍ଧ ପ୍ରଦାନ କରେ। ଆଶ୍ୱିନ ମାସର କୃଷ୍ଣପକ୍ଷ ପ୍ରତିପଦାରୁ ଅମାବାସ୍ୟା ପର୍ଯ୍ୟନ୍ତ ଦିନକୁ ପିତୃପକ୍ଷ ବା ମହାଳୟା ପକ୍ଷ କୁହାଯାଏ। ଶ୍ରାଦ୍ଧର ଅର୍ଥ ଦେବତା, ପିତୃପୁରୁଷ ଏବଂ ବଂଶ ପ୍ରତି ଶଦ୍ଧା ପ୍ରକଟ କରିବା। ବିଶ୍ୱାସ କରାଯାଏ ଯେଉଁମାନେ ନିଜ ଶରୀର ଛାଡ଼ି ଚାଲିଯାଆନ୍ତି ସେମାନେ ଯେଉଁ ଲୋକରେ ଥିଲେ ବି, ଯେଉଁ ରୂପରେ ବି ଶ୍ରାଦ୍ଧପକ୍ଷରେ ନିଶ୍ଚେ ପୃଥିବୀକୁ ଆସନ୍ତି। ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରଦ୍ଧା ସହ ଯେଉଁ ଶୁଭ ସଂକଳ୍ପ ଏବଂ ତର୍ପଣ କରାଯାଏ ତାହାକୁ ଶ୍ରଦ୍ଧା କୁହାଯାଏ। ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ। ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ। ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ। ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ। ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ। ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି। ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି। ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ। ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ। ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଏହା ଅସମ୍ପୂର୍ଣ୍ଣ ରହିଯାଏ। କିମ୍ବଦନ୍ତୀ ଅନୁଯାୟୀ ଭଷ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ। ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା। ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ। ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ। ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା। ଯଜ୍ଞଭୂମି ଭାବରେ ବ୍ୟବହୃତ ଦେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଞ୍ଚକୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା। ପରବର୍ତ୍ତୀ ସମୟରେ ଏହି ପାଞ୍ଚକୋଶ ସ୍ଥାନକୁ କୁହାଗଲା ଗୟା। ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ। ସେ ଦେବତାମାନଙ୍କୁ ବର ମାଗିଲା। ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ। ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ। ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରିନ୍ତି।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି। ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା - ବାପା- ମା, ଜେଜେବାପା - ଜେଜେମା, ଅଜା-ଆଇଙ୍କ ସମେତ ସବୁ ପୂର୍ବଜ ସାମିଲ। ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ। ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ମହତ୍ତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି। ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଡ଼ି ସଦୃଶ। ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି। ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି। ଏହି ଲୋକର ଅଧିଶ୍ୱର ମୃତ୍ୟୁଦେବତା ଯମ। ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି। ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି। ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ। ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି। ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି। ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି। କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା। ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ। ଯମ କହିଲେ - ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି। କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି। କର୍ଣ୍ଣ କହିଲେ - ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି। ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ। ଏ ସମୟ ଥିଲା ପିତୃପକ୍ଷ।

ସହକାରୀ ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋବାଇଲ୍: ୮୮୫୨୯୬୧୬୭

ଦେଶ ଓ ଜାତି ପାଇଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବଦାନ



ପ୍ରଶାନ୍ତ କୁମାର ନାୟକ

ପୁଣ୍ୟ ଭାରତ ଭୂମିରେ ଯୁଗେଯୁଗେ ମହାମନୀଷି ମାନଙ୍କର ଆବିର୍ଭାବ ଘଟି ଗୌରବ ମଣ୍ଡିତ ହୋଇଛି ଏହି ଧରାଧାମ। ସେମାନଙ୍କର ଉତ୍ସର୍ଗୀକୃତ ସେବା, ତ୍ୟାଗ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିଥାଏ। ପବିତ୍ର ଉତ୍କଳ ଭୂଖଣ୍ଡରେ ମଧ୍ୟ ଏହିଭଳି ପ୍ରତିଭାବାନ ମହାମାନବଙ୍କର ଅଭାବ ନାହିଁ। ଏହି କିମ୍ବଦନ୍ତୀ ମହାପୁରୁଷଙ୍କ ମଧ୍ୟରେ ଉତ୍କଳ କେଶରୀ ପଦବୀର ମର୍ଯ୍ୟାଦା ମଣ୍ଡନ କରିଥିବା ଉତ୍କଳର ମହାନ ବରପୁତ୍ର ହେଉଛନ୍ତି ଡକ୍ଟର ହରେକୃଷ୍ଣ ମହତାବ। ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନକରି ସେ 'ଉତ୍କଳ କେଶରୀ' ମାନ୍ୟତା ପାଇଥିଲେ।

ଡକ୍ଟର ହରେକୃଷ୍ଣ ମହତାବଙ୍କର ବାଲ୍ୟ ନାମ ହରେକୃଷ୍ଣ ଦାସ୍ ଥିଲା। ସେ ୧୮୯୯ ମସିହା ନଭେମ୍ବର ମାସ ୨୧ ତାରିଖରେ ବାଲେଶ୍ୱର ଜିଲ୍ଲାର ଆଗରପଡ଼ାରେ ଜନ୍ମ ଗ୍ରହଣ କରି ୧୯୮୭ ମସିହା ଜାନୁଆରୀ ୦୨ ତାରିଖରେ ୮୭ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଦାସ୍ ଓ ମାଆ ତୋହଫା ବିବି ଥିଲେ। କାଳକ୍ରମେ ବାଲେଶ୍ୱର ଜିଲ୍ଲାର ଜମିଦାର ଜଗନ୍ନାଥ ମହତାବଙ୍କର କୌଣସି ସନ୍ତାନ ସନ୍ତତି ନଥିବାରୁ ସେ ହରେକୃଷ୍ଣ ଦାସଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଥିଲେ। ଫଳରେ ସେ ହରେକୃଷ୍ଣ ଦାସ୍ ରୁ ହରେକୃଷ୍ଣ ମହତାବ ପାଲଟି ଯାଇଥିଲେ। ତାଙ୍କ ପତ୍ନୀଙ୍କ ନାମ ସୁଭଦ୍ରା ଦେବୀ ଥିଲା।

କଥାରେ ଅଛି - 'ନମ୍ରତ୍ୱି ଫଳିନୋ ବୃକ୍ଷାଃ,
ନମ୍ରତ୍ୱି ଗୁଣିନୋ ଜନାଃ।'

ଅର୍ଥାତ୍ ବୃକ୍ଷ ଯେତେବେଳେ ଫଳ ଧାରଣକରେ ସେତେବେଳେ ସେ ତଳକୁ ଟିକେ ନଇଁଯାଏ। ଏବଂ ଗୁଣବାନ୍ ବ୍ୟକ୍ତି ସ୍ୱଭାବତଃ ନମ୍ର ହୋଇଥାଆନ୍ତି। ବୃକ୍ଷର ଶ୍ରେଷ୍ଠ ଅବସ୍ଥା ହେଲା ଫଳ ଧରିବା ଏବଂ ଏହିଫଳ ତା' ନିଜ କାମରେ ନଆସି ଅନ୍ୟମାନଙ୍କ ଉପକାରରେ ସର୍ବଦା ଆସିଥାଏ। ଏହି କ୍ରମରେ ମାନବ ଶରୀରର ଉଦ୍ଦେଶ୍ୟ ହେଲା ବିଭିନ୍ନ ପ୍ରକାର ସଦଗୁଣକୁ ଧାରଣକରିବା। ପ୍ରକୃତରେ ବଡଲୋକମାନଙ୍କ ପାଖରେ ସଦଗୁଣ ପ୍ରକାଶିତ ହୋଇଥାଏ। ସେମାନଙ୍କ ପାଖରେ ବଡଲୋକୀ ଉଚ୍ଚ ଭାବନା ଥାଏ। ଧନ, ସଂପଦ, ପ୍ରାଚୁର୍ଯ୍ୟ, କ୍ଷମତା ଓ ଐଶ୍ୱର୍ଯ୍ୟ ପ୍ରତିଷ୍ଠାକୁ ନେଇ ସେମାନଙ୍କ ମନରେ ଗର୍ବ ଅହଙ୍କାର ନଥାଏ। ସେମାନେ ଯେତେ ବଡ ହୋଇଥିଲେ ମଧ୍ୟ ସମାଜର ନିମ୍ନବର୍ଗର ଲୋକମାନଙ୍କର ମଙ୍ଗଳ ଚିନ୍ତା କରିଥାଆନ୍ତି। ସମାଜର ବିକାଶ ତଥା ମଙ୍ଗଳ କାମନା ହିଁ ତାଙ୍କ ଜୀବନର ବ୍ରତ ହୋଇଥାଏ। ଏଇଭଳି ଜଣେ ଉଚ୍ଚାଭିଳାଷି ବଡଲୋକ ଥିଲେ ଡକ୍ଟର ହରେକୃଷ୍ଣ ମହତାବ।

ସ୍ୱାଧୀନତା ପରବର୍ତ୍ତୀ ଓଡିଶା କଥା ଯେତେବେଳେ ଆମେ ଚିନ୍ତାକରୁ ସେତେବେଳେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାମ ସ୍ୱତଃପ୍ରବୃତ୍ତ ଭାବରେ ଆମ ମନକୁ ଆସିଯାଏ। ସେ ତାଙ୍କର ପ୍ରାଥମିକ ଶିକ୍ଷା ବାଲେଶ୍ୱରରେ ସମାପ୍ତ କରିବାପରେ ରେଭେନସା ମହାବିଦ୍ୟାଳୟ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ଲାଭକରିଥିଲେ।

ଛାତ୍ର ଜୀବନରୁ ସେ ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ଓ ଜଣେ ମେଧାବୀ ଛାତ୍ର ଭାବରେ ତାଙ୍କର ସୁଖ୍ୟାତି ମଧ୍ୟ ରହିଥିଲା। ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିଲେ ଏବଂ ୧୯୨୦ ମସିହାରେ ନାଗପୁର ଅଧୀବେଶନରେ ଯୋଗଦେଇଥିଲେ। ସେଠାରେ ସେ ଉତ୍କଳମଣି ଗୋପବନ୍ଧୁଙ୍କ ସହିତ ମହତାବଙ୍କର ସାକ୍ଷାତ ହୋଇଥିଲା ଓ ସେ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଗୋପବନ୍ଧୁଙ୍କୁ ଓଡ଼ିଶାର ସେବା ଭାବର ପ୍ରବର୍ତ୍ତକ ବୋଲି ସେ କହିଛନ୍ତି। ୧୯୨୩ ମସିହାରେ ମହତାବ ' ପ୍ରଜାତନ୍ତ୍ର' ନାମକ ଏକ ସାପ୍ତାହିକ ପତ୍ରିକା ଆରମ୍ଭ କରିଥିଲେ ଯାହା ପରବର୍ତ୍ତୀ ସମୟରେ ଦୈନିକ ଖବରକାଗଜ ଭାବରେ ଆଜି ବହୁ ଜନାଦୃତ ହୋଇପିରିଛି।

ମହତାବଙ୍କ 'ସାଧନାର ପଥେ' ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟନ୍ତ ତାଙ୍କ ଅଙ୍ଗେନିଭା କଥା ଅଟେ। କଲେଜରେ ଅଧ୍ୟୟନ କରୁଥିବା ସମୟରେ ସେ ପ୍ରକାଶ କରିଥିଲେ ଓଡ଼ିଆ ପତ୍ରିକା - 'ମଳୟ' ଏବଂ ଇଂରାଜୀ ପତ୍ରିକା 'ଡଷ୍ଟବିନ୍'। ତାଙ୍କ ଆତ୍ମଜୀବନୀମୂଳକ ପୁସ୍ତକ ' ଆରବ ସାଗରରୁ ଚିଲିକା' ଓ 'ହ୍ୱାଇଲ୍ ସର୍ଭିଂ ମାଇଁ ନେସନ୍ 'ରେ ମହତାବ ତାଙ୍କ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ସମୟର ବିଭିନ୍ନ ନିଷ୍ପତ୍ତି ଏବଂ ଚିଠିପତ୍ରର ଉଲ୍ଲେଖ କରିଛନ୍ତି। ପୂର୍ବତନ ଗଡ଼ଜାତ ରାଜ୍ୟ ରଣପୁର ଠାରେ ବେଜେଲଗେଟ୍ ହତ୍ୟାକାଣ୍ଡରେ ମହତାବଙ୍କୁ ଦୋଷୀ ବୋଲି ଇଂରେଜ ସରକାର ବିବେଚନା କରିଥିଲେ ; ମାତ୍ର ଏଥିରେ ମହାତ୍ମାଗାନ୍ଧୀ ଏବଂ ଇଂରେଜ ଅଧୀକାରୀ ମିସ୍ ହରିସନ୍ ଓ ମେଜର ଷ୍ଟିଫେନସନ୍ ଙ୍କ ହସ୍ତକ୍ଷେପ ପାଇଁ ମହତାବ ଅଲ୍ପକେ ରକ୍ଷା ପାଇଯାଇଥିଲେ।

ତାଙ୍କର ସର୍ବାଧିକ ଲୋକପ୍ରିୟ ପ୍ରବନ୍ଧ ' ଗାଁ ମଜଲିସ୍ ' ଧାରାବାହିକ ଭାବରେ 'ପ୍ରଜାତନ୍ତ୍ର' ପୃଷ୍ଠାରେ ପ୍ରକାଶ ପାଇଥିଲା ଏବଂ ଏହା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ତାଙ୍କୁ ମିଳିଥିଲା। ଓଡ଼ିଶାପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିଲା। ଦେଶର ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭକରି ଓଡ଼ିଶାକୁ ଏକ ରାଜ୍ୟର ମାନ୍ୟତା ଦେବାଲାଗି, ଓଡିଶା ପ୍ରଦେଶର ଗଡ଼ଜାତ ରାଜ୍ୟମାନଙ୍କର ମିଶ୍ରଣ, ସ୍ୱାଧୀନ ଭାରତ ତଥା ଓଡ଼ିଶାର ଜଣେ ଆଗଧାଡିର ନେତା ଭାବ

ବିହାର ନିର୍ବାଚନ ପାଇଁ ବିଜେପିର ବ୍ୟାପକ ପ୍ରସ୍ତୁତି

କର୍ମୀଙ୍କ ମନୋବଳ ବଢ଼ାଇବେ ମୋଦି, ଶାହ ଓ ନଡ୍ଡା



ନୂଆଦିଲ୍ଲୀ,୧୨।୯: ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏଥିସକାଶେ ବିଜେପି ବ୍ୟାପକ ପ୍ରସ୍ତୁତି ଚଳାଇଛି। ରାଜ୍ୟର ଭୋଟର୍‌ମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ସହ ଦଳର କର୍ମୀମାନଙ୍କୁ ତୃଣମୂଳ ସ୍ତରରେ ଅଧିକ ଉତ୍ସାହର ସହ କାର୍ଯ୍ୟ କରିବା ପାଇଁ ସେମାନଙ୍କ ମନୋବଳ ବଢ଼ାଇଲେ ଶୀର୍ଷ ନେତୃତ୍ୱ। ଗତ ସପ୍ତାହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରାଜ୍ୟ ପ୍ରମୁଖ ନେତାଙ୍କ ସହ ଏକ ଲମ୍ବା ବୈଠକ କରିଥିବା ବେଳେ ସେଥିରେ ବିଧାନସଭାଭିତ୍ତିକ ରଣନୀତି ଓ ପ୍ରସଙ୍ଗ ସ୍ଥିର କରାଯାଇଛି। ସହଯୋଗୀ ଦଳଗୁଡ଼ିକ ସହ ତୃଣମୂଳ ସ୍ତରରେ ସମନ୍ୱୟ ଉନ୍ନତ କରିବା ପାଇଁ କସରତ ଜାରି ରହିଛି। ଦଳ ଆଜି ଏହାର ଶୀର୍ଷ ନେତାଙ୍କ ବିହାର ଗସ୍ତ ନେଇ ଏକ ବିସ୍ତୃତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ନିର୍ବାଚନ କମିଶନ ଚଳିତ ମାସ ଶେଷରେ କିମ୍ବା ଆସନ୍ତା ମାସ ଆରମ୍ଭରେ ବିହାର ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିପାରନ୍ତି। ଏହା ପୂର୍ବରୁ ବିଜେପି ଏହାର କେଉଁ କେଉଁ ପ୍ରମୁଖ ନେତାଙ୍କୁ ବିହାରରେ ବିଭିନ୍ନ ରୁଲିରେ ଭାଗନେବେ, ସେନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ ଓ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଶ୍ରୀ ନଡ୍ଡା ଆସନ୍ତାକାଲି ବିହାର ରାଜଧାନୀ ପାଟନାରେ ବିହାର ନେତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ। ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯିବ।

ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆସନ୍ତା ୧୫ ତାରିଖରେ ପୂର୍ଣ୍ଣିଆରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବେ। ଆହୁରି ଶ୍ରୀ ଶାହ ୧୮ ଓ ୨୭ ତାରିଖରେ ରାଜ୍ୟ ଗସ୍ତ କରିବେ। ସେ ୫ଟି ଜୋନରେ ବିଭକ୍ତ ବିହାରରେ ବିଭିନ୍ନ ଆଞ୍ଚଳିକ ବୈଠକ ମାଧ୍ୟମରେ ଦଳୀୟ କର୍ମୀ ଓ ନେତାଙ୍କ ସହ ଭାବ ବିନିମୟ କରିବେ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଜନ୍ମଦିନ ପାଳନ କରିବା ସକାଶେ ବିଜେପି ପକ୍ଷରୁ ସାରା ଦେଶରେ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ପାଳନ କରାଯିବ।

ଫସାଇଦେଲା ବିଦେଶ ଯିବା ସ୍ୱପ୍ନ, ମୃତ୍ୟୁ ଜାଲରେ ଭାରତୀୟ



ନୂଆଦିଲ୍ଲୀ, ୧୨।୯: ଡଙ୍କି ରୁଟରୁ ଯମଦ୍ୱାର। ମୃତ୍ୟୁର ଜାଲରେ ଭାରତୀୟ। ଆଲର୍ଟ କରାଇଲା ଭାରତ। ଫସାଇଦେଲା ବିଦେଶ ଯିବାର ସ୍ୱପ୍ନ। ଚାକିରି କରିବାକୁ ଯାଇ ବାଜିରେ ଜୀବନ। ଜୋର୍ ଜବରଦସ୍ତି ସେନାରେ ଭର୍ତ୍ତି। ବିନା ତାଲିମରେ ଧରୁଛନ୍ତି ଅସ୍ତ୍ର। ଯିଏ ଥରେ ଗଲା ଆଉ ଫେରିବାର ବାଟ ନାହିଁ। ମୃତ୍ୟୁ ଅପେକ୍ଷାରେ ଏମିତି ଅନେକ ଭାରତୀୟ। ଋଷ-ୟୁକ୍ରେନ ଯୁଦ୍ଧକୁ ନେଇ ସାମନାକୁ ଆସିଛି ଚାଞ୍ଚଲ୍ୟକର ତଥ୍ୟ। ଯୁଦ୍ଧକୁ ବିତିଛି ତିନି ବର୍ଷ। ହେଲେ ସୀମାରେ ଯେପରି ଗର୍ଜୁଛି ମୃତ୍ୟୁ। ଏପରି ସ୍ଥଳେ ଚାକିରି ଆଶାରେ ଯାଇଥିବା ଭାରତୀୟଙ୍କ ପାଇଁ ବଢ଼ିଛି ବିପଦ। ବିଦେଶରେ ବଡ଼ ଚାକିରି ମିଳିବ... ମୋଟା ଅଙ୍କର ଦରମା ମିଳିବ। ଲୋଭର ବଶବର୍ତ୍ତୀ ହୋଇ ଏଜେଣ୍ଟଙ୍କ ଜାଲରେ ପଡିଗଲେ। ସେଠାରେ ପହଞ୍ଚିବା ପରେ ମଉଳିଗଲା ଚାକିରି କରିବାର ଆଶା, ସେନାରେ ଜୋର ଜବରଦସ୍ତି କରାଗଲା ସାମିଲ। ଆଉ ବଞ୍ଚିବୁନି, ଆମକୁ ରକ୍ଷାକର... ଏହେଉଛି ଭାରତରୁ ଯାଇ ଋଷରେ ଫସିଥିବା ଯୁବକଙ୍କ ଆକୁଳ ନିବେଦନ।

ଋଷ ଏଜେଣ୍ଟଙ୍କ ଜାଲରେ ଫସି ରୁଷରେ ପହଞ୍ଚିଥିଲେ ପଞ୍ଜାବର ଯୁବକ। କଖାନି ଚାକିରି ବଦଳରେ ଜୋରଜବରଦସ୍ତି ସେନାରେ ଦିଆଯାଉଛି ନିଯୁକ୍ତି। ବିନା ତାଲିମ ଏବଂ ବିନା ପ୍ରସ୍ତୁତିରେ ଯୁବକମାନଙ୍କୁ ଅସ୍ତ୍ରଶସ୍ତ୍ର ଦିଆଯାଇ ସାମ୍ନାକୁ ପଠାଯାଉଛି। ଫସିରହିଥିବା ଜଣେ ଯୁବକ ଗୁରସେବକ ସିଂହ କହିଛନ୍ତି, ଭିଜିଟର୍ ଭିସାରେ ରୁଷକୁ ଆସି ଫସି ରହିଛୁ। ଆମକୁ ତାଲିମ ଦିଆଯାଇ ନାହିଁ। ଆମ ପାଖରେ ଖାଇବାକୁ ଖାଦ୍ୟ ମଧ୍ୟ ନାହିଁ। ସମୟ ସରି ଆସୁଛି। ଅନ୍ୟ ଜଣେ ପୀଡ଼ିତ କହିଛନ୍ତି, "ଆମେ ଆଖି ଆଗରେ ଅନେକଙ୍କ ମୃତ୍ୟୁ ଦେଖିଲୁଣି। ଆଠ ଜଣଙ୍କୁ ପୂର୍ବରୁ ସାମ୍ନାକୁ ପଠାଯାଇଛି। ଆଉ ଛଅ ଜଣଙ୍କୁ ନିୟୋଜିତ କରିବା ପାଇଁ ପ୍ରସ୍ତୁତ କରାଯାଉଛି। ଆମେ ଷ୍ଟୁଡେଣ୍ଟ ଭିସାରେ ଏଠାକୁ ଆସିଥିଲୁ, କିନ୍ତୁ କୌଣସି ତାଲିମ ବିନା ସେନାରେ ନିଯୁକ୍ତି ପାଇଛୁ।

ଯୁବକମାନେ ଦାବି କରନ୍ତି ଯେ ବିଦେଶରେ ଚାକିରି ପ୍ରତିଶ୍ରୁତି ଦିଆଯାଇଥିଲା, କିନ୍ତୁ ବଦଳରେ ସେମାନଙ୍କୁ ସାମରିକ ଶିବିରରେ ଯୁଦ୍ଧ ପାଇଁ ପଠାଯାଉଛି। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ ପାଇଁ ଏକ ଭିଡିଓ ଜାରି କରିଛନ୍ତି। ପରିବାରବର୍ଗ କହିଛନ୍ତି ଯେ ଭାରତୀୟ ଦୂତାବାସକୁ ଏ ବିଷୟରେ ଅବଗତ କରାଯାଇଛି, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

ଏହି ସମସ୍ତ ଯୁବକ ଗତ ଛଅ ମାସ ମଧ୍ୟରେ ମସ୍କୋରେ ପହଞ୍ଚିଥିଲେ ଏବଂ ରୁଷିଆ ଦଖଲ ଅଧୀନରେ ଥିବା ଡୋନେଟସ୍କ ଅଞ୍ଚଳର ସେଲିଡୋଭ ସହରରେ ଫସି ରହିଛନ୍ତି। ଏହି ସମୟରେ, ଅନେକ ପରିବାର ସେମାନଙ୍କ ପ୍ରିୟଜନଙ୍କ ମୃତଦେହ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଏହାରି ଭିତରେ ଋଷ ଯାଇଥିବା ତେଜପାଲ ସିଂହଙ୍କ ପତ୍ନୀ ପରମିନ୍ଦର କୌର ଦୁଇ ମାସ ଧରି ତାଙ୍କ ସ୍ୱାମୀଙ୍କ ସହ ଯୋଗାଯୋଗରେ ଥିଲେ, କିନ୍ତୁ ମାର୍ଚ୍ଚ ୨୦୨୪ରେ ସେ ଏକ ଅଜଣା ନମ୍ବରରୁ ତାଙ୍କ ମୃତ୍ୟୁ ଖବର ପାଇଥିଲେ। ପରେ ମସ୍କୋରେ ଥିବା ଭାରତୀୟ ଦୂତାବାସ ଏହାକୁ ସ୍ପଷ୍ଟ କରିଛି।

ସବୁଠୁ ବଡ଼ କଥା ହେଲା ରୁଷ ଯାଇଥିବା ଯୁବକମାନଙ୍କୁ ପ୍ରଥମେ ଇଟାଲୀ ନେବାକୁ କୁହାଯାଇଥିଲା କିନ୍ତୁ ସେମାନଙ୍କୁ ଡଙ୍କି ରୁଟ୍ ଦେଇ ରୁଷ ପଠାଯାଉଛି। ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଜଳନ୍ଧର ବିଧାୟକ । ସେପଟେ ଏହି ପ୍ରସଙ୍ଗକୁ ନେଇ ଚିକ୍ତାପ୍ରକଟ କରିଛି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏମଇଏ। ଦିଲ୍ଲୀ କର୍ତ୍ତୃପକ୍ଷ ମସ୍କୋ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ମନ୍ତ୍ରଣାଳୟ ପୁଣି ଥରେ ସମସ୍ତ ଭାରତୀୟ ନାଗରିକଙ୍କୁ ରୁଷ ସେନାରେ ଯୋଗଦେବାର କୌଣସି ପ୍ରସ୍ତାବରୁ ଦୂରେଇ ରହିବାକୁ ଅନୁରୋଧ କରିଛି। କହିଛି ଏହା "ବିପଜ୍ଜନକ"। ପ୍ରଭାବିତ ହୋଇଥିବା ଭାରତୀୟ ନାଗରିକମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛି। ଭାରତ ସେମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛି।

ପଞ୍ଜାବର ଆପ୍ ବିଧାୟକଙ୍କୁ ୪ ବର୍ଷ ଜେଲ୍

- ୧୨ ବର୍ଷ ତଳର ମାମଲାରେ ରାୟ ପ୍ରକାଶିତ
- ଅନ୍ୟ ୧୦ ଜଣ ଅଭିଯୁକ୍ତ ବି ଦୋଷୀ ସାବ୍ୟସ୍ତ



ନୂଆଦିଲ୍ଲୀ,୧୨।୯: ଆମ୍ ଆଦମୀ ପାର୍ଟି (ଆପ୍)ର ବିଧାୟକ ମନ୍‌ଜିନ୍ଦର ସିଂହ ଲାଲପୁରାଙ୍କୁ ୪ ବର୍ଷ ଜେଲଦଣ୍ଡ।ଦେଶ ହୋଇଛି। ଗତ ବୁଧବାର କୋର୍ଟ ଖାଦୁର ସାହିବର ବିଧାୟକଙ୍କୁ ଏକ ୧୨ ବର୍ଷର ପୁରୁଣା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। କୋର୍ଟଙ୍କ ରାୟ ପରେ ବିଧାୟକଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର (ସେପ୍ଟେମ୍ବର ୧୨) ଦିନ କୋର୍ଟ ତାଙ୍କ ରାୟ ଦେଇଥିଲେ। ଶ୍ରୀ ଲାଲପୁରାଙ୍କ ସହ ଆହୁରି ୧୦ ଜଣଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଗତ ୨୦୧୩ ମାର୍ଚ୍ଚ ୩ ତାରିଖରେ ଜନୈକା ଦଳିତ ମହିଳାଙ୍କୁ ତରନତାରନର ଗୋଇନ୍ଦୱାଲ ସାହିବରେ ଏକ ବିବାହ ଉତ୍ସବରେ କେତେକ ପୁଲିସ କର୍ମଚାରୀ, ଶ୍ରୀ ଲାଲପୁରା ଓ ଅନ୍ୟ ଅଭିଯୁକ୍ତମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଆଇପିସିର ଧାରା ୩୫୪, ୩୨୩, ୫୦୬,୧୪୮,୧୪୯ ଓ ଏସସି-ଏସଟି ଆଇନ ଅନୁଯାୟୀ ଲ୍ରା ଲାଲପୁରା, ୮ ପୁଲିସ କର୍ମଚାରୀ ଓ ଅନ୍ୟ ତିନି ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା।ସେତେବେଳେ ବିଧାୟକ ଶ୍ରୀ ଲାଲପୁରା ଟ୍ୟାକ୍ସି ଡ୍ରାଇଭର କାର୍ଯ୍ୟ କରୁଥିଲେ। ଗତ ୨୦୨୨ରେ ଆପ୍ ପକ୍ଷରୁ ଶ୍ରୀ ଲାଲପୁରାଙ୍କୁ ତରନତାରନର ଖାଦୁର ସାହିବ ଆସନରୁ ଟିକେଟ ମିଳିଥିଲା ଓ ସେ କଂଗ୍ରେସ ପ୍ରାର୍ଥୀଙ୍କୁ ୫୫ ହଜାର ୭୫୬ ଭୋଟ୍‌ରେ ପରାସ୍ତ କରି ବିଧାୟକ ହୋଇଥିଲେ।

ଦିଲ୍ଲୀ ପରେ ବମ୍ବେ ହାଇକୋର୍ଟକୁ ବିସ୍ଫୋରଣ ଧମକ

କୋର୍ଟ ପରିସରକୁ ଖାଲିକଲା ପୁଲିସ୍



ବମ୍ବେ,୧୨।୯: ଦିଲ୍ଲୀ ହାଇକୋର୍ଟ ପରେ ବମ୍ବେ ହାଇକୋର୍ଟକୁ ବୋମା ଧମକ ମିଳିଛି। ଯାହା ଉଭୟ ହାଇକୋର୍ଟରେ ହଇଚଇ ସୃଷ୍ଟି କରିଛି। ଧମକପୂର୍ଣ୍ଣ ମେଲ୍ ପାଇବା ପରେ ସ୍ଥାନୀୟ ପୁଲିସକୁ ହାଇକୋର୍ଟ ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋର୍ଟ ପରିସରକୁ ଖାଲି କରାଯାଇ ସର୍ଚ୍ଚ ଅପରେସନ କରାଯାଉଛି। କିନ୍ତୁ ପୁଲିସ ଏବଂ ସୁରକ୍ଷାକର୍ମୀଙ୍କୁ ଏଯାଏଁ କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ। ଦିଲ୍ଲୀ ହାଇକୋର୍ଟକୁ ଏକ ଧମକପୂର୍ଣ୍ଣ ମେଲ୍ ମିଳିଥିଲା ଯେଉଁଥିରେ କୁହାଯାଇଥିଲା ଯେ, କୋର୍ଟ ପରିସରରେ ତିନୋଟି ବୋମା ରଖାଯାଇଛି, ଯାହା ପରେ ଶୀଘ୍ର ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଚାରପତିଙ୍କ ସହିତ ଓକିଲମାନଙ୍କୁ ମଧ୍ୟ ଖାଲି କରାଯାଇଥିଲା। ପୁଲିସ ସୁରକ୍ଷା ପ୍ରୋଟୋକଲ୍ କାର୍ଯ୍ୟକାରୀ କରିବା ସହ ସମସ୍ତ ବିଚାରପତିଙ୍କୁ ସେମାନଙ୍କ ଚାମ୍ବରରୁ ବାହାର କରିଦେଇଥିଲା ଏବଂ ସେଠାରେ ଉପସ୍ଥିତ କର୍ମଚାରୀ ଏବଂ ଅନ୍ୟ ଲୋକମାନଙ୍କୁ ମଧ୍ୟ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହାର କିଛି ସମୟ ପରେ ବମ୍ବେ ହାଇକୋର୍ଟକୁ ମଧ୍ୟ ଏକ ଧମକପୂର୍ଣ୍ଣ ମେଲ୍ ମିଳିଛି। ଏହା ପରେ ବୋମା ନିଷ୍କ୍ରିୟକାରୀ ଦଳ ଏବଂ ମୁମ୍ବାଇ ପୋଲିସ ୟୁନିଟ୍ ପରିସରରେ ମୁତୟନ କରାଯାଇଛି। କୋର୍ଟ ପରିସରରେ ଏକ ସର୍ଚ୍ଚ ଅପରେସନ୍ ଚାଲିଛି ଏବଂ ପୋଲିସ ଆଖପାଖ ଅଞ୍ଚଳଗୁଡ଼ିକୁ ମଧ୍ୟ ସିଲ୍ କରିଦେଇଛି। ତେବେ ଦିଲ୍ଲୀ ହାଇକୋର୍ଟ ଭଳି ବମ୍ବେ ହାଇକୋର୍ଟକୁ ବୋମା ଦମକ ମିଥ୍ୟା ଗୁଜବ ବୋଲି ପୁଲିସ କହିଛି। ତଥାପି ବୋମା ଧମକକୁ ନେଇ ପୁଲିସ ଅଧିକ ଯାଞ୍ଚ କରୁଥିବା ଜଣାପଡ଼ିଛି।

ଜି୭ ଦେଶକୁ ଉସକାଉଛନ୍ତି ଟ୍ରମ୍ପ୍

ଭାରତ ଓ ଚୀନ ଉପରେ ଶହେ ପ୍ରତିଶତ ଟାରିଫ୍ ଲଗାଅ



ନୂଆଦିଲ୍ଲୀ,୧୨।୯: ଭାରତ ଉପରେ ଟାରିଫ୍ ପରେ ଟାରିଫ୍। ତଥାପି ଶାନ୍ତ ପଡୁନି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ। ଆହୁରି ଅଧିକ ଶୁଳ୍କ ଲଦିବା ଚକ୍କରରେ ଅଛନ୍ତି ସେ। ଭାରତ ଓ ଚୀନ ବିରୋଧରେ ବଡ଼ ଷଡ଼ଯନ୍ତ୍ର କରୁଛି ଆମେରିକା। ପୂର୍ବରୁ ଟ୍ରମ୍ପ୍ ନିଜେ ଭାରତ ଓ ଚୀନ୍ ଉପରେ ମୋଟା ଅଙ୍କର ଟାରିଫ୍ କଷିବା ପରେ ୟୁରୋପୀୟ ସଙ୍ଘ (ଇୟୁ)କୁ ମଧ୍ୟ ଏଥିପାଇଁ ଉସକାଇଥିଲେ। ଏବେ ସେ ଜି୭ ଦେଶକୁ ଉସକାଇବାରେ ଲାଗିପଡ଼ିଛନ୍ତି। ନୂଆଦିଲ୍ଲୀ ଓ ବେଜିଂ ଉପରେ ଶତପ୍ରତିଶତ ଟାରିଫ୍ ଲଦିବାକୁ ପ୍ରସ୍ତାବ ଦେଉଛି ୱାଶିଂଟନ୍। ଟ୍ରମ୍ପଙ୍କ ଟାରିଫ୍ ଯୁଦ୍ଧ ଭିତରେ ଏବେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଟ୍ରମ୍ପ ଭାରତ ଓ ଚୀନ ବିରୋଧରେ ୟୁରୋପୀୟ ସଙ୍ଘ ଓ ଜି୭ ଦେଶର ନେତାମାନଙ୍କୁ ମତାଉଛନ୍ତି। ଭାରତ ଓ ଚୀନ ଉପରେ ୫୦ରୁ ୧୦୦ ପ୍ରତିଶତ ଟାରିଫ୍ ଲଦିବାକୁ ସେ ଉସକାଉଛନ୍ତି। ସୂଚନାଯୋଗ୍ୟ ଯେ କିଛି ଦିନ ପୂର୍ବରୁ ଆମେରିକା ୟୁରୋପୀୟ ସଙ୍ଘକୁ ରୁଷିଆଠାରୁ ତେଲ କିଣିବା ନେଇ ଭାରତ ଓ ଚୀନ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ କହିଥିଲା। ଏହାଦ୍ୱାରା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନଙ୍କ ଉପରେ ଚାପ ପଡ଼ିବ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ୟୁରୋପୀୟ ସଙ୍ଘ ଟ୍ରମ୍ପଙ୍କ ଏପରି ପ୍ରସ୍ତାବରେ ସହମତ ହୋଇନଥିଲା। ବରଂ ଏହା ବଦଳରେ ୟୁରୋପୀୟ ସଂଘ ୨୦୨୭ ଯାଏଁ ରୁଷିଆର ଶକ୍ତି ଉପରେ ନିର୍ଭରଶୀଳତା ଶେଷ କରିବା ଓ ନୂଆ କଟକଣା ଲାଗୁ କରିବା ସପକ୍ଷରେ ରହିଛି।

ଜୁ ଏ' ହେବେ ଉତ୍ତର କୋରିଆର ପରବର୍ତ୍ତୀ ରାଷ୍ଟ୍ରମୁଖ୍ୟ!

ସିଓଲ,୧୨।୯: ଉତ୍ତର କୋରିଆର ରାଷ୍ଟ୍ରମୁଖ୍ୟ କିମ୍ ଜୋଙ୍ଗ୍ ଉନ୍ ଖୁବ୍‌ଶୀଘ୍ର ତାଙ୍କ ଉତ୍ତରାଧିକାରୀ ଘୋଷଣା କରିପାରନ୍ତି। ତେବେ କିଏ ତାଙ୍କ ଉତ୍ତରାଧିକାରୀ ହେବ, ସେନେଇ ଦକ୍ଷିଣ କୋରିଆର

ଗୁପ୍ତଚର ସଂସ୍ଥା ଦେଲା ସଂକେତ

ଗୁପ୍ତଚର ସଂସ୍ଥା ପକ୍ଷରୁ ସଂକେତ ଦିଆଯାଇଛି। ଉକ୍ତ ସଂସ୍ଥାର ଦାବି ଅନୁସାରେ, ଜୋଙ୍ଗ୍ ତାଙ୍କ ଝିଅ କିମ୍ ଜୁ ଏ'ଙ୍କୁ ଖୁବ୍‌ଶୀଘ୍ର ନିଜ ଉତ୍ତରାଧିକାରୀ ଘୋଷଣା କରିବେ। ନିକଟରେ କିମ୍‌ଙ୍କ ବେଜିଂ ଗସ୍ତ ସମୟରେ ତାଙ୍କ ଝିଅ ଜୁ ଏ' ମଧ୍ୟ ନଜର ଆସିଥିଲେ। କିମ୍‌ଙ୍କ ସହ ଜୁ ଏ'ଙ୍କର ଏହା ପ୍ରଥମ ସରକାରୀ ବିଦେଶ ଗସ୍ତ ଥିଲା, ଯାହା ତାଙ୍କୁ ସାରା ବିଶ୍ୱରେ ଚର୍ଚ୍ଚାର ପରିସରକୁ ଆଣିଥିଲା। ଚୀନ୍ ଗସ୍ତ ପରେ କିମ୍‌ଙ୍କ ସମ୍ଭାବ୍ୟ ଉତ୍ତରାଧିକାରୀ ଭାବେ ଜୁ ଏ'ଙ୍କ ସ୍ଥିତି



ମଜବୁତ ହୋଇଥିବା ନେଇ ଉକ୍ତ ଗୁପ୍ତଚର ସଂସ୍ଥା ଆକଳନ କରିଛି। କିମ୍‌ଙ୍କ ସହ ବିଦେଶ ଯାତ୍ରା କରିଥିବାରୁ ଝିଅ ଜୁ ଏ' ତାଙ୍କ ଉତ୍ତରାଧିକାରୀ ହେବା ନେଇ ପର୍ଯ୍ୟାପ୍ତ ସଙ୍କେତ ମିଳିଛି ବୋଲି ଦକ୍ଷିଣ କୋରିଆ ସଂସଦୀୟ ଗୁଇନ୍ଦା କମିଟିର ଜନୈକ ସଦସ୍ୟ ତଥା ଦେଶର ଆଇନ ପ୍ରଣେତା ଲି ସେଓଙ୍ଗ କ୍ୱେଅନ୍ ଜହିଛନ୍ତି। ଏନେଇ କମିଟିର ସଦସ୍ୟଙ୍କୁ ଉକ୍ତ ଗୁପ୍ତଚର ସଂସ୍ଥା ଅବଗତ ମଧ୍ୟ କରାଇଛି। ଜୁ ଏ'ଙ୍କୁ କିମ୍‌ଙ୍କ ସ୍ୱୀକୃତିପ୍ରାପ୍ତ ଉତ୍ତରାଧିକାରୀ ଭାବେ ଦକ୍ଷିଣ କୋରିଆ ଗ୍ରହଣ କରୁଛି ଓ ବାପାଙ୍କ ଚୀନ୍ ଗସ୍ତରେ ତାଙ୍କ ଅଂଶଗ୍ରହଣକୁ ଉତ୍ତରାଧିକାରୀ ଭାବେ ତାଙ୍କୁ ପ୍ରସ୍ତୁତ କରିବା ଯୋଜନାର ଅଂଶବିଶେଷ ବୋଲି ସେ କହିଛନ୍ତି। ୨୦୨୨ରେ ଜୁ ଏ' ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ସାମ୍ନାକୁ ଆସିଥିଲେ। ସେତେବେଳେ ଏକ ଆନ୍ତଃ ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ ପରୀକ୍ଷଣ ସମୟରେ ବାପା କିମ୍‌ଙ୍କ ସହ ଜୁ ଏ'ଙ୍କୁ ଦେଖିବାକୁ ମିଳିଥିଲା। ତେବେ ଜୁ ଏ'ଙ୍କର ଜଣେ ବଡ଼ ଭାଇ ବି ଅଛନ୍ତି, ଯାହାଙ୍କୁ ଗୁପ୍ତ ଭାବେ ଉତ୍ତର କୋରିଆର ପରବର୍ତ୍ତୀ ରାଷ୍ଟ୍ରମୁଖ୍ୟ ଭାବେ ପ୍ରସ୍ତୁତ କରାଯାଉଛି ବୋଲି କେତେକ ବିଶେଷଜ୍ଞଙ୍କ ମତ ଦେଇଛନ୍ତି।

ପ୍ରେମ ନିଶା ଘାରିଲା, ଯୁବକ ସହ ଫେରାର ହେଲେ ୯ ପିଲାଙ୍କ ମା'

ଲକ୍ଷ୍ନୌ,୧୨।୯: ବାସ୍ତବରେ ପ୍ରେମ ଅନ୍ଧ। ଜୀବନରେ କେତେବେଳେ କାହା ସହ ପ୍ରେମ ହୋଇଯିବ, କେହି ବି ଜାଣିପାରନ୍ତି ନାହିଁ। ଉତ୍ତରପ୍ରଦେଶର ବଦାୟୁଁ ଜିଲ୍ଲାରେ ଏପରି ଏକ ଘଟଣା ଘଟିଛି, ଯାହା ଆପଣଙ୍କୁ ଏପରି ମତ ପୋଷଣ କରିବା ସକାଶେ ବାଧ୍ୟ କରିବ। କାରଣ ଜଣେ ୫୨ ବର୍ଷୀୟା ମହିଳା ଆଉ ତାଙ୍କର ୯ଟି ପିଲା ଅଛନ୍ତି, ସେ ବି ପ୍ରେମରେ ପାଗଳ ହୋଇ ଜଣେ ଯୁବକଙ୍କ ସହ ଫେରାର୍ ହୋଇଯାଇଛନ୍ତି। ପ୍ରେମରେ ପାଗଳ ହୋଇ ମହିଳା ଜଣଙ୍କ ସ୍ୱାମୀ ସହ ନିଜେ ଜନ୍ମ ଦେଇଥିବା ୯ଟି ପିଲାଙ୍କୁ ଛାଡ଼ି ପଳାଇଯାଇଛନ୍ତି। ଏପରିକି ସେ ଯେଉଁ ଯୁବକଙ୍କ ସହ ଘର ଛାଡ଼ି ଚାଲିଯାଇଛନ୍ତି, ତାଙ୍କ ବୟସ ମାତ୍ର ୩୨ ବର୍ଷ। ଅର୍ଥାତ୍ ପ୍ରେମରେ ଅନ୍ଧ ହୋଇ ମହିଳା ଜଣଙ୍କ ନା ନିଜ ପିଲାଙ୍କ ବିଷୟରେ ଚିନ୍ତା କରିପାରିଲେ, ନା ସମାଜରେ ତାଙ୍କର ହେବାକୁ ଥିବା ସମ୍ମାନ ହାନିକୁ ଖାତିର୍ କଲେ। ଅବଶ୍ୟ ସେ ତାଙ୍କ ପିଲାଙ୍କ ଭିତରୁ କେବଳ ୧୦ ବର୍ଷୀୟ ଝିଅକୁ ସାଥୀରେ ନେଇଛନ୍ତି। ଏଥିସହ ସେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଜମି କାଗଜପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ଜଲାଲପୁର ଗାଁର ଏହି ଦମ୍ପତିଙ୍କ ବିବାହକୁ ୩୨ ବର୍ଷ ପୂରିସାରିଛି।



ଏହି ୩୨ ବର୍ଷ ମଧ୍ୟରେ ସେମାନଙ୍କର ୯ଟି ପିଲା ଜନ୍ମ ହୋଇଥିବା ବେଳେ ସେଥି ମଧ୍ୟରେ ୫ଟି ଝିଅ ଓ ୪ଟି ପୁଅ ଅଛନ୍ତି। ପିଲାଙ୍କ ଭିତରୁ ଜ

ଆସୁଛି ଆଉ ଏକ ମହାମାରୀ: ସବୁ ରାଜ୍ୟକୁ ଆଲର୍ଟ କଲା କେନ୍ଦ୍ର

ନୂଆଦିଲ୍ଲୀ,୧୨।୯: ଦେଶର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ କେବଳ ଘରବାଡ଼ି ଏବଂ ଫସଲର କ୍ଷତି କରିନାହିଁ, ବରଂ ଏହା ଏକ ନୂଆ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି, ଯାହା ହେଉଛି ମଶାଜନିତ ରୋଗଗୁଡ଼ିକର ବ୍ୟାପକ ପ୍ରସାର। ବନ୍ୟାଜଳ ଏବଂ ଜଳଜମା ଯୋଗୁଁ ମଶାଙ୍କ ବଂଶବୃଦ୍ଧି ବଢ଼ିବାରେ ଲାଗିଛି, ଯାହା ଡେଙ୍ଗୁ, ମ୍ୟାଲେରିଆ ଏବଂ ଚିକୁନଗୁନିଆ ଭଳି ରୋଗଗୁଡ଼ିକର ବିସ୍ତାରକୁ ଆହୁରି ବଢ଼ାଇ ଦେଉଛି। ଏହି ପରିପ୍ରେକ୍ଷୀରେ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିକଟରେ ଜାରି ହୋଇଥିବା ପରାମର୍ଶ ଏକ ସମୟୋଚିତ ପଦକ୍ଷେପ ଭାବରେ ଦେଖାଯାଉଛି, କିନ୍ତୁ ପ୍ରଶ୍ନ ଉଠୁଛି: ଏହା କେବଳ କାଗଜପତ୍ରରେ ସୀମିତ ରହିବ ନା ରାଜ୍ୟଗୁଡ଼ିକ ଏହାକୁ କାର୍ଯ୍ୟାନ୍ୱୟନ କରି ଲୋକଙ୍କ ଜୀବନ ରକ୍ଷା କରିବେ?

ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଦେଶର ଡେଙ୍ଗୁ ଏବଂ ମ୍ୟାଲେରିଆ ପରିସ୍ଥିତିର ସମୀକ୍ଷା କରାଯାଇଥିଲା। ଏହି ବୈଠକ ପରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବରେ ସତର୍କତା ଜାରି କରାଯାଇଛି। ଏହି ପରାମର୍ଶରେ ଆଗାମୀ ମାସଗୁଡ଼ିକରେ ପ୍ରତିରୋଧକ ପଦକ୍ଷେପ ଗ୍ରହଣ କରିବାକୁ, ସମ୍ପ୍ରଦାୟ ସ୍ତରରେ ସଚେତନତା ବୃଦ୍ଧି କରିବାକୁ ଏବଂ ମଶା ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ରମ ଚଳାଇବାକୁ କୁହାଯାଇଛି। ବିଶେଷକରି, ରାଜ୍ୟଗୁଡ଼ିକୁ ୨୦ ଦିନ ମଧ୍ୟରେ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ସ୍ଥାନୀୟ ସଂସ୍ଥା, ନଗର ନିଗମ ଏବଂ ପଞ୍ଚାୟତଗୁଡ଼ିକର ସହଯୋଗରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏହା ସହିତ, ସରକାରୀ ହସ୍ପିଟାଲଗୁଡ଼ିକରେ ଔଷଧ, ପରୀକ୍ଷା ସୁବିଧା ଏବଂ ମଶାମୁକ୍ତ ପରିବେଶ ସୁନିଶ୍ଚିତ କରିବାକୁ କୁହାଯାଇଛି।

ଏହାର ପ୍ରଭାବ ଗ୍ରାମୀଣ ଏବଂ ସହରୀ ଅଞ୍ଚଳରେ ସମାନ ଭାବରେ ଦେଖାଯାଉଛି। ତଥାପି, ଏହି ଚ୍ୟାଲେଞ୍ଜ ମଧ୍ୟରେ ଏକ ଆଶାର କିରଣ ରହିଛି ଭାରତର ମ୍ୟାଲେରିଆ ନିୟନ୍ତ୍ରଣରେ ହାସଲ ହୋଇଥିବା ଅଗ୍ରଗତି। ୨୦୧୫ରୁ ୨୦୨୪ ମଧ୍ୟରେ ମ୍ୟାଲେରିଆ ମାମଲା ୭୮ ପ୍ରତିଶତ ହ୍ରାସ ପାଇଛି, ଏବଂ ମୃତ୍ୟୁ ହାର ମଧ୍ୟ ସମାନ ଭାବରେ କମିଛି। ୨୦୨୨ରୁ ୨୦୨୪ ମଧ୍ୟରେ ୧୬୦ଟି ଜିଲ୍ଲାରେ ଗୋଟିଏ ବି ମ୍ୟାଲେରିଆ ରୋଗୀ ମିଳି ନଥିଲା, ଏବଂ ୩୩ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମାମଲା ଗୋଟିଏରୁ କମ୍ ରହିଥିଲା। ଏହି ସଫଳତା ଦର୍ଶାଉଛି ଯେ, ସଠିକ୍ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ସହିତ ଏହି ରୋଗଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ।

ଭାରତର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ମ୍ୟାଲେରିଆ ମୁକ୍ତ ହେବା, କିନ୍ତୁ ଏହି ବନ୍ୟା ପରିସ୍ଥିତି ଏହାକୁ ଏକ ବଡ଼ ଚ୍ୟାଲେଞ୍ଜ କରିଦେଇଛି। ଏବେ ରାଜ୍ୟ ସରକାରମାନଙ୍କ ଉପରେ ଦାୟିତ୍ୱ ରହିଛି ଯେ, ସେମାନେ କେନ୍ଦ୍ରର ପରାମର୍ଶକୁ କେବଳ ଗ୍ରହଣ କରି ନୁହେଁ, ବରଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଏହାକୁ କାର୍ଯ୍ୟରୂପ ଦେବା। ବ୍ୟକ୍ତିଗତ ସ୍ତରରେ ମଧ୍ୟ ଲୋକମାନେ ପରିଷ୍କାରତା ରକ୍ଷା କରି ଏବଂ ମଶାରୁ ରକ୍ଷା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଏହି ସଙ୍କଟ ଏକ ସୁଯୋଗ ମଧ୍ୟ , ଯାହା ଦେଶକୁ ଆହୁରି ସୁସ୍ଥ ଏବଂ ସୁରକ୍ଷିତ କରିବାରେ ସାହାଯ୍ୟ କରିପାରିବ।


ଏହି ଦେଶରେ ଏଆଇ ସମ୍ଭାଳିଲେ ଶାସନ ଭାର, ଜଗିବେ ଟେଣ୍ଡର



ତିରାନେ,୧୨।୯: ଯଦିଓ ସାରା ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା (**ଏଆଇ**)ର ଆଲୋଚନା କେବଳ ଟେକ କମ୍ପାନୀ ଏବଂ ଗବେଷଣା ଲ୍ୟାବ ପର୍ଯ୍ୟନ୍ତ ସୀମିତ, ତଥାପି ଆଲବାନିଆ ଏହାକୁ ସିଧାସଳଖ ରାଜନୀତିର ସିଂହାସନରେ ବସାଇଛି। ପ୍ରଧାନମନ୍ତ୍ରୀ ଏଡି ରାମା ଘୋଷଣା କରିଛନ୍ତି ଯେ ତାଙ୍କ ନୂଆ କ୍ୟାବିନେଟରେ ଡାଏଲା ନାମକ ଜଣେ ଭର୍ଚୁଆଲ ମନ୍ତ୍ରୀ ମଧ୍ୟ ରହିବେ, ଯାହାର ଅର୍ଥ ଆଲବାନିଆ ଭାଷାରେ 'ସୂର୍ଯ୍ୟ'। ଡାଏଲା ଜଣେ ପ୍ରକୃତ ବ୍ୟକ୍ତି ନୁହଁନ୍ତି, ବରଂ ସମ୍ପୂର୍ଣ୍ଣ ଭାବରେ ଏଆଇ ଉପରେ ଆଧାରିତ ଜଣେ ଡିଜିଟାଲ ମନ୍ତ୍ରୀ। ଏହାର କାମ ସରକାରୀ ପାଣ୍ଠି ପ୍ରକଳ୍ପଗୁଡ଼ିକ ଉପରେ ନଜର ରଖିବା ଏବଂ ବିଶେଷକରି ସାର୍ବଜନୀନ ଟେଣ୍ଡରରେ ଦୁର୍ନୀତିକୁ ରୋକିବା। ରାମା କହିଥିଲେ, 'ଏବେଠାରୁ ଆମର ସମସ୍ତ ଟେଣ୍ଡର ୧୦୦ ପ୍ରତିଶତ ଦୁର୍ନୀତିମୁକ୍ତ ହେବ।' ଡାଏଲାଙ୍କୁ କିଛି ମାସ ପୂର୍ବରୁ ପରିଚୟ କରାଯାଇଥିଲା, ଯେତେବେଳେ ତାଙ୍କୁ ଇ-ଆଲବାନିଆ ନାମକ ଏକ ସରକାରୀ ଡିଜିଟାଲ ପ୍ଲାଟଫର୍ମରେ ଭର୍ଚୁଆଲ ସହାୟକ ଭାବରେ ଲଞ୍ଚ କରାଯାଇଥିଲା। ବିଶେଷ କଥା ହେଉଛି ଏହି ଏଆଇ ଅବତାର ପାରମ୍ପରିକ ଆଲବାନିଆ ଲୋକ ପୋଷାକ ପିନ୍ଧି ବ୍ୟବହାରକାରୀଙ୍କୁ ସରକାରୀ ସେବା ବିଷୟରେ ସୂଚନା ପ୍ରଦାନ କରେ। ଆଲବାନିଆର ଶାସକ ସମାଜବାଦୀ ପାର୍ଟି ସଦ୍ୟ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ୧୪୦ ଆସନରୁ ୮୩ ଆସନ ଜିତି ଲଗାତାର ଚତୁର୍ଥ ଥର ପାଇଁ କ୍ଷମତାକୁ ଫେରିଛି। ତଥାପି, ସମ୍ବିଧାନ ପରିବର୍ତ୍ତନ ଭଳି ବଡ଼ ପଦକ୍ଷେପ ନେବା ପାଇଁ ସେମାନଙ୍କୁ ୯୩ ଆସନ ଆବଶ୍ୟକ ହେବ। ଦଳ ପ୍ରତିଶ୍ରୁତି ଦେଇଛି ଯେ ଆଲବାନିଆ ୨୦୨୭ ସୁଦ୍ଧା ୟୁରୋପୀୟ ସଂଘର ସଦସ୍ୟ ହୋଇଯିବ, କିନ୍ତୁ ବିରୋଧୀ ଡେମୋକ୍ରାଟିକ ପାର୍ଟି ଏହି ଦାବିକୁ 'ଫେକ୍' ଭଳି ଲାଗୁଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସାଲି ବେରିଶାଙ୍କ ନେତୃତ୍ୱରେ ଡେମୋକ୍ରାଟିକ ପାର୍ଟି ନିର୍ବାଚନ ଫଳାଫଳ ଉପରେ ପ୍ରଶ୍ନ ଉଠାଇଥିଲେ, ତଥାପି ଏହାର ସାଂସଦମାନେ ସଂସଦର ଉଦଘାଟନୀ ଅଧିବେଶନରେ ଉପସ୍ଥିତ ଥିଲେ। ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, ଏଆଇ ମନ୍ତ୍ରୀ ଡାଏଲାଙ୍କ ସରକାରୀ ସ୍ଥିତି ଏବଂ ତାଙ୍କର ସାମ୍ବିଧାନିକ ସ୍ଥିତି ବିଷୟରେ ଅନେକ ପ୍ରଶ୍ନ ରହିଛି। କିନ୍ତୁ ରାମା ସରକାର ଦାବି କରିଛନ୍ତି ଯେ ଏହି ପରୀକ୍ଷଣ କେବଳ ଦୁର୍ନୀତିକୁ ରୋକିବାରେ ସଫଳ ହେବ ନାହିଁ, ବରଂ ଡିଜିଟାଲ ଶାସନରେ ଆଲବାନିଆକୁ ଏକ ନୂତନ ପରିଚୟ ଦେବ। ୧୯୯୦ ମସିହାରେ କମ୍ୟୁନିଷ୍ଟ ଶାସନର ପତନ ପରଠାରୁ ଆଲବାନିଆ ପାଇଁ ଦୁର୍ନୀତି ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏବେ ଦେଖିବାକୁ ବାକି ଅଛି ଯେ ଭର୍ଚୁଆଲ ମନ୍ତ୍ରୀ ଡାଏଲା ପ୍ରକୃତରେ 'ସୂର୍ଯ୍ୟ' ପରି ଆଲୋକ ବିସ୍ତାର କରନ୍ତି କି ଏହା କେବଳ ଏକ ରାଜନୈତିକ ପ୍ରଦର୍ଶନୀ ହୋଇ ରହିବ।

ମହାନଦୀ ପଠାରେ ଫସି ରହିଛନ୍ତି ୧୮ ଟିକିଆ ହାତୀପଲ

ବାଙ୍କୀ,୧୨।୯ (ସଂଚାର ବ୍ୟୁରୋ) : ବାଙ୍କୀ ଉପଖଣ୍ଡ ଡମପଡ଼ା-ଚନ୍ଦକା ଅଭୟାରଣ୍ୟରେ ବାସ କରୁଥିବା ହାତୀପଲମାନଙ୍କ ମଧ୍ୟରୁ ଏକ ୧୮ ଟିକିଆ ହାତୀପଲ ଗୁରୁବାର ରାତିରେ ମହାନଦୀ ପାର୍ ହୋଇ ଆଠଗଡ଼ ଉପଖଣ୍ଡ ସୁକାସନ ଜଙ୍ଗଲକୁ ଯାଇଥିଲେ। ନିଜ ଜଙ୍ଗଲ ଡମପଡ଼ା-ଚନ୍ଦକାକୁ ଫେରୁଥିବା ବେଳେ ସକାଳ ହୋଇଯାଇଥିବାରୁ ମହାନଦୀ ପଠାରେ ଫସି ରହିଥିବା ବେଳେ ଲୋକମାନଙ୍କ କୋଳାହଳରୁ ଆସି ପାରିbj ନ ଥିଲେ। ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ରେଞ୍ଜର। ନିରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଭଗିପୁର ଫରେଷ୍ଟ ଅଧିକାରୀ ଓ ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।



ଏମ୍ସରେ ଗୁରୁତର ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର,୧୨।୯(ସଂଚାର ବ୍ୟୁରୋ): ଆତ୍ମାହୁତି ଦେବାକୁ ଯାଇ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଗୁରୁତର ହୋଇଥିବା ବ୍ରହ୍ମପୁର ସହରର ସୂରଜ ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଜି ଏମ୍ସ ଭୁବନେଶ୍ୱରରେ ମୃତ୍ୟୁ ଘଟିଛି। ଏମ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବ୍ରହ୍ମପୁର ବଡ଼ବଜାର ଥାନା ମେଣ୍ଟୁ ଛକରେ ଗତ ବୁଧବାର ସନ୍ଧ୍ୟାରେ ସୂରଜ ସାହୁ କୌଣସି କାରଣକୁ କେନ୍ଦ୍ର କରି ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ପ୍ରଥମେ ବ୍ରହ୍ମପୁର ଏମ୍କେସିଜି ବଡ଼ମେଡିକାଲରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ପରେ ତାଙ୍କୁ ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା। ସୂରଜଙ୍କୁ ବଞ୍ଚାଇବା ପାଇଁ ଡାକ୍ତରୀ ଟିମ୍ ପ୍ରବଳ ଉଦ୍ୟମ ମଧ୍ୟ କରିଥିଲେ। ଶେଷର ଆଜି ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମେଡିକାଲରେ ସମସ୍ତ ପ୍ରକ୍ରିୟା ସରିବା ପରେ ସୂରଜଙ୍କ ପାର୍ଥିବ ଶରୀର ପୁରୀ ଯିବ। ସେଠାରେ ଅନ୍ତିମ ସଂସ୍କାର ହେବ। ସୂଚନାଯୋଗ୍ୟ, ବଡ଼ ପଦକ୍ଷେପ ନେବା ପୂର୍ବରୁ ସୂରଜ ଦୁଃଖଭରା ପୋଷ୍ଟ କରିଥିଲେ। ସୋସିଆଲ ମିଡିଆରେ ଷ୍ଟାଟସ ସେୟାର କରି ମରିବାକୁ ଚାହୁଁଥିବା ସୂଚନା ଦେଇଥିଲେ। ମୋର କିଛି ହେଇଗଲେ କେହି ଦାୟୀ ହେବେ ନାହିଁ ବୋଲି ମଧ୍ୟ କହିଥିଲେ।

ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍

ପୂର୍ବତଟ ରେଳପଥ ହକି ଟିମ୍ ବିଜେତା



ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ହକି ଟିମ ଓଡ଼ିଶା ହକି ସଂଘ ଦ୍ୱାରା ଆୟୋଜିତ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍ ୨୦୨୫ର ଟାଇଟଲ ବିଜେତା ହୋଇଛି। ୬ ରୁ ୧୧ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍ ରେ ରାଜ୍ୟର ୩୬ ଟି ଦଳ ଅଂଶଗ୍ରହଣ କରିଥିଲେ, ଯାହା ଓଡ଼ିଶାର ହକି ପ୍ରତିଭାର ଗଭୀରତା ଓ ପ୍ରସାରକୁ ପ୍ରଦର୍ଶନ କରିଥିଲା। ସୁନ୍ଦରଗଡ଼ ଦଳ ବିପକ୍ଷରେ ହୋଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ, ପୂର୍ବତଟ ରେଳପଥ ହକି ଦଳ ତାଙ୍କ ପ୍ରେରଣାଦାୟକ ଅଧିନାୟକ ଅମିତ ରୋହିଦାସଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଶ୍ରୀ ରୋହିଦାସଙ୍କ ଉଲ୍ଲେଖନୀୟ ହ୍ୟାଟ୍-ଟ୍ରିକ୍ ଗୋଲ୍ ଦଳକୁ ଏକ ସ୍ମରଣୀୟ ବିଜୟ ପ୍ରଦାନ କରିଥିଲା। ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବାର ଏକ ସମୃଦ୍ଧ ପରମ୍ପରା ରହିଛି। ବର୍ଷ ବର୍ଷ ଧରି ଏହି ଜୋନର କ୍ରୀଡ଼ାବିତ୍ ମାନେ କେବଳ ଭାରତୀୟ ରେଳବାଇ ପାଇଁ ନୁହେଁ ବରଂ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଏବଂ ଭାରତ ପାଇଁ ମଧ୍ୟ କ୍ରମାଗତ ଭାବରେ ଗୌରବ ଆଣିଛନ୍ତି। ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପରେ ଏହି ବିଜୟ ପୂର୍ବତଟ ରେଳପଥର କ୍ରୀଡ଼ା ଐତିହ୍ୟରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡିଛି ଏବଂ କ୍ରୀଡ଼ା ମାଧ୍ୟମରେ କ୍ରୀଡ଼ା ଉତ୍କର୍ଷତା, କ୍ରୀଡ଼ାବିତମାନଙ୍କର ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ କ୍ୟାମେରା

ପୁରୀ,୧୨।୯(ସଂଚାର ବ୍ୟୁରୋ) : ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ କ୍ୟାମେରା । ଆଜି ସକାଳ ସମୟରେ ଶ୍ରୀମନ୍ଦିର ଉପରେ ନୀଳଚକ୍ର ଚାରି ପଟେ ଘୂରି ବୁଲୁଥିଲା ଅଜଣା ଡ୍ରୋନ । ଶ୍ରୀମନ୍ଦିର ଉପର ନୋ ଫ୍ଲାଇଂ ଜୋନ ହୋଇଥିବା ବେଳେ କିଭକି ଭାବେ ବାରମ୍ବାର ଡ୍ରୋନ ଉଡୁଛି ତାହା ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତକାଲି ରାତିରେ ଏକ ଡ୍ରୋନ ଉଡୁଥିବା ବେଳେ ଆଜି ସକାଳ ସମୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଛି ।

୨୬ କିଲୋ ଗଞ୍ଜେଇ ଓ ବାଇକ ଜବତ: ୨ ଗିରଫ

ମାଲକାନଗିରି,୧୨।୯(ସଂଚାର ବ୍ୟୁରୋ): ଏକ ବାଇକ ଯୋଗେ ଦୁଇ ଜଣ ବ୍ୟକ୍ତି ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଓର୍କେଲ ପୁଲିସ ହାବୁଡ଼ରେ ପଡ଼ିଛନ୍ତି। ସମ୍ପୃକ୍ତ ଦୁଇ ଅଭିଯୁକ୍ତ ହେଲେ ମାଲକାନଗିରି ଥାନା ଭେଜାଗୁଡା ଗ୍ରାମର ସମୀର କିର୍ସାନି (୨୦) ଓ ଆକାଶ କିର୍ସାନୀ (୨୩)। ଏନେଇ ପୁଲିସ ଦେଇଥିବା ସୂଚନାନୁସାରେ, ଓର୍କେଲ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ପୁଲିସ୍‌ର ଏକ ସ୍ୱତନ୍ତ୍ର ଟିମ ଗତକାଲି ପ୍ରାୟ ୨ଟା ସମୟରେ କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅନ୍ତର୍ଗତ ସୋରଲୁକୋଣ୍ଡା ବ୍ୟାରେଜ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ବ୍ୟାରେଜ ରାସ୍ତା ଦେଇ ଉକ୍ତ ଦୁଇ ଜଣ ବାଇକରେ ଏକ ବ୍ୟାଗରେ କିଛି ସାମଗ୍ରୀ ନେଇ ଦ୍ରୁତ ଗତିରେ ଯାଉଥିବା ଦେଖି ସନ୍ଦେହ ହେବାରୁ ପୁଲିସ୍ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ସେମାନଙ୍କୁ ଅଟକାଇ ଯାଞ୍ଚ୍ କରାଯିବା ସମୟରେ ଦୁଇଟି ଜରି ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଘଟଣାସ୍ଥଳରୁ ପୁଲିସ ବାଇକ ସମେତ ଗଞ୍ଜେଇକୁ ଜବତ କରିବା ସହ ଉକ୍ତ ଦୁଇ ବ୍ୟକ୍ତିଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଦୁଇଟି ଜରିରେ ମୋଟ ୨୬ କେଜି ଗଞ୍ଜେଇ ଥିଲା। ଏନେଇ ପୁଲିସ ୨୪୧/୨୦୨୫ରେ ଏନଡିପିଏସ ଧାରାରେ ମାମଲା ରୁଜୁ କରିବା ସହ ଦୁଇ ଗିରଫ ବ୍ୟକ୍ତିଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କହିଛନ୍ତି।

ଶ୍ରୀକ୍ଷେତ୍ରର ୪ କେନ୍ଦ୍ରରେ ରହିବେ ହବିଷ୍ୟାଳି

ପୁରୀ,୧୨।୯ (ସଂଚାର ବ୍ୟୁରୋ) : ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ମାସ ୭ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। କେବଳ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରାଯିବ। ହବିଷ୍ୟାଳୀ ମା ମାନଙ୍କୁ ୪ ଗୋଟି ରହଣି କେନ୍ଦ୍ର ଯଥା ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟସ୍ଥଳରେ ରଖାଯିବ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି।

ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ହବିଷ ବ୍ରତ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ହବିଷ୍ୟାଳୀ ମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ଉପରୋକ୍ତ ହବିଷ୍ୟାଳୀ କେନ୍ଦ୍ର ଗୁଡିକ ହବିଷ ବ୍ରତ ଆରମ୍ଭ ପୂର୍ବରୁ ପ୍ରସ୍ତୁତ ରଖିବା, ମା'ମାନଙ୍କର ଭଲ ଭାବେ ରହଣି ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟ ସ୍ଥଳଠାରେ ହବିଷ୍ୟାଳୀ ମା ମାନଙ୍କର ରହଣିର ବ୍ୟବସ୍ଥା କରାଯାଉଛି ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଅଧିକାରୀମାନେ ଏହାକୁ ଅନୁଧ୍ୟାନ କରିଛନ୍ତି ବୋଲି କହିଥିଲେ। ହବିଷ୍ୟାଳୀ ଯୋଜନା ଆଧାରରେ ବୟସ୍କା ମା'ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି। ତେଣୁ ସରକାରଙ୍କ ପରାମର୍ଶ କ୍ରମେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇ ବାକୁ ବ୍ୟବସ୍ଥା କରୁଛି। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ,ପାଲା ଇତ୍ୟାଦି ବ୍ୟବସ୍ଥା ସହ ଚିକିତ୍ସା, ପରିମଳ,ପାନୀୟ ଜଳ, ସ୍ୱଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗମାନଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ସୁ-ନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯିବ। ମା'ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱଚ୍ଛାସେବୀ ମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ

ପଙ୍ଖାରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ, ୧୨।୯ (ସଂଚାର ବ୍ୟୁରୋ): ହିଞ୍ଜିଳି ପୌରାଞ୍ଚଳସ୍ଥିତ ବଇଁବଣିଆ ଅଞ୍ଚଳରେ ଜଣେ ଯୁବକ ଗୁରୁବାର ଦିନ ଘର ପଙ୍ଖାରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହିଞ୍ଜିଳି ଥାନା ଆଡପଡା ଫାଣ୍ଡି ପେଣ୍ଡୁରାଲୁଣ୍ଡି ଗ୍ରାମର ପ୍ରିୟରଞ୍ଜନ ଜେନା (୩୩)। ଯୁବକ ଜଣଙ୍କ ଗତ ୪ ମାସ ଧରି ହିଞ୍ଜିଳି ଥାନା ବଇଁବଣିଆ ଅଂଚଳ ସ୍ଥିତ ଭିଣୋଇ ଘରେ ରହି ଆସୁଥିଲେ। ମୃତ୍ୟୁର କାରଣ ଏଯାଏଁ ସ୍ପଷ୍ଟ ହୋଇନଥିବା ବେଳେ ଏନେଇ ହିଞ୍ଜିଳି ଥାନାରେ କେସ ନଂ-୨୩/୨୫ରେ ଏକ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଗୁଦାରୀକୁ ଉଡ଼ାନରେ ସାମିଲ ଦାବି



ଫୁଲବାଣୀ, ୧୨।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ସହର ଉପକଣ୍ଠ ଗୁଦାରୀରେ ଥିବା ଏୟାରଷ୍ଟ୍ରିପକୁ କେନ୍ଦ୍ର ସରକାରଙ୍କ ଉଡ଼ାନ୍ ଯୋଜନାରେ ସାମିଲ କରିବା ପାଇଁ ଅନେକ ଦିନରୁ ଦାବି ହେଉଛି। ଏ ନେଇ ପୂର୍ବରୁ ବିଭିନ୍ନ ସାମାଜିକ ସଂଗଠନ, ଜନ ପ୍ରତିନିଧି ଦାବି ଉଠାଇଛନ୍ତି । ଉଡ଼ାନ୍ ଯୋଜନାରେ ସାମିଲ କରି ଏହାକୁ ଏକ ପୂର୍ଣ୍ଣକାଳୀନ ବିମାନ ଅବତରଣ କେନ୍ଦ୍ରରେ ପରିଣତ କଲେ ଜିଲ୍ଲାକୁ ରାଜ୍ୟ ବାହାର ଲୋକଙ୍କ ଗମନାଗମନ ସୁଗମ ହେବା ସହ ପର୍ଯ୍ୟଟନର ବିକାଶ ସମ୍ଭବ ହୋଇପାରିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ବାରମ୍ବାର ଦାବି ଓ ଆଲୋଚନା ପରେ ମଧ୍ୟ ଏ ଦିଗରେ କୌଣସି ଅଗ୍ରଗତି ହୋଇନାହିଁ । ତେଣୁ ନିକଟ ଅତୀତରେ ଗୁଦାରୀକୁ 'ଉଡ଼ାନ୍' ଯୋଜନାରେ ସାମିଲ କରିବାକୁ ସାଂସଦ ଦାବି କରିଛନ୍ତି।

ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍) ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ସୋମବାର ଜଟଣୀ ବ୍ଲକର ମୁଣ୍ଡମୁହାଁଣ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯିବା ସହ ଏକ ସାତ ଦିନିଆ ସ୍ୱତନ୍ତ୍ର ସେବା ଶିବିର ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।



ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ସଂଯୋଜକ ଡଃ କମଳ ଲୋଚନ ମହନ୍ତ, ସାହିତ୍ୟିକ ତଥା ପରିବେଶବିତ୍ ରମାକାନ୍ତ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ଦାଶ ଏବଂ କାର୍ଯ୍ୟ ଅଧିକାରୀ ସହପ୍ରାଧାପକ ଅମ୍ବରୀଶ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିର ମାଧ୍ୟମରେ ବିଧି ଶାସ୍ତ୍ର ବିଭାଗର ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ମୌଳିକ ଆଇନ ସହାୟତାର ବିଭିନ୍ନ ଦିଗ ବିଷୟରେ ଶିବିର ଓ ପଦଯାତ୍ରା ଆଦି କାର୍ଯ୍ୟକ୍ରମର ଯୋଜନା କରାଯାଇଛି। ଏହି ସାତ ଦିନ ମଧ୍ୟରେ ଗ୍ରାମୀଣ ପରିବେଶରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା ସହ ସାମୂହିକ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ହାତକୁ ନେବାର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି।

୧୦ ବର୍ଷ ବିତିଲା

କେବେ ସରିବ କେନ୍ଦ୍ରୀୟ ବିଦ୍ୟାଳୟ କୋଠା କାମ ?

ହିଞ୍ଜିଳିକାଟୁ, ୧୨।୯ (ସଂଚାର ବ୍ୟୁରୋ): ଦେଖୁ ଦେଖୁ ୧୦ ବର୍ଷ ବିତିଗଲାଣି ତଥାପି ସରୁନି କାମ। ଏବେ ବି ଅସ୍ଥାୟୀ କୋଠାରେ ଚାଲିଛି ହିଞ୍ଜିଳିକାଟୁ କେନ୍ଦ୍ରୀୟ ବିଦ୍ୟାଳୟ। ହିଞ୍ଜିଳିକାଟୁ ଅଞ୍ଚଳରେ ଶିକ୍ଷାର ବିକାଶ ଲାଗି ସ୍ଥାନୀୟ ଲୋକଙ୍କ ବହୁ ପ୍ରଚେଷ୍ଟାରେ ୨୦୧୫ ମସିହାରେ ଏକ ଅସ୍ଥାୟୀ କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଥିଲା।

ପ୍ରକାଶ ଥାଉ କି, ସେତେବେଳେ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟ ପଛପଟେ ପୂର୍ବ ସରକାର ୮ ଏକର ଜାଗା କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କୋଠା ପାଇଁ ଯୋଗାଇଦେଇଥିଲେ। ଦୀର୍ଘ ୧୦ ବର୍ଷ ହେଲା ବୃନ୍ଦାବନ ଉଚ୍ଚ ବିଦ୍ୟାଳୟର କିଛି ଶ୍ରେଣୀ ଗୃହକୁ ନେଇ ଏହା ପରିଚାଳିତ ହେଉଛି। ସେପଟେ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟର (ବାଳକ ଓ ବାଳିକା) ମିଶ୍ରଣ ପରେ ବିଦ୍ୟାର୍ଥୀଙ୍କ ପାଇଁ ଶ୍ରେଣୀଗୃହର ଅଭାବ ପରିଲିକ୍ଷିତ ହୋଇଛି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାୟ ୨୮କୋଟି ଟଙ୍କା ବ୍ୟୟରେ କେନ୍ଦ୍ରୀୟ ସଂସ୍ଥା ସିପିଡବ୍ଲୁଡ଼ି ଏହି କୋଠା କାମ ହାତକୁ ନେଇଥିଲା ବେଳେ ନିର୍ମାଣ କାର୍ଯ୍ୟ ବିଳମ୍ବକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିର୍ମାଣ କାର୍ଯ୍ୟ ପ୍ରଥମ ଅବଧି ୨୦୨୨-୨୪ ରହିଥିବା ବେଳେ କାର୍ଯ୍ୟ ଅସମ୍ପୂର୍ଣ୍ଣ କାରଣରୁ ତାହା ଦ୍ୱିତୀୟ ଥର ଡେଡଲାଇନ ୨୦୨୫ ମସିହା ଏପ୍ରିଲ ମାସ ରହିଥିଲା। ଆଉ ସେହି ଅବଧି ପୂର୍ଣ୍ଣ ହୋଇ ବର୍ତ୍ତମାନ ଡିସେମ୍ବର ୩୧, ୨୦୨୫ ଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ନିର୍ମାଣ କାର୍ଯ୍ୟକୁ ଅତି ନିକଟରୁ ଦେଖିଲେ ତାହା ନିର୍ଦ୍ଧାରିତ ସମୟରେ ନ ସରିଲା ଭଳି ମନେ ହେଉଛି।



୧୦ ବର୍ଷ ହେଲା ଅସ୍ଥାୟୀ କୋଠାରେ ଚାଲିଛି ପାଠପଢ଼ା

ଏପ୍ରିଲରୁ ସରିଗଲାଣି ଦ୍ୱିତୀୟ ଡେଡ୍‌ଲାଇନ

ସେପଟେ ଅସ୍ଥାୟୀ କୋଠାରେ ସଚ୍ଚୁଳି ହୋଇ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀ ନାହିଁ ନ ଥିବା ଅସୁବିଧାର ସଙ୍ଖ୍ୟୁଖୀନ ହେଉଛନ୍ତି। ସ୍ଥାୟୀ କୋଠା ନିର୍ମାଣ ତ୍ୱରାନ୍ୱିତ ପାଇଁ ଜିଲ୍ଲା ପ୍ରଶାସନ ଅବା ସରକାର ତତ୍ପରତା ଦେଖାଇବାକୁ ଦାବି ହେଉଛି।

ଲଜ୍ ଓ ଗେଷ୍ଟ ହାଉସରେ ଖୁଲମ୍‌ଖୁଲ୍ଲା ଚାଲିଛି ଦେହ ବେପାର

ବଟି ନେଇ ଚୁପ୍ ଯାଜପୁର ପୁଲିସ



ଯାଜପୁର, ୧୨।୯ (ସଂଚାର ବ୍ୟୁରୋ): ଯାଜପୁର ସହରର ଗାରିମାକୁ କଳଙ୍କିତ କରି ସହର ଏବଂ ଆଖପାଖରେ ଥିବା ଲଜ୍ ଏବଂ ଗେଷ୍ଟ ହାଉସଗୁଡ଼ିକରେ ଖୋଲାମେଲା ଦେହ ବେପାର ଚାଲିଛି। ସହରବାସୀଙ୍କ ମୁଖରେ ଏକମାତ୍ର ପ୍ରଶ୍ନ ପୁଲିସ କାହିଁକି ଚୁପ୍ ?

ସାଧାରଣରେ ଚର୍ଚ୍ଚା ହେଉଛି ନିୟମିତ ବଟିନେଇ ନେଇ ପୁଲିସ ନଜର ଦେଉନି । ଏହା ଫଳରେ କୁସୁମା ପର୍ଯ୍ୟଟନ କ୍ଷେତ୍ରକୁ ଆସୁଥିବା ଦେହ ବେପାରୀ ଏବଂ ଦଲାଲଙ୍କ ଭିଡ଼ ଲଜ୍, ଗେଷ୍ଟ ହାଉସ ଓ ସ୍ଥାନୀୟ ମଞ୍ଚପଗୁଡ଼ିକରେ ଜମୁଛି। ପଡୋଶୀ ରାଜ୍ୟରୁ ଯୁବତୀମାନଙ୍କୁ ଆଣି ମୋଟା ଟଙ୍କାରେ ଦେହ ବେପାର ଚଲାଯାଉଛି। ଏହି ଅସତ କାରବାର କେବଳ ସହରରେ ନୁହେଁ, ବିଭିନ୍ନ ରାଜ୍ୟରେ ଯାଜପୁରକୁ କଳଙ୍କିତ କରୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଦିନରାତି ସେହି ଲଜ୍ ଏବଂ ଗେଷ୍ଟ ହାଉସରେ ଦେହଜିବୀମାନେ ରହୁଥିବା ସମସ୍ତଙ୍କୁ ଜଣା, କିନ୍ତୁ ପୁଲିସ ଆଖି ବନ୍ଦ କରିବସିଛି। ଯାଜପୁର ସହର ଉନ୍ନତିରେ ନୂଆ ନାମ ଲେଖିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସର ଏହି ନିଷ୍କ୍ରିୟତା ଯୁବପିଢ଼ିକୁ ପଥଭ୍ରଷ୍ଟ କରୁଛି। କଲେଜ ପଡୁଆମାନେ ମଧ୍ୟ ଅସତ ପଥରେ ପଦାର୍ପଣ କରୁଥିବାର ଅଭିଯୋଗ ଉଠିଛି। ଯାଜପୁରର ବୁଦ୍ଧିଜୀବୀ ମହଲ, ସହରବାସୀ ଏହାକୁ ଘୋର୍ ନିନ୍ଦା କରି ତୁରନ୍ତ ମଞ୍ଚପ, ଲଜ୍ ଓ ଗେଷ୍ଟ ହାଉସରେ ଚଢ଼ାଉ କରି ଦେହ ବେପାରକୁ ସମୂଳେ ଦମନ କରିବା ପାଇଁ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଏଠାରେ ପ୍ରଶ୍ନ ପୁଲିସ କାହା ପାଇଁ? ସହରର ଗାରିମା ବଞ୍ଚାଇବାକୁ, ନା ବଟିନେଇ ଚୁପ୍ ରହିବାକୁ ?



ଉନ୍ନୟନ କାର୍ଯ୍ୟ ତଦାରଖ କଲେ କମିଶନର

ବାଲିଅନ୍ତା, ୧୨।୯ (ସଂଚାର ବ୍ୟୁରୋ): ମିସନ ଶକ୍ତି କମିସନର ତଥା ସ୍କୁଲ ଓ ଗଣ ଶିକ୍ଷା ବିଭାଗ ସଚିବ ସାଳିନୀ ପଣ୍ଡିତ ଆଜି ବାଲିଅନ୍ତା ପଞ୍ଚାୟତ ସମିତିର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଡିଓ) ଜ୍ୟୋତିଶଙ୍କର ସାହୁ ଏବଂ ବାଲିଅନ୍ତା ବ୍ଲକ ବିଡିଓ ରଶ୍ମିତା ନାଥ ପ୍ରମୁଖ ତଦନ୍ତରେ ଆସି ଉନ୍ନୟନ କାର୍ଯ୍ୟର ସ୍ଥିତି ପରଖି ଥିଲେ। କମିସନର ଓ ପଦସ୍ଥ ଅଧିକାରୀମାନେ ବାଲିଅନ୍ତା ପଞ୍ଚାୟତ ପକ୍ଷରୁ କୁଶଗାଡ଼ିଆ ନିକଟରେ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଗୋଷ୍ଠୀ ଶୌଚାଳୟ ବୁଲି ଦେଖିଥିଲେ। ପରେ ବାଲିଅନ୍ତା-ବେଣୁପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୯୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଆଉଟଡୋର ବିଲ୍ଡିଂ ଦେଖିଥିଲେ। ନୂଆ କୋଠାରେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ପିଏନଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟ ଦେଖିଥିଲେ। କାକରୁଦ୍ରପୁର ପଞ୍ଚାୟତ ଅଧୀନ ଖମଙ୍ଗ ଶାସନ ଗ୍ରାମର ନକୁଳ ମୁଖୀଙ୍କ ଗୁଆ ଫାର୍ମ ଦେଖିଥିଲେ। ପରେ ପ୍ରତାପରୁଦ୍ରପୁରରେ ପଞ୍ଚାୟତରେ ସୁନନ୍ଦା ଶତପଥୀଙ୍କ ମଞ୍ଜି ପ୍ରକ୍ରିୟାକରଣ ୟୁନିଟ ଦେଖିଥିଲେ ।

ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୧୨।୯ (ସଂଚାର ବ୍ୟୁରୋ): ହିଞ୍ଜିଳି ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଆଜି ସକାଳେ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଦେବାନନ୍ଦ ବେହେରା (୩୫)। ଖବର ପାଇଁ ପୁଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ଯୁବକଙ୍କ ଅକାଳ ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଏଯାଏଁ ଛାତ୍ରଛାତ୍ରୀଙ୍କୁ ମିଳିନି ପୋଷାକ

କାକଟପୁର/ଅସ୍ତରଙ୍ଗ, ୧୨।୯ (ସଂଚାର ବ୍ୟୁରୋ): ଶିକ୍ଷାବର୍ଷକୁ ୬ମାସରୁ ଊର୍ଦ୍ଧ୍ୱ ବିତିଲାଣି, ଏ ପର୍ଯ୍ୟନ୍ତ ମିଳିଲା ନାହିଁ ପୋଷାକ କି ଜୋତା । ପୂର୍ବ ସରକାର ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ପୋଷାକ, ଜୋତା ବିତରଣ କରୁଥିଲେ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ୨୨ଗୋଟି ହାଇସ୍କୁଲରେ ବିଦ୍ୟାଳୟରେ ନୂତନ ପୋଷାକ ମିଳିନାହିଁ । ଛାତ୍ରଛାତ୍ରୀ ଜୋତା ବଦଳରେ ଚପଲ ଓ ଚିରିଯାଇଥିବା ଡ୍ରେସ ପିନ୍ଧି ବିଦ୍ୟାଳୟ ଆସୁଛନ୍ତି ।



ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବିକାଶ ଘଟାଇବା ଲକ୍ଷ୍ୟରେ ପୂର୍ବ ସରକାର ନାନା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିକ୍ଷାଦାନ ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉପରେ ଆର୍ଥିକ ବୋଝ ନ ରହିବ ସେ ନେଇ ପୂର୍ବ ସରକାର ସମୟରୁ ମାଗଣାରେ ବହିପତ୍ର, ପୋଷାକ, ଜୋତା ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଛନ୍ତି। କିନ୍ତୁ ରାଜ୍ୟରେ ନୂତନ ସରକାର ଆସିବା ପରେ କେବଳ ପୋଷାକ ରଙ୍ଗ ପରିବର୍ତ୍ତନ କରିଦେଲେ କିନ୍ତୁ ଶିକ୍ଷାବର୍ଷ ୬ ମାସରୁ ଊର୍ଦ୍ଧ୍ୱ ହେଲେ ମଧ୍ୟ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ହାଇସ୍କୁଲ ଗୁଡିକରେ ପୋଷାକ ମିଳିଲା ନାହିଁ। ନବମ ଓ ଦଶମ ଶ୍ରେଣୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ୟୁନିଫର୍ମ ଦେବା ପାଇଁ ପୂର୍ବ ସରକାର ଘୋଷଣା କରି ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ପୋଷାକ, ଜୋତା ଦେଉଥିଲେ। କିନ୍ତୁ ସରକାର ବଦଳିବା ପରେ ଅଲୋଡ଼ା ପାଲଟିଛନ୍ତି ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରୀ ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୨୨ଟି ହାଇସ୍କୁଲ ରହିଥିବା ବେଳେ ପୋଷାକ ମିଳିନଥିବା ଜଣାପଡିଛି। ଏ ନେଇ ଶିକ୍ଷକ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଶିକ୍ଷାବର୍ଷ ଆରମ୍ଭ ୬ମାସରୁ ଊର୍ଦ୍ଧ୍ୱ ହେଲାଣି । ଅନେକଙ୍କ ଡ୍ରେସ ଚିରି ଯାଇଥିବାରୁ ବିଦ୍ୟାଳୟ ଆସିବାକୁ ଅନେକ ଛାତ୍ରଛାତ୍ରୀ ଇଚ୍ଛା ପ୍ରକାଶ କରୁନାହାନ୍ତି। ସରକାର ବଦଳିବା ପରେ ଠିକି ସମୟରେ ନାଁ ମିଳୁଛି ପୋଷାକ ନାଁ ଜୋତା। ଏ ନେଇ ମଣ୍ଡଳ ଶିକ୍ଷାଧିକାରୀ ରଖିନଥିବା ବେଳେ ଶିକ୍ଷାବିତ ଅଶୋକ ସ୍ୱାଇଁ କହିଛନ୍ତି ସରକାର ଗୁରୁତର ସହ ନେଇ ଡ୍ରେସ ଯୋଗାଇବା ପାଇଁ।

ଧର୍ମକୁ ଆଖିଠାର ନ୍ୟାୟରେ ଅଧିକାରୀ ମାନଙ୍କୁ ହାତ କରି ଏସଏଚଜି ଚୟନ କରାଯାଉଥିବା ବେଳେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଗୁଣବତା ଅନୁଯାୟୀ ପୋଷାକ ମିଳୁ ନଥିବା ଅଭିଯୋଗ ହେଉଛି। ଏପଟେ ପୋଷାକ କ୍ରୟ କରିବା ପାଇଁ ବିଦ୍ୟାଳୟ ଗୁଡିକୁ ଏଯାଏଁ ଟଙ୍କା ଆସିନଥିବା ଜଣାପଡିଛି। ଛାତ୍ରଛାତ୍ରୀଙ୍କୁ ଯେତେ ଶୀଘ୍ର ସମ୍ଭବ ଗୁଣବତ୍ତା ଉପରେ ନଜର ରଖାଯାଇ ଭଲ ଡ୍ରେସ ପ୍ରଦାନ ଖୁବ ଶୀଘ୍ର କରାଯିବା ଉଚିତ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀ ସଂଘର ବିକ୍ଷୋଭ

ନବରଙ୍ଗପୁର, ୧୨।୯ (ସଂଚାର ବ୍ୟୁରୋ): ଗତ ଅଗଷ୍ଟ ୩୧ ତାରିଖରେ ଚିକିତ୍ସା ଅବହେଳାରୁ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବଡ ବାସିନୀ ଗାଁ ଗର୍ଭବତୀ ଆଶାକର୍ମୀ ଦଇମତି ଭତ୍ରାଙ୍କ ମୃତ୍ୟୁ ଅଭିଯୋଗ ଘଟଣାରେ ଚିକିତ୍ସା ଅବହେଳା କରିଥିବା ଡକ୍ଟର ସାଗରିକା ସ୍ୱାଇଁଙ୍କୁ ଗିରଫ ଦାବି ସହ ୫ ଦଫା ଦାବି ନେଇ ଜିଲ୍ଲା ଆଶା କର୍ମୀ ସଂଘ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।



ଏନେଇ ଆଶାକର୍ମୀଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ଷ୍ଟାଡିୟମ ନିକଟରୁ ବାହାରି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଡକ୍ଟର ସାଗରିକା ସ୍ୱାଇଁଙ୍କୁ ୬ ଘଣ୍ଟା ମଧ୍ୟରେ ଗିରଫ କରିବା, ମୃତ ଆଶାକର୍ମୀଙ୍କ ପରିବାରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଦଶ ଦଶ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ, ଆଶାକର୍ମୀ ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା ନଚେତ ସରକାରୀ ମାନ୍ୟତା ପ୍ରଦାନ ସମୟ ମଧ୍ୟରେ ମାସିକ ବେତନ ୨୪ ହଜାର ଟଙ୍କା ପ୍ରଦାନ, ଆଶା କର୍ମୀଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ଦଶ ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ଏବଂ ଆଶା କର୍ମୀଙ୍କ ଅବସର କାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ସହିତ ମାସିକ ଭତ୍ତା ୫ ହଜାର ଟଙ୍କା ପ୍ରଦାନ ଭଳି ୫ ଦଫା ସମ୍ବଳିତ ଦାବି ନେଇ ଜିଲ୍ଲା ଆଶା କର୍ମୀ ସଂଘର ଶହ ଶହ କର୍ମକର୍ତ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୩୭୭ ଚିହ୍ନଟ

କାକଟପୁର/ଅସ୍ତରଙ୍ଗ, ୧୨।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୋଟ ୩୭୭ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି।

ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧକ୍ଷା ଆରତୀ ନାଏକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକି ପ୍ରମୁଖ ଯୋଗଦେଇ ଥିଲେ। ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଏହି ଶିବିର ଆୟୋଜନର ଆଭିମୁଖ୍ୟ ଓ ଉପାଦେୟତା ସମ୍ବନ୍ଧରେ ଉପସ୍ଥାପନା କରିବା ସହ ଶିବିରରେ ମୁଖ୍ୟତଃ ବିଭିନ୍

ମା' ତାରିଣୀଙ୍କ ଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୨।୯(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଦିନିକିଆ କେନ୍ଦୁଝର ଗସ୍ତରେ ଆସିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସଡ଼କ ପଥରେ ଆସି ଘଟଗାଁରେ ପହଞ୍ଚିଥିଲେ। କଡ଼ା ସୁରକ୍ଷା ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ମା' ତାରିଣୀଙ୍କ ମନ୍ଦିର ଯାଇ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିବା ଜଣାପଡ଼ିଛି। ମା'ଙ୍କ ଦର୍ଶନ ସାରି ଉପମୁଖ୍ୟମନ୍ତ୍ରୀ କିଛି ସମୟ ବିଶ୍ରାମ ନେଇ ପରେ ସଦର ବ୍ଲକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗ୍ରାମ ରାଇକଳାର କରଞ୍ଜିଆପଡ଼ା ଅଭିମୁଖେ ବାହାରିଥିଲେ। ସେଠାରେ ସେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ପୁଣି ସେଠାରୁ ଫେରି ସନ୍ଧ୍ୟାରେ କେନ୍ଦୁଝର ସର୍କିଟ ହାଉସରେ ପହଞ୍ଚିବେ। ପରେ ତାଙ୍କର ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।

ନୂତନ ଅଧ୍ୟକ୍ଷାଙ୍କ ଏମ୍ସ ଭୁବନେଶ୍ୱର ଗସ୍ତ

ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ପୂର୍ବ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ପ୍ରମୁଖ ବ୍ରାଣ୍ଡ୍ ପାଲଟିଛି ଏମ୍ସ ଭୁବନେଶ୍ୱର। ଚିକିତ୍ସା ବିଜ୍ଞାନ, ରୋଗୀସେବା ଏବଂ ଗବେଷଣା କ୍ଷେତ୍ରରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବିଶ୍ୱାସ ଜିଣିବାରେ ସଫଳ ହୋଇଛି। ତେବେ ରାଷ୍ଟ୍ରୀୟ ସ୍ତରରେ ଦକ୍ଷତା ବିକାଶ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ। ନୂତନ ଭାବେ ଏହି ମର୍ଯ୍ୟାଦାଜନକ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧ୍ୟକ୍ଷା ଭାବେ ମନୋନୀତ ହେବା ପରେ ଏମ୍ସକୁ ପ୍ରଥମ ଗସ୍ତ କରି ଏହି ମତ ଦେଇଛନ୍ତି ଡ. ଅନୀତା ସକ୍ସେନା। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ଓ ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ

ରାଷ୍ଟ୍ରୀୟ ସ୍ତରରେ ଉତ୍ପ୍ରେରକ ହେବା ଆଶା



ରାଜ୍ୟର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱରର ବ୍ୟାପକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ ଡ. ସକ୍ସେନା। ୪ ଦଶନ୍ଧିର ବୃତ୍ତିଗତ ଉତ୍କର୍ଷତା ସହ ସମଗ୍ର ଦେଶରେ ସୁପରିଚିତ ସଫଳ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡ. ସକ୍ସେନାଙ୍କୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସ୍ୱାଗତ କରିଥିଲେ।

ଗସ୍ତ ପ୍ରାରମ୍ଭରେ ଡ. ସକ୍ସେନା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏମ୍ସ ଭୁବନେଶ୍ୱର ପ୍ରତିଷ୍ଠାତା ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଭିନ୍ନ ବିଭାଗର ଓପିଡି ପରିଦର୍ଶନ କରିବା ସହ ଏକାଧିକ ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଯାଞ୍ଚ କରିଥିଲେ ଏବଂ ରୋଗୀ, ବିଭାଗୀୟ ମୁଖ୍ୟ, ଅଧ୍ୟାପକଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରି ଅନ୍ତର୍ଭୁକ୍ତିକରଣ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ଅନୁଭବ ଓ ପାରଦର୍ଶୀ ମାର୍ଗଦର୍ଶନରେ ଏମ୍ସ ଭୁବନେଶ୍ୱର ଗବେଷଣା, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉତ୍କର୍ଷତାରେ ଅଧିକ ମାଇଲଖୁଣ୍ଟ ହାସଲ କରିବା ନେଇ ଆଶା ପ୍ରକଟ କରିଛନ୍ତି। ଏହି ପରିଦର୍ଶନ ସମୟରେ ଏମ୍ସ ଡିନ୍ ଡ. ପିଆର୍ ମହାପାତ୍ର, ଡ. ସୌଭାଗ୍ୟ କୁମାର ଜେନା, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂ, ଅଧୀକ୍ଷଣ ଯନ୍ତ୍ରୀ ଆର ପି ଟପ୍ପୋଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ତଥା ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ ଡ. ସକ୍ସେନା ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ କେନ୍ଦ୍ର ସରକାରଙ୍କ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଥିଲେ। ଡ. ସକ୍ସେନା ଏମ୍ସ ଭୁବନେଶ୍ୱରରେ ଏହାର ସଫଳତା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ କାର୍ଯ୍ୟାନ୍ୱୟନ ଓ ସାମୂହିକ ପ୍ରଚେଷ୍ଟା ଉପରେ ଗୁରୁତ୍ୱାରୋପ କରିଥିଲେ।

୯୮ ଲକ୍ଷ ଟଙ୍କା ଠକେଇ ମାମଲା

ଧରାପଡ଼ିଲା ସାଇବର ଠକ



ଭୁବନେଶ୍ୱର,୧୨।୯ (ସଂଚାର ବ୍ୟୁରୋ) : ହ୍ୱାଟ୍ସଆପ୍ ଜରିଆରେ ଇନଭେଷ୍ଟମେଣ୍ଟକୁ ନେଇ ବଡ଼ ଲୋଭ ଦେଖାଇ ୯୮ ଲକ୍ଷ ଟଙ୍କାର ଚୂନ ଲଗାଇଥିଲା ସାଇବର ଠକ। ହେଲେ ଏହି ଠକକୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ୪ ଜୁଲାଇରେ ସାଇବର ପୋଲିସ ଷ୍ଟେସନରେ କେସ ହେବା ପରେ ସାଇବର ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ଏକ ଟିମ୍ ଉତ୍ତରପ୍ରଦେଶ ଯାଇ ଛାନଭିନ କରିବା ପରେ ଉତ୍ତରପ୍ରଦେଶ ବିଜନୌରରୁ ମହମ୍ମଦ ସାଦାର ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଅଭିଯୁକ୍ତ କୋର୍ଟ ଚାଲାଣ କରିଛି। ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଡିସିପି ଦେଇଥିବା ସୂଚନା ଅନୁସାରେ ମହମ୍ମଦ ସାଦାରଙ୍କ ଆକାଉଣ୍ଟକୁ ଫ୍ରଡ୍ ଟଙ୍କାର ୩୦ ଲକ୍ଷ ଟଙ୍କା ଯାଇଥିଲା। ସେହି ୩୦ ଲକ୍ଷ ଟଙ୍କା ଜବତ କରିବା ସହ ୩ ଟି ଫୋନ ୪ଟି ସିମ୍ ଜବତ କରାଯାଇଛି। ଉକ୍ତ ଅଭିଯୁକ୍ତ କଂଗ୍ଲୁଟର ଆପ୍ଲିକେସନରେ ବ୍ୟାଚେଲର ଡିଗ୍ରୀ କରିଥିବା ପୋଲିସ ସୂଚନା ଦେଇଛି। ଏଥିସହ ଅଭିଯୁକ୍ତ ବ୍ୟବହାର କରୁଥିବା ୨ଟି ଫେକ ୱେବସାଇଟକୁ ବନ୍ଦ କରିଛି ସାଇବର ପୋଲିସ। ଚଳିତ ସେପ୍ଟେମ୍ବର ମାସରେ ୮ଜଣ ସାଇବର ଫର୍ଡ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି।

୧୫ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱରତା,୧୨।୯(ସଂଚାର ବ୍ୟୁରୋ): ଆସନ୍ତା ସେପ୍ଟେମ୍ବର ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଜନ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅର୍ଚ୍ଚନା ନାଗଙ୍କ ଘର ସିଲ୍ କଲା ଇଡି

ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ଅର୍ଥ କାରବାରକୁ ନେଇ ଦୁଇ ବର୍ଷ ପୂର୍ବରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଅର୍ଚ୍ଚନା ନାଗଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପହଞ୍ଚିଛି। 'ଇଡି'ର ସ୍ୱତନ୍ତ୍ର ଟିମ୍ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ରର ଯାଞ୍ଚ କରୁଛି। ଅର୍ଚ୍ଚନାଙ୍କୁ ପୂର୍ବରୁ ଇଡି ତରଫରୁ ନୋଟିସ୍ ଜାରି ହୋଇଥିଲା। ଏହି ଚଢ଼ଉ ବେଳେ ଅର୍ଚ୍ଚନା ନାଗଙ୍କ ଘରକୁ ଆଟାଚ୍ କରିଛି। ଅର୍ଚ୍ଚନାଙ୍କ ସତ୍ୟବିହାରସ୍ଥିତ ଜି +୨ କୋଠାକୁ ଆଟାଚ୍ କରିଛି। ମନି ଲଣ୍ଡରିଂ ଆଇନ ୨୦୦୨ ଆଧାରରେ ଏହି ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ, ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ଆଇପିସିର ବିଭିନ୍ନ ଦଫା ସହିତ ଆଇଟି ଆକ୍ଟରେ ପୁଲିସ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଥି ସହିତ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୨୨, ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ। ଅର୍ଚ୍ଚନାଙ୍କ ବେଆଇନ କାର୍ଯ୍ୟକଳାପ ଓ କଳାଟଙ୍କା ପ୍ରସଂଗ ସମ୍ମୁଖକୁ ଆସିବା ପରେ ଇଡି ଘଟଣାର ତଦନ୍ତ କରିଥିଲା। ୨୦୨୨, ଡିସେମ୍ବର ୧୩ରେ ଇଡି ଅର୍ଚ୍ଚନାଙ୍କୁ ଗିରଫ କରିଥିଲା। ଗିରଫ ହେବାର ୧୪ ମାସ ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡ଼ା ଜେଲରୁ ବାହାରି ଥିଲେ। ତାଙ୍କୁ ନେବା ଲାଗି ସ୍ୱାମୀ ଜଗବନ୍ଧୁ ଚାନ୍ଦ ଝାରପଡ଼ା ଜେଲ୍‌ରେ ପହଞ୍ଚିଥିଲେ। ଅର୍ଚ୍ଚନାଙ୍କ ତରଫରୁ ଆଇନଜୀବ ଜୟଦୀପ ପାଲ ମାମଲା ପରିଚାଳନା କରୁଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ। ପୂର୍ବରୁ ନୟାପଲ୍ଲୀ ଓ ଖଣ୍ଡଗିରି ଥାନାର ଦୁଇ ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳି ସାରିଥିବା ବେଳେ ଇଡି ମାମଲାରେ ଜାମିନ ମଞ୍ଜୁର ପରେ ଜେଲରୁ ବାହାରିବା ପାଇଁ ତାଙ୍କ ପଥ ପରିଷ୍କାର ହୋଇଥିଲା।

● ଶୋଇଥିବାବେଳେ ଆଖିରେ ପକାଇଦେଲେ ଅଠା

ସେବାଶ୍ରମର ୮ ଛାତ୍ର ଗୁରୁତର

କନ୍ଧମାଳ,୧୨।୯(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡ଼ା ସେବାଶ୍ରମରେ ଘଟିଛି ଏକ ଅଭାବନୀୟ ଘଟଣା। କେତେକ ଛାତ୍ରଙ୍କ ଆଖିରେ କେହି ଅଠା ପକାଇଦେବାରୁ ୮ ଜଣ ଅନ୍ତେବାସୀ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ଚିକିତ୍ସା ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ କେତେକ ନାବାଳକ ଏପରି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ଛାତ୍ରାବାସରେ ଶୋଇଥିବା ସମୟରେ ଉକ୍ତ ଛାତ୍ରଙ୍କ ଆଖିରେ କେହି କୌଣସି ଅଧିକ ଶକ୍ତିଶାଳୀ ଅଠା ପକାଇଦେଇଥିଲା। ଫଳରେ ନିଦରୁ ଉଠିବା ପରେ ଉକ୍ତ ଛାତ୍ରମାନଙ୍କ ଆଖି ଆଉ ଖୋଲିନଥିଲା। ତେଣୁ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି।

● ଅଧ୍ୟକ୍ଷାଙ୍କ ବଦଳିକୁ ବିରୋଧ

ବୁଝାସୁଝା ପରେ ଛାତ୍ରୀଙ୍କ ଧାରଣା ପ୍ରତ୍ୟାହୃତ

ବାଲେଶ୍ୱର,୧୨।୯(ସଂଚାର ବ୍ୟୁରୋ): ବାଲେଶ୍ୱର ମହିଳା କଲେଜ ପରିସରରେ ଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖୁଛି। କଲେଜର ଅଧ୍ୟକ୍ଷାଙ୍କ ବଦଳିକୁ ଛାତ୍ରୀମାନେ ବିରୋଧ କରିବା ସହ ଏହା ପ୍ରତିବାଦରେ ଧାରଣା ଦେଇଥିଲେ। ତେବେ ଏ ସଂକ୍ରାନ୍ତରେ ସେମାନଙ୍କ ସହ ଆଲୋଚନା ପରେ ଛାତ୍ରୀମାନେ ଧାରଣାରୁ ଓହରିଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ପରୀକ୍ଷାକୁ ଆଉ ୨ ମାସ ସମୟ ଥିବା ବେଳେ ଅଚାନକ କଲେଜର ଅଧ୍ୟକ୍ଷା ତଥା ତର୍କଶାସ୍ତ୍ର ବିଭାଗର ଅଧ୍ୟାପିକା ଜ୍ୟୋସ୍ନାରାଣୀ ଦାସଙ୍କୁ ଗତକାଲି ମିତ୍ରପୁର କଲେଜକୁ ବଦଳି କରାଯାଇଥିଲା। ତେବେ ସେ ତର୍କଶାସ୍ତ୍ରର ଏକମାତ୍ର ଅଧ୍ୟାପିକା ଥିବାରୁ ତାଙ୍କ ବଦଳି ନିଶ୍ଚିତ ଭାବେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରିବ ବୋଲି ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏଥିସହ ସେମାନେ ଏହା ପ୍ରତିବାଦରେ ଆଜି କଲେଜ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଧ୍ୟକ୍ଷା ଶ୍ରୀମତୀ ଦାସ ଛାତ୍ରୀମାନଙ୍କୁ ବୁଝାସୁଝା କରିବା ପରେ ଶେଷରେ ଛାତ୍ରୀମାନେ ଧାରଣାରୁ ହଟିଯାଇଛନ୍ତି।

● ଭସାଣି ଶୋଭାଯାତ୍ରାରେ ଅଘଟଣ

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ଗୁରୁତର

ଟାଙ୍ଗି,୧୨।୯(ସଂଚାର ବ୍ୟୁରୋ): ଡିଜେ ତାଳେ ତାଳେ ନାଚୁଥିବା ସମୟରେ ଜଣେ ଯୁବକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଭାବେ ଆହତ ହୋଇଛନ୍ତି। ଭସାଣି ଶୋଭାଯାତ୍ରା ଚାଲିଥିବା ସମୟରେ ଏପରି ଅଘଟଣ ଘଟିଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଚଣ୍ଡେଶ୍ୱରରେ ଚାଲିଥିବା ଉକ୍ତ ଶୋଭାଯାତ୍ରାରେ ଆହତ ହୋଇଥିବା ଯୁବକ ଜଣଙ୍କ ହେଲେ ବିଶ୍ୱଜିତ ନାୟକ ଓ ତାଙ୍କ ଘର ନୟାଗଡ଼ ଜିଲ୍ଲା ରାଜ ସୁନାଖଳାରେ ବୋଲି ଜଣାପଡ଼ିଛି।ମିଳିଥିବା ସୂଚନାନୁସାରେ, ଭସାଣି ଶୋଭାଯାତ୍ରାରେ ଡିଜେ ସଙ୍ଗୀତ ତାଳରେ ଯୁବକମାନେ ନାଚି ନାଚି ଆଗକୁ ବଢୁଥିଲେ। ତେବେ ହଠାତ ବିଶ୍ୱଜିତ୍ ଡିଜେ ଉପରକୁ ଚଢ଼ି ନାଚିବାକୁ ଲାଗିଥିଲେ। କିନ୍ତୁ ରାସ୍ତା କଡ଼ ଦେଇଯାଇଥିବା ୧୧ କେଭି ବିଦ୍ୟୁତ ତାର ତାଙ୍କ ଦେହରେ ବାଜିଯିବାରୁ ବିଶ୍ୱଜିତ୍ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ତେବେ ବିଦ୍ୟୁତ୍ ଆଘାତରେ ତାଙ୍କର ଗୋଟିଏ ଗୋଡ଼ ଅଚଳ ହୋଇଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଡିଜେ ଗାଡ଼ି ଚାଳକ ତୁରନ୍ତ ସେଠାରୁ ଡିଜେକୁ ହଟାଇ ଦେବାରୁ ସମସ୍ତେ ଅଲ୍ପକେ ବର୍ତ୍ତିଯାଇଛନ୍ତି। ତେବେ ବାରମ୍ବାର ଡିଜେ ଗାଡ଼ିକୁ ନେଇ ଅଘଟଣ ଘଟୁଥିବାରୁ ଏହାକୁ ବ୍ୟାନ କରିବା ସକାଶେ ସାଧାରଣରେ ଦାବି ହେଉଛି।

ଅନ୍ତର୍ଭୁକ୍ତିକରଣ, ନିରାପଦ ଓ ନିରନ୍ତର ବିକାଶ ସଂକ୍ରାନ୍ତ କର୍ମଶାଳା

ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ରେ ରହିଥିବା ୫ମ ଲକ୍ଷ୍ୟ 'ଲିଙ୍ଗଗତ ସମାନତା' ହାସଲ ସଂକ୍ରାନ୍ତରେ 'ରିଇମେଜିଂ ଡେଭେଲପମେଣ୍ଟ ଥ୍ରୁ ଏ ଜେଣ୍ଡର ଲେନ୍ସ-ଇକ୍ୱିସିଭ୍, ସେଫ୍, ସଷ୍ଟେନେବଲ୍' ଶୀର୍ଷକ ପରାମର୍ଶ କର୍ମଶାଳା ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ସହଯୋଗରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏଠାରେ ଅନୁଷ୍ଠିତ ହୋଇଛି। ଜେଣ୍ଡର ଲେନ୍ସ ଏପରି ଏକ ଲେନ୍ସ ଯେଉଁଥିରେ ପୁରୁଷ ସହ ନାରୀମାନଙ୍କ ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା କଳ୍ପନା କରାଯାଇଛି। ଏହାଦ୍ୱାରା ନିରନ୍ତର ବିକାଶ ଲକ୍ଷ୍ୟରେ ଲିଙ୍ଗଗତ ସମାନତା ଦର୍ଶାଉଥିବା ସୂଚକାଙ୍କରେ ଉଲ୍ଲେଖନୀୟ ପରିବର୍ତ୍ତନ ସମ୍ଭବପର ହୋଇପାରିବ। ଲିଙ୍ଗଭିତ୍ତିକ ସମାନତା ହାସଲରେ ରହୁଥିବା ଦୃଷ୍ଟିକୋଣ



ପରିବର୍ତ୍ତନ ମାଧ୍ୟମରେ ସମାବେଶୀ ବିକାଶ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ବିଭିନ୍ନ କ୍ଷେତ୍ରରେ ସେମାନଙ୍କ କାର୍ଯ୍ୟ ସୁଗମ ଓ ସହଜ ହେବା, ଲିଙ୍ଗଗତ ସମାବେଶୀ ବିକାଶ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ-୫ ହାସଲ କରିବା ଗୁରୁତ୍ୱ ଉପରେ ବିଚାରବିମର୍ଶ କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ର । ଜ ୪ ର ମ ହି ଳ । ମ । ନ ଙ୍କ ଆର୍ଥିକ ସଶକ୍ତିକରଣ, ଲି ଙ୍ଗ ଗ ତ ଅନ୍ତର୍ଭୁକ୍ତିକରଣ ସେବା ଓ ବିଭିନ୍ନ ଗୋଷ୍ଠୀର ସଂପୃକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରମୁଖ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ରାଜ୍ୟର ମହିଳାମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ କରିବା ପାଇଁ ସଚେତନ କରିବା ପାଇଁ ଅଦ୍ୱୈକା, କିଶୋରୀମାନଙ୍କ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଓ ସ୍ୱୟଂ ବିକାଶକୁ ସହାୟତା କରିବା ପାଇଁ ସଖୀ ସହେଲୀ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଥିବା ବେଳେ ସୁଭଦ୍ରା ଯୋଜନାରେ ଆର୍ଥିକ ସଶକ୍ତିକରଣ ପାଇଁ ପ୍ରୟାସ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିବା ସହ ଶ୍ରୀମତୀ ଗର୍ଗ ବିଭିନ୍ନ ନିଯୁକ୍ତିରେ ପୁରୁଷଙ୍କ ତୁଳନାରେ ମହିଳାଙ୍କର ମଧ୍ୟ ନିଯୁକ୍ତି ପୂର୍ବାପେକ୍ଷା ବହୁଗୁଣ ବୃଦ୍ଧି ପାଇଥିବା କହିଛନ୍ତି। କର୍ମଶାଳାର ୪ଟି ଅଧିବେଶନ ମଧ୍ୟରୁ ପ୍ରଥମ ଅଧିବେଶନରେ 'ସମସ୍ତଙ୍କ ପାଇଁ ଯାତ୍ରୀ ପରିବହନ ଓ ସୁବିଧା' ଶୀର୍ଷକ ଆଲୋଚନାରେ ୟୁଏନଡିପିର ବିକାଶ ଲକ୍ଷ୍ୟ ବିଶେଷଜ୍ଞ ଆଲାଗାପାନ ରାମନାଥନ ଯୋଗଦେଇ ଉଦାହରଣ ମାଧ୍ୟମରେ କିପରି ତାମିଲନାଡୁରେ ୧୦ଟି ରୁଟରେ ବସ ଚଳାଚଳ କ୍ଷେତ୍ରରେ ସମ୍ବେଦନଶୀଳତାର ସହ ମହିଳାମାନଙ୍କ ପାଇଁ ନିରାପଦ, ସ୍ୱତନ୍ତ୍ର ସୁବିଧା ବ୍ୟବସ୍ଥା କରାଯାଇପାରୁଛି ସେ ନେଇ ଆଲୋଚନା କରିଥିଲେ। ପରେ ଓଡ଼ିଶା ରାଜ୍ୟ ଅଗ୍ନିଶମ ସେବା ବିଭାଗ ମହାନିର୍ଦ୍ଦେଶକ ତଥା ସିଜି, ହୋମଗାର୍ଡ ଏବଂ ନିର୍ଦ୍



ଇପିଏଫ୍ ପେନ୍‌ସନ୍ ୨୫୦୦କୁ ବଢ଼ିବ

ଏଟିଏମ୍, ୟୁପିଆଇରେ ମିଳିବ ଉଠାଣ ସୁବିଧା



ନୂଆଦିଲ୍ଲୀ, ୧୨।୯: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକ ଆସନ୍ତା ମାସରେ ବସିବ। ସେଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ସବୁଠୁ ବଡ଼ ପ୍ରସଙ୍ଗ ହେଉଛି ସର୍ବନିମ୍ନ ପେନ୍‌ସନ୍‌କୁ ବର୍ତ୍ତମାନର ୧୦୦୦ ଟଙ୍କାରୁ ବଢ଼ାଇ ୧୫୦୦ ଟଙ୍କା କିମ୍ବା ୨୫୦୦ ଟଙ୍କା କରିବା। ଯଦି ସେହି ପ୍ରସ୍ତାବକୁ ଅନୁମୋଦନ ମିଳିବ ତେବେ ଇପିଏଫ୍‌ଓର କୋଟି କୋଟି ପେନ୍‌ସନ୍‌ଭୋଗୀ ଉପକୃତ ହେବେ। ଶ୍ରମ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଅକ୍ଟୋବର ୧୦-୧୧ରେ ସିବିଟି ବୈଠକ ବସିବ। ସରକାର ଚାହୁଁଛନ୍ତି ଇପିଏଫ୍‌ଓର ୮ କୋଟି ସଦସ୍ୟଙ୍କ ହାତରେ ଦାଦାବଳି ପୂର୍ବରୁ ଖର୍ଚ୍ଚ କରିବା ଲାଗି ଅଧିକ ଟଙ୍କା ପହଞ୍ଚାଇବା। ସେଥିପାଇଁ ସର୍ବନିମ୍ନ ପେନ୍‌ସନ୍‌ରେ ୫୦୦ କିମ୍ବା ୧୫୦୦ ଟଙ୍କାର ବୃଦ୍ଧି ଉପରେ ବୈଠକରେ ବିଚାର କରାଯିବ। ସର୍ବନିମ୍ନ ପେନ୍‌ସନ୍ ବଢ଼ାଇବା ଲାଗି ଶ୍ରମିକ ସଂଗଠନଗୁଡ଼ିକ ବହୁଦିନରୁ ଦାବି କରୁଛନ୍ତି।

ଏହା ବ୍ୟତୀତ ଇପିଏଫ୍‌ଓ ଖୁବ୍‌ଶୀଘ୍ର ଏହାର ଡିଜିଟାଲ୍ ସେବାର ତୃତୀୟ ସଂସ୍କରଣ ଆରମ୍ଭ କରିବ। ସେଥିରେ ଏଟିଏମ୍‌ରୁ ଟଙ୍କା ଉଠାଇବା, ଡିଜିଟାଲ୍ ମାଧ୍ୟମରେ ଅପ୍‌ଡେଟ୍ କରିବା, ଶୀଘ୍ର ଦାବିର ପ୍ରକ୍ରିୟାକରଣ ଆଦି ସୁବିଧା ରହିବ। ସଦସ୍ୟମାନେ ୟୁଏଏନ୍‌କୁ ସକ୍ରିୟ କରି ଏବଂ ଆଧାରକୁ ଖାତା ସହ ଯୋଡ଼ି ଏଟିଏମ୍‌ରୁ ଟଙ୍କା ଉଠାଇପାରିବେ। ଏଥିପାଇଁ ଇପିଏଫ୍‌ଓ ତରଫରୁ ଏକ ସ୍ୱତନ୍ତ୍ର ଏଟିଏମ୍ କାର୍ଡ ଜାରି କରାଯିବ ଯାହା ପିଏଫ୍ ଖାତା ସହ ସଂଯୁକ୍ତ ରହିବ। ଏଥି ସହିତ ୟୁପିଆଇ ଜରିଆରେ ଟଙ୍କା ଉଠାଣ ସୁବିଧା ଉପରେ ମଧ୍ୟ ବିଚାର କରାଯାଉଛି। ପିଏଫ୍ ଉଠାଣ ନିୟମ ଅନୁସାରେ ଚାକିରି ଚାଲିଯିବା ପରିସ୍ଥିତିରେ ସଦସ୍ୟମାନେ ଗୋଟିଏ ମାସ ପରେ ପିଏଫ୍ ଖାତାରେ ଥିବା ୭୫ ପ୍ରତିଶତ ରାଶି ଉଠାଇପାରିବେ। ଅବଶିଷ୍ଟ ରାଶିକୁ ଦୁଇ ମାସ ପରେ ଉଠାଇହେବ।

ଦେଶରେ ଦରଦାମ୍ ସ୍ଥିତିରେ ହୋଇଥିବା ବୃଦ୍ଧି ଅନୁସାରେ ଇପିଏଫ୍‌ଓର ସର୍ବନିମ୍ନ ୧୦୦୦ ଟଙ୍କାର ପେନ୍‌ସନରେ ଜୀବନ ବିତାଇବା ଲାଗି ଅତ୍ୟନ୍ତ କମ୍ ବୋଲି ବିଚାର କରାଯାଉଛି। ବିଶେଷ କରି କେତେକ ସରକାରୀ ଯୋଜନାରେ ହିତାଧିକାରୀମାନଙ୍କୁ ମଧ୍ୟ ଏହାଠାରୁ ଅଧିକ ଭତ୍ତା ମିଳୁଛି। ଯେହେତୁ ଅତୀତରେ ପିଏଫ୍ ଖାତାକୁ କର୍ମଚାରୀଙ୍କ ଯୋଗଦାନ ସୀମିତ ଥିଲା, ତେଣୁ ଅନେକ ସଦସ୍ୟ ସର୍ବନିମ୍ନ ୧୦୦୦ ଟଙ୍କା ପେନ୍‌ସନ୍ ପାଉଛନ୍ତି। ଏହାକୁ ବଢ଼ାଇଲେ ବହୁ ସଦସ୍ୟ ବୃଦ୍ଧାବସ୍ଥାରେ ନିଜର ଔଷଧ ଭଳି ଜରୁରୀ ଖର୍ଚ୍ଚ ପୂରଣ କରିପାରିବେ।

ନାଲ୍‌କୋ ଫାଉଣ୍ଡେସନ୍-ଏସ୍‌ଡିଆଇ ଭୁବନେଶ୍ୱର ବୁଝାମଣା



ଭୁବନେଶ୍ୱର, ୧୨।୯: ନ୍ୟାସ୍‌ନାଲ୍ ଆଲୁମିନିୟମ କମ୍ପାନି (ନାଲ୍‌କୋ)ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନରେ ଥିବା ଦକ୍ଷତା ବିକାଶ ପ୍ରତିଷ୍ଠାନ(ଏସଡିଆଇ), ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନାଲ୍‌କୋ ଫାଉଣ୍ଡେସନ ସହାୟତାରେ ସ୍ୱାକ୍ଷରିତ ଏହି ବୁଝାମଣାପତ୍ର ଦ୍ୱାରା କମ୍ପାନିର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକଯୁବତୀ ମାନଙ୍କ ପାଇଁ ଏକ ଆବାସିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନିର୍ଦ୍ଦେଶକ(ମାନବସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନାଲ୍‌କୋର ମାଇନ୍ସ ଆଣ୍ଡ ରିଫାଇନାରି କମ୍ପ୍ଲେକ୍ସ, ଦାମନଜୋଡ଼ି ଏବଂ ସ୍ମେଲଟର୍ ଆଣ୍ଡ୍ ପାୱାର କମ୍ପ୍ଲେକ୍ସ, ଅନୁଗୁଳର ପରିପାର୍ଶ୍ୱକ ଗ୍ରାମରୁ ପ୍ରାଥମିକ ପର୍ଯ୍ୟାୟରେ ସମୁଦାୟ ୬୦ ଜଣ ଯୁବକଯୁବତୀଙ୍କୁ ତିନି ମାସିଆ ଆବାସିକ ଦକ୍ଷତା ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ସିଏମ୍‌ଡି ଶ୍ରୀ ସିଂହ କହିଥିଲେ ଯେ ସ୍ଥାନୀୟ ଯୁବକଯୁବତୀଙ୍କୁ ଶିଳ୍ପ ଆବଶ୍ୟକତା ଅନୁସାରେ ଦକ୍ଷତା ଏବଂ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏହା ଏକ ପଦକ୍ଷେପ।

ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୧,୨୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୨,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୧,୨୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୨,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୧,୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧.୦୨.୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୦,୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୧,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୧,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧.୦୨.୧୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୧,୨୮୦ ଓ ୧.୦୨.୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୨,୦୦୦ ଟଙ୍କା ହୋଇଛି।

ଜିଏସ୍‌ଟି ୨.୦ ପୂର୍ବରୁ ୪୦% ଭାରତୀୟ କେବଳ ଖାଦ୍ୟ କିଣିବାରେ ସକ୍ଷମ ଥିଲେ: ସର୍ଭେ



କେସିଙ୍ଗା,୧୨।୯: ଜିଏସ୍‌ଟି ପରିଷଦ ଘୋଷଣା କରିଥିବା ଜିଏସ୍‌ଟି ହାର ହ୍ରାସ, ଯାହା ୨୨ ସେପ୍ଟେମ୍ବରରୁ କାର୍ଯ୍ୟକାରୀ ହେବ, ଭାରତୀୟ ଗ୍ରାହକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ। କିନ୍ତୁ ପିଡବ୍ଲ୍ୟୁସି ଇଣ୍ଡିଆର 'ଭଏସ୍ ଅଫ୍ ଦି କନଜ୍ୟୁମର ୨୦୨୫' ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷର ପ୍ରାରମ୍ଭରେ ୩୨% ଗ୍ରାହକ କେବଳ 'ଆର୍ଥିକ ଭାବେ ମୁକାବିଲା' କରୁଥିବା ବେଳେ ୭% 'ଆର୍ଥିକ ଅସୁରକ୍ଷିତ' ଥିଲେ।

ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ ମାନଙ୍କ ଗୃହସ୍ଥ ସଞ୍ଚୟ ହ୍ରାସ ପାଇଛି ଏବଂ ଋଣ ବୃଦ୍ଧି ପାଇଛି, ଯାହା ଗ୍ରାହକଙ୍କ ଉପରେ ଆର୍ଥିକ ଚାପ ସୃଷ୍ଟି କରିଛି। ଜାତୀୟ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ) ତଥ୍ୟ ଅନୁଯାୟୀ, ୨୦୨୫-୨୬ର ପ୍ରଥମ ଚାରି ମାସରେ ମୋଟ ଇଉପିଆଇ ପେମେଣ୍ଟର ୧୩% (୩.୫ ଲକ୍ଷ କୋଟି ଟଙ୍କା) ଋଣ ସଂଗ୍ରହ ଏଜେନ୍ସି ପାଇଁ ଖର୍ଚ୍ଚ ହୋଇଛି। ଏହି ସର୍ଭେ ୨୧,୦୭୫ ଜଣଙ୍କୁ ନେଇ କରାଯାଇଥିଲା, ଯେଉଁଥିରୁ ୧,୦୩୧ ଜଣ ଭାରତୀୟ ଥିଲେ। ଜିଏସ୍‌ଟି ହାର ହ୍ରାସ ଗୃହସ୍ଥ ବଜେଟ୍‌କୁ ସହଜ କରିବ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଚାହିଦା ବଢ଼ାଇବ ବୋଲି ଆଶା କରାଯାଉଛି। ତେବେ, ଦାମ ହ୍ରାସରୁ କେତେ ଉପଭୋଗ ବୃଦ୍ଧି ପାଇବ ତାହା ଅନିଶ୍ଚିତ। ଅର୍ଥନୀତିବିତ୍‌ମାନେ ଅନୁମାନ କରୁଛନ୍ତି ଯେ, ଏହି ହାର ହ୍ରାସ ଜିଡିପି ବୃଦ୍ଧିକୁ ୬୦ ବେସିସ୍ ପଏଣ୍ଟ ଏବଂ ମୁଦ୍ରାସ୍ଫୀତିକୁ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରିପାରେ।

ସରକାର ମାଗିଲେ ନୂଆ ଦର ତାଲିକା



ନୂଆଦିଲ୍ଲୀ, ୧୨।୯: ଜିଏସ୍‌ଟିରେ ହ୍ରାସ ଘୋଷଣା ପରେ କେଉଁ ଜିନିଷର ଦାମ୍ କେତେ କମିଛି ତାହା ଜାଣିବା ଲାଗି କେନ୍ଦ୍ର ସରକାର କମ୍ପାନିଗୁଡ଼ିକୁ ସେମାନଙ୍କ ଜିନିଷର ନୂଆ ଦର ତାଲିକା ମାଗିଛନ୍ତି। ସେମାନଙ୍କୁ ଉଭୟ ପୁରୁଣା ଓ ନୂଆ ଦରର ସୂଚନା ଜିଏସ୍‌ଟିର ଅଫିସିଆଲ୍ ୱେବସାଇଟ୍‌ରେ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଗତକାଲି କେନ୍ଦ୍ରୀୟ ପରୋକ୍ଷ କର ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ଉଦ୍ୟୋଗ ଓ ବ୍ୟବସାୟ ଜଗତର ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଥିଲା। ଜିଏସ୍‌ଟି ହ୍ରାସକୁ ଠିକ୍ ଢଙ୍ଗରେ ଲାଗୁ କରିବାକୁ ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ବ୍ୟବସାୟୀ ଓ କମ୍ପାନିମାନଙ୍କୁ ସେମାନଙ୍କ ଦୋକାନ ଓ ଡିଲର୍‌ସିପ୍‌ରେ ସାମଗ୍ରୀର ଉଭୟ ନୂଆ ଓ ପୁରୁଣା ଦର ତାଲିକା ଝୁଲାଇବାକୁ କୁହାଯାଇଛି। ଫଳରେ ଗ୍ରାହକମାନେ କେଉଁ ଜିନିଷର ଦାମ୍ ପ୍ରକୃତରେ କେତେ କମିଲା ତାହା ଜାଣିପାରିବେ। ଜିଏସ୍‌ଟି ହ୍ରାସର ପୂରା ଲାଭ ଗ୍ରାହକଙ୍କ ପାଖରେ ପହଞ୍ଚାଇବାକୁ ସରକାର ସଂକଳ୍ପ ନେଇଛନ୍ତି। କୌଣସି କମ୍ପାନି ଯେଭଳି ଟିକସ ହ୍ରାସର ଲାଭ ନ ଉଠାନ୍ତି ତାହା ନିଶ୍ଚିତ କରାଯିବ। ୨୦୧୭ ଜୁଲାଇରେ ପ୍ରଥମ ଥର ଜିଏସ୍‌ଟି ଲାଗୁ ହେବାପରେ ଦରଦାମ୍‌ରେ ହୋଇଥିବା ହ୍ରାସର ଲାଭ ଯେଉଁମାନେ ଗ୍ରାହକଙ୍କୁ ଦେଇ ନଥିଲେ ସେମାନଙ୍କ ଉପରେ ଜାତୀୟ ଆଣ୍ଟି ପ୍ରଫିଟିୟରିଂ ଅଥରିଟି ଜରିମାନା ଲଗାଇଥିଲେ।

ଜିଏସ୍‌ଟିରେ ହୋଇଥିବା ହ୍ରାସ ଚଳିତ ମାସ ୨୨ରୁ ଲାଗୁ ହେବ। କମ୍ପାନିଗୁଡ଼ିକ ପାଖରେ ବିକ୍ରି ନ ହୋଇ ରହିଯାଇଥିବା ଷ୍ଟକ୍‌ଗୁଡ଼ିକର ସର୍ବାଧିକ ବିକ୍ରି ମୂଲ୍ୟ (ଏମ୍‌ଆରପି) ବଦଳାଇବା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଉତ୍ପାଦନକାରୀ ସଂସ୍ଥା, ପ୍ୟାକେଜିଂ କମ୍ପାନି କିମ୍ବା ଆମଦାନିକାରୀମାନେ ପୁରୁଣା ଦର ଉପରେ ନୂଆ ଦରକୁ ଷ୍ଟାମ୍ପ, ଷ୍ଟିକର୍ କିମ୍ବା ଅନ୍‌ଲାଇନ୍ ପ୍ରିଣ୍ଟିଂ ଜରିଆରେ ଲଗାଇପାରିବେ। ଏହି ନିଷ୍ପତ୍ତିକୁ ଚଳିତ ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ କିମ୍ବା ପୁରୁଣା ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ଲାଗୁ କରାଯିବ।

୩୫୬ ପଏଣ୍ଟ ବଢ଼ିଲା ସେନସେକ୍ସ

ନୂଆଦିଲ୍ଲୀ, ୧୨।୯: ଘରୋଇ ପୁଞ୍ଜି ବଜାର ଆଜି ଲଗାତାର ଅଷ୍ଟମ ଦିନରେ ସବୁଜ ସଂକେତରେ ବନ୍ଦ ହୋଇଛି। ଘରୋଇ ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ସେନସେକ୍ସ ଓ ନିଫ୍ଟି ୫୦ ଲଗାତାର ଅଷ୍ଟମ କାରବାର ଦିନରେ ଗ୍ରୀନ ଜୋନରେ ବନ୍ଦ ହୋଇଛି। ସେହିପରି ସେକ୍ଟୋରାଲ୍ ଇଣ୍ଡେକ୍ସରେ ଏଫ୍‌ଏମ୍‌ସିଜି, ମିଡିଆ ଓ ପିଏସ୍‌ୟୁ ବ୍ୟାଙ୍କ ରିୟଲ୍ଟିକୁ ଛାଡ଼ି ସବୁ ସେକ୍ଟର ସବୁଜରେ ବନ୍ଦ ହୋଇଛି। ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍‌ରେ ମଧ୍ୟ ଭଲ କ୍ରୟ


ନିବେଶକଙ୍କ ଲାଭ ୧.୫ ଲକ୍ଷ କୋଟି ଟଙ୍କା

ଦେଖିବାକୁ ମିଳିଥିଲା। ଆଜିର ବୃଦ୍ଧିରେ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ୧.୫୪ ଲକ୍ଷ କୋଟି ଟଙ୍କା ବଢ଼ିଛି। ୩୦ ସେୟାର ବିଶିଷ୍ଟ ବିଏସ୍‌ଇ ସେନସେକ୍ସ ଆଜି ୩୫୫.୯୭ ପଏଣ୍ଟ ଅର୍ଥାତ୍ ୦.୪୪ ପ୍ରତିଶତ ବୃଦ୍ଧି ସହ ୮୧,୯୦୪.୭୦ ସ୍ତରରେ ବନ୍ଦ ହୋଇଛି। ଏନ୍‌ଏସ୍‌ଇର ପ୍ରମୁଖ ସୂଚକାଙ୍କ ନିଫ୍ଟି ୫୦ ମଧ୍ୟ ୧୦୮.୫୦ ପଏଣ୍ଟ ଅର୍ଥାତ୍ ୦.୪୩ ପ୍ରତିଶତ ବୃଦ୍ଧି ପାଇ ୨୫,୧୧୪.୦୦ ସ୍ତରରେ ବନ୍ଦ ହୋଇଛି। ନିଫ୍ଟି ଅଗଷ୍ଟ ୨୧ ପରେ ପ୍ରଥମ ଥର ପାଇଁ ୨୫,୧୦୦ ସ୍ତର ପାର୍ କରିଛି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ସେପ୍ଟେମ୍ବର ୧୨ରେ ବଢ଼ି ୪୫୮.୭୩ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଅର୍ଥାତ୍ ଗୁରୁବାର ଏହା ୪୫୭.୧୮ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ପ୍ରାୟ ୧.୫୪ ଲକ୍ଷ କୋଟି ଟଙ୍କା ବଢ଼ିଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ଆଜି ପ୍ରାୟ ୧.୫୪ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୧୮ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି। ଆଜିର କାରବାରରେ ଭିଇଏଲ୍, ବଜାଜ ଫାଇନାନ୍ସ ଓ ବଜାଜ ଫିନସର୍ଭ ସେୟାରରେ ସବୁଠୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି। ଅନ୍ୟପଟେ ଇଟର୍ନଲ, ଏଚ୍‌ୟୁଏଲ୍ ଓ ଟ୍ରେଣ୍ଟରେ ସବୁଠୁ ଅଧିକ ହ୍ରାସ ଦେଖିବାକୁ ମିଳିଛି।



ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



ଜାପାନ ଯିବ ଓଡ଼ିଶା ଗ୍ରିନ୍ ଆମୋନିଆ



୨୦୩୦ ସୁଦ୍ଧା ଏସିଏମ୍‌ଇ ଗୋପାଳପୁର ପ୍ରକଳ୍ପ

ଭୁବନେଶ୍ୱର, ୧୨।୯: ଏସିଏମ୍‌ଇ ଗ୍ରୁପ୍ ପକ୍ଷରୁ ଗୋପାଳପୁରରେ ସ୍ଥାପନ କରାଯାଉଥିବା ଗ୍ରିନ୍ ଆମୋନିଆ କାରଖାନାକୁ ୨୦୨୯-୩୦ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି। କାରଖାନା ସମ୍ପୂର୍ଣ୍ଣ ହେବା ପରେ ସେଥିରୁ ବାର୍ଷିକ ୦.୪ ନିୟୁତ ଟନ୍ ଗ୍ରିନ୍ ଆମୋନିଆ ଉତ୍ପାଦନ କରାଯିବ। ଏହି ପ୍ରକଳ୍ପ ପାଇଁ ଏସିଏମ୍‌ଇ ଗ୍ରୁପ୍ ଓ ଜାପାନର ଆଇଏଚ୍‌ଆଇ କର୍ପୋରେସନ୍ ମଧ୍ୟରେ ଏକ ଯୌଥ ଉଦ୍ୟୋଗ ସ୍ଥାପନ କରାଯାଇଛି। ପ୍ରକଳ୍ପ ଲାଗି ଆବଶ୍ୟକ ଜମି ହାସଲ କରାଯାଇଥିବା ବେଳେ ଇଞ୍ଜିନିୟରିଂ ଡିଜାଇନ କାମ ମଧ୍ୟ ସରିଛି। ଇପିସି ଠୁକ୍ରି, ଅକ୍ଷୟ ଶକ୍ତି ସମନ୍ୱୟ ଏବଂ ଗ୍ରିନ୍ ଆମୋନିଆ ଉତ୍ପାଦନ କରିବା ଲାଗି ଭିତ୍ତିଭୂମି ବ୍ୟବସ୍ଥାରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ସବୁଜ ଶକ୍ତି କ୍ଷେତ୍ରରେ ଏହା ହେଉଛି ଅନ୍ୟତମ ସର୍ବବୃହତ୍ ବୈଦେଶିକ ସହଯୋଗିତା। ଏହି ପ୍ରକଳ୍ପରେ ଦୁଇ କମ୍ପାନି ନିଜସ୍ୱ ପାଣ୍ଠି ନିବେଶ କରିବେ। ଏହା ବ୍ୟତୀତ ଜାପାନର ଇସିଏ ଏବଂ ଆନ୍ତର୍ଜାତିକ ଆର୍ଥିକ ଅନୁଷ୍ଠାନରୁ ଋଣ ମଧ୍ୟ ଅଣାଯିବ।

ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନ ପ୍ରଧାନମନ୍ତ୍ରୀ ସିଗେରୁ ଇସିବାଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପ ସମ୍ପର୍କରେ ଘୋଷଣା କରାଯାଇଥିଲା। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଦ୍ୱିପାକ୍ଷିକ ସ୍ୱଚ୍ଛ ଶକ୍ତି ସହଯୋଗିତା ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏସିଏମ୍‌ଇ କାରଖାନାରେ ଉତ୍ପାଦନ କରାଯିବାକୁ ଥିବା ଗ୍ରିନ୍ ଆମୋନିଆକୁ ଜାପାନକୁ ରପ୍ତାନି କରାଯିବ। ସେଠାରେ ତାହା ବିଦ୍ୟୁତ୍ ଶକ୍ତି ଓ ରସାୟନ କ୍ଷେତ୍ରରେ ବ୍ୟବହାର ହେବ। ଏହି ପ୍ରକଳ୍ପ ବର୍ଷକୁ ୦.୮ ନିୟୁତ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ।

ଏସିଏମ୍‌ଇ ଗ୍ରୁପ୍‌ର ଅଧ୍ୟକ୍ଷ ମନୋଜ କୁମାର ଉପାଧ୍ୟାୟ କହିଛନ୍ତି ଯେ ସବୁଜ ଶକ୍ତିର ଆବଶ୍ୟକତା ବଢୁଥିବା ବେଳେ ଶକ୍ତି ସୁରକ୍ଷାକୁ ନେଇ ଉଭୟ ଭାରତ ଓ ଜାପାନ ସମାନ ଧରଣର ଆହ୍ୱାନ ସାମ୍ନା କରୁଛନ୍ତି। ଆମ ଯୌଥ ଉଦ୍ୟୋଗ ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ୍ ଆମୋନିଆରେ ବିଶ୍ୱର ଅଗ୍ରଣୀ ଦେଶରେ ପରିଣତ ହେବା ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆଇଏଚ୍‌ଆଇ ସହ ମିଶି ଆମେ ସ୍ଥାପନ କରୁଥିବା କାରଖାନା ଶକ୍ତି ସୁରକ୍ଷାକ

ବର୍ଷା ଦିନରେ ବି ପାନୀୟ ଜଳ ସମସ୍ୟା, ବଢୁଛି ଅସନ୍ତୋଷ

● ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେଲା ବସୁଧା ଅଚଳ
● ବହୁବାର ଗୁହାରି ପରେ ବି ଫଳ ଶୂନ୍ୟ



ଲାଞ୍ଜିଗଡ଼,୧୨।୯(ସଂଚାର ବ୍ୟୋରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ଗ୍ରାମ ପଞ୍ଚାୟତ ସ୍ଥିତ ସୁଲିଆ ଗାଁରେ ଆଜକୁ ପ୍ରାୟ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ବସୁଧା ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ିରହିଛି। ଯାହା ଫଳରେ ଏହି ବର୍ଷା ସମୟରେ ମଧ୍ୟ ପିଇବା ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଦୀର୍ଘ ବର୍ଷ ହେଲା ୪୦ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରି ରହିଆସୁଥିବାବେଳେ ସେମାନଙ୍କ ପିଇବା ପାଣି ପାଇଁ ଖୋଲା ଯାଇଛି ମାତ୍ର ତିନି ଗୋଟି ନଳକୂପ। ହେଲେ ତାହା ମଧ୍ୟରୁ ଗୋଟିଏ ନଳକୂପ ଦୀର୍ଘ ବର୍ଷ ହେଲା ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ି ରହିଥିବାବେଳେ ଅନ୍ୟ ଦୁଇଟି ନଳକୂପ ସଚଳ ଥିଲେ ମଧ୍ୟ ପର୍ଯ୍ୟାପ୍ତ ପାଣି ମିଳିପାରୁନ'ଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ।ଗାଁରେ ବସୁଧା ଯୋଜନାରେ ଓଭରହେଡ଼ ଟାଙ୍କି ନିର୍ମାଣ ହେବାସହ, ପାଇପ ବିଛା ସରିଛି ଓ ଘରକୁ ଘର ପାଇପ ସଂଯୋଗ ମଧ୍ୟ ହୋଇଛି ହେଲେ ଦୀର୍ଘ ଦୁଇ ବର୍ଷ ବିତିଯାଉଥିଲେ ହେଁ ଯନ୍ତ୍ରୀ ଯଶୋବନ୍ତ ମାଝୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେଠାରେ ପର୍ଯ୍ୟାପ୍ତ ପାଣି ନାହିଁ ତେଣୁ ଖରା ମାସରେ ପୁନର୍ବାର ଗୋଟିଏ ବୋରୱେଲ ଖୋଲା ହେବ ତାପରେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ତେବେ ସୁଲିଆ ଗାଁର ଉକ୍ତ ପାନୀୟଜଳ ସମସ୍ୟାକୁ ଗୁରୁତ୍ୱର ନେଇ ପ୍ରଶାସନ ତଥା ବିଭାଗ ପକ୍ଷରୁ ବସୁଧା ପାଣି ଯୋଗାଇ ଦେବାକୁ ଦୁର୍ଯ୍ୟୋଧନ ଶିଖା, ଆଦନୁ ମାଝୀ, କପୁରଚନ ବିଭାର, ଦୁତୀୟା ନାଗ, ଗଙ୍ଗାଧର ନାଗ, ଘାଷୀ ସୁନା, ସୁରେଶ ବିଭାର, ଦିଗାମ୍ବର ଡାଣ୍ଡି, ନିରରଞ୍ଜନ ନାଗ, ବର୍ଜ୍ୟ ଶିଖା ସମେତ ଗ୍ରାମବାସୀ ପ୍ରମୁଖ ଦାବୀ କରିଛନ୍ତି।

ଦୁର୍ଗାପୂଜା ନିମନ୍ତେ ଶାନ୍ତି କମିଟି ପ୍ରସ୍ତୁତି ବୈଠକ



ବେତନଟୀ,୧୨।୯(ସଂଚାର ବ୍ୟୁରୋ): ବେତନଟୀ ସ୍ଥିତ ଧର୍ମଶାଳା ପରିସରରେ ଆଜି ଚଳିତ ଦୁର୍ଗାପୂଜା ନିମନ୍ତେ ଶାନ୍ତି କମିଟି ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଏସ ଡି ପି ଓ ମିନତୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶାନ୍ତିକମିଟି ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଙ୍କ ଆୟୋଜିତ ବୈଠକରେ ମଞ୍ଚାଧୀନ ଥିବା ଅଧିକାରୀ ଗଣ ହେଲେ ଆଇ ଆଇ ସି ସସ୍ମିତା ମହାନ୍ତ, ଇଲେକ୍ଟ୍ରି ବିଭାଗ ଏସ ଡ଼ି ଓ ସୁଭଦତ୍ତ ମିଶ୍ର, ପିଡବ୍ଲ୍ୟୁଡ଼ି ଏସ ଡ଼ି ଓ ଅରବିନ୍ଦ ମହାନ୍ତି, ଜେଇ ରବୀନ୍ଦ୍ର କୁମାର ମିଶ୍ର, ଆରଡ଼ି ଜେଇ ଜ୍ୟୋତିରଞ୍ଜନ ନାୟକ, ଅବକାରୀ ଏସଆଇ ପ୍ରଦୀପ ବେହେରା, ଅତିରିକ୍ତ ତହସିଲଦାର ଇଶ୍ୱର ଚନ୍ଦ୍ର ରଣା ସମସ୍ତ ଅଧିକାରୀ ଗଣ ରହି ଆସନ୍ତା ଦୁର୍ଗାପୂଜାରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ବାବଦରେ ଆଲୋଚନା ହୋଇଥିଲା।ଏଥିରେ ସମସ୍ତ ପୂଜା କମିଟିର ମୁଖ୍ୟ କର୍ମକର୍ତା ଏବଂ ବେତନଟୀ ଓ ସଠିଲୋ ପଞ୍ଚାୟତ ର ସରପଞ୍ଚ ସମିତି ସଭ୍ୟ ଙ୍କ ସହିତ ବିଭିନ୍ନ ଗଣମାଧ୍ୟମ ର ପ୍ରତିନିଧି, ବେତନଟୀ ବରିଷ୍ଠ ନାଗରିକ, ସିଭିଲ ସୋସାଇଟି ର କର୍ମକର୍ତା ମାନେ ଉପସ୍ଥିତ ରହିଥିଲେ। ଶାନ୍ତି କମିଟି ର କର୍ମକର୍ତା ଓ ପ୍ରଶାସନ ଅଧିକାରୀ ଗଣ ଙ୍କ ମିଳିତ ବୈଠକ ରେ ଆସନ୍ତା ଦୁର୍ଗାପୂଜା ରେ ଶାନ୍ତି ଶୃଙ୍ଖଳା ରାସ୍ତା ମରାମତି, ଡ୍ରେନ ସଫେଇ, ରାସ୍ତାରେ ଆଲୋକୀକରଣ, ଟ୍ରାଫିକ ନିୟନ୍ତ୍ରଣ, ରାବଣ ପୋଡି, ଭସାଣି ଉତ୍ସବ, ଦୁର୍ଗାପୂଜା, ଅପେରା ପାର୍ଟି ସଠିକ ଭାବରେ କିଭଳି ସୁ ପରିଚାଳନା ହୋଇ ପରିବ ସେ ବାବଦ ରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ଡକାୟତି ଘଟଣା ବିରୋଧରେ ଥାନାରେ ଘେରିଲେ ପଞ୍ଚାୟତ ବାସୀ

ପୁଲିସ ଉପରେ ଭରସା ତୁଟାଇଲେ ତରଭା ଅଞ୍ଚଳବାସୀ



ସୁବର୍ଣ୍ଣପୁର,୧୨।୯(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଛି ଚୋରି, ଡକାୟତି, ଲୁଟପାଟ, ନିଶା କାରବାର ଭଳି ଅନେକ ଘଟଣା ଓ ଏହି କ୍ରମରେ ତରଭା ସରଗଜ ଗ୍ରାମପଞ୍ଚାୟତ ମଧ୍ୟ ବାଦ ପଡ଼ିନାହିଁ । ସରଗଜ ଗ୍ରାମପଞ୍ଚାୟତରେ ପୂର୍ବରୁ ଏଟିଏମ ମେସିନ ଭାଙ୍ଗି ଟଙ୍କା ଲୁଟ ଉଦ୍ୟମ, ସରଗଜ ସ୍ମାର୍ଟ ସ୍କୁଲ ଆଗରେ ଦିନ ଦ୍ୱିପହର ରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ ଘଟଣା ଲୋକଙ୍କ ମନରୁ ଯାଇ ନ ଥିବା ବେଳେ ପୁଣି କିଛି ଦିନ ହେବ ବାଇକ୍ ଚୋରୀ, ଘର ଆଗରୁ ଟ୍ରାକ୍ଟର ରୁ ବ୍ୟାଟେରୀ ଚୋରି ଭଳି ଅନେକ ଘଟଣା ଘଟିଥିବା ନେଇ ଅଞ୍ଚଳବାସୀ ଭୟଭୀତ ଅଛନ୍ତି ଓ ଏହାକୁ ନେଇ ଆଜି ସରଗଜ ଗ୍ରାମପଞ୍ଚାୟତ ର ଯୁବଗୋଷ୍ଠୀ ଏକଜୁଟ ହୋଇ ତରଭା ଥାନାକୁ ଆସି ଆଇଆଇସି ଅନିତା କିଟୋ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ପଞ୍ଚାୟତ ବାସୀଙ୍କ କହିବା ଅନୁସାରେ ତରଭା ପୋଲିସ ଅପରେସନ ପ୍ରହାର ଚଳାଇ କେବଳ ଗଞ୍ଜେଇ ଧରିବାରେ ଦିନ ରାତି ବ୍ୟସ୍ତ ରହୁଛି ଓ କିନ୍ତୁ ଲୋକଙ୍କ ଧନଜୀବନ ରକ୍ଷା ଯାହାକି ପୋଲିସ୍ ର ଏହି ମୁଖ୍ୟ କର୍ତବ୍ୟ ଟି ଭୁଲି ଯାଇଛି। ତରଭା ପୋଲିସ ଲୋକଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଛି ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ ଓ ଆଗାମୀ ଦିନରେ ଯଦି ପୋଲିସ ଚୋରି, ଡକାୟତି, ଲୁଟପାଟ, ନିଶା କାରବାର ରୋକିବାରେ ବିଫଳ ହୁଏ ତାହେଲେ ତୀବ୍ର ଆନ୍ଦୋଳନ କରିବା ସହ ରାଜରାସ୍ତା କୁ ଓଲ୍ଲିହାଇବୁ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶ ଥାଉ କି ପୂର୍ବରୁ ତରଭା ପୋଲିସ ତାର କାର୍ଯ୍ୟ ଦକ୍ଷତାକୁ ନେଇ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନ ବଜାୟ ରଖି ପୁରସ୍କୃତ ହୋଇଥିଲା । ପୋଲିସ ର ନାଁ ଶୁଣିଲେ ଦୁର୍ବୃତ୍ତ ମାନେ ଛାନିଆ ହୋଇ ପଡୁଥିଲେ ଓ କିନ୍ତୁ ବର୍ତମାନ ର ପରିସ୍ଥିତି ଦେଖି ଜନସାଧାରଣ ମଧ୍ୟରେ ପୋଲିସ୍ ର କାର୍ଯ୍ୟ କଳାପ ଉପରେ ସନ୍ଦେହ ଉପୁଜୁଛି ଭରଷା ତୁଟି ଯାଇଛି ।

ଗ୍ରୀନ ମେମୋରୀ କ୍ୟାମ୍ପେନର ଶୁଭ ଶଙ୍ଖନାଦ

'ଏକ ପେଡ ମା' କେ ନାମ ଅଭିଯାନ ପାଇଁ ଚାରା ରୋପଣ



ସୁନ୍ଦରଗଡ଼,୧୨।୯ (ସଂଚାର ବ୍ୟୁରୋ): ବିଭିନ୍ନ ସ୍ମରଣୀୟ ଦିବସରେ ବୃକ୍ଷରୋପଣ କରି ଏହାର ଆଜୀବନ ସୁରକ୍ଷା ନେବାର ପ୍ରତିଶ୍ରୁତି ନେବାର ଅଭିନବ ପ୍ରୟାସ ଜାରି ରଖିଥିବା "ଗ୍ରୀନ ମେମୋରୀ କ୍ୟାମ୍ପେନ" ଶୁକ୍ରବାର ବୌଦ୍ଧ ଜିଲ୍ଲାରେ ନିଜର ପ୍ରଥମ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ କରାଯାଉଥିବା "ଏକ ପେଡ ମାଁ କେ ନାମ" ଅଭିଜାନ ନିମନ୍ତେ ଏହି "ଗ୍ରୀନ ମେମୋରୀ କ୍ୟାମ୍ପେନ" ତରଫରୁ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ବଘିଆପଡା ଗ୍ରାମ ପଞ୍ଚାୟତର ନୂଆଁପାଲି ଠାରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ତରଫରୁ ପରିଚାଳିତ ଏହି "ଗ୍ରୀନ ମେମୋରୀ କ୍ୟାମ୍ପେନ"ହେଉଛି ମଣିଷ ସମାଜକୁ ପରିବେଶ ସୁରକ୍ଷା ପ୍ରତି ସଚେତନ କରିବାର ଏକ ଅଭିନବ ପରଖରା। ବ୍ୟକ୍ତିଗତ ସ୍ତର ରେ ହେଉ ବା ଗୋଷ୍ଠୀଗତ ସ୍ତରରେ ବିଭିନ୍ନ ସ୍ମରଣୀୟ ଦିବସ ଯଥା- ଜନ୍ମଦିନ, ବିବାହ ବାର୍ଷିକୀ, ନୂତନ ଗୃହ ଆରମ୍ଭ, ନୂତନ ଯାନବାହନ କ୍ରୟ, ବିଭିନ୍ନ ପରୀକ୍ଷାରେ ସଫଳତା, ମୃତ ପ୍ରିୟଜନଙ୍କ ସ୍ମୃତି ତଥା ବିଭିନ୍ନ ପାରିବାରିକ ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରିବା ନିମନ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇବା ଓ ଆଜୀବନ ଏହାର ସୁରକ୍ଷା ସୁନିଶ୍ଚିତ କରିବା ହେଉଛି ଏହି ଅଭିଜାନର ମୂଳ ଲକ୍ଷ୍ୟ। ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ର ପ୍ରତ୍ୟକ୍ଷ ସହଯୋଗ ଓ ମାର୍ଗଦର୍ଶନ ଦ୍ୱାରା ଏହି ଗ୍ରୀନ ମେମୋରୀ କ୍ୟାମ୍ପେନ ବର୍ତ୍ତମାନ ଓଡିଶାର ଆଠଟି ଜିଲ୍ଲାକୁ ବ୍ୟାପିବା ସହିତ ରାଜ୍ୟ ବାହାରେ ମଧ୍ୟ ଲୋକପ୍ରିୟତା ହାସଲ କଲାଣି।

ସାରର ସୁଷମ ବଣ୍ଟନ ନେଇ ବିଭିନ୍ନ ଲାମ୍ଫ ପରିଦର୍ଶନ କଲେ କୃଷକ ମୋର୍ଚ୍ଚା ସଭାପତି

କେନ୍ଦୁଝର,୧୨।୯(ସଂଚାର ବ୍ୟୁରୋ): ଓଡ଼ିଶାରେ ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟାପ୍ତ ସାର ଯୋଗାଇ ଦେଇଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ସାରର ସୁଷମ ବଣ୍ଟନ ଠିକ୍ ଠାକ୍ ଭାବେ ଚାଲୁଛି କି ନାହିଁ ତାହାର ତଦାରଖ କରିବା ପାଇଁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ହରିଚନ୍ଦନପୁର ବ୍ଲକ ର ହରିଚନ୍ଦନପୁର, ଠାକୁରପଡ଼ା, ରେବଣାପଳଶାପାଳ, ବଡପଳଶାପାଳ, ଭଗାମୁଣ୍ଡା, ଜାମୁଯୋଡି, ରାସୋଳ, ଘଟଗାଁ ବ୍ଲକ ର ପଞ୍ଚାପଡ଼ା, କେନ୍ଦୁଝର ସଦର ବ୍ଲକ ର ନରଣପୁର, ଡିମ୍ବୋ, ନେଲୁଗୁଂ, ରଘୁନାଥପୁର, ବୋଦାପଳସା, ରାଇସୁଆଁ ପ୍ରଭୃତି ସେବା ସମବାୟ ସମିତି ପରିଦର୍ଶନ କରିବା ସହିତ ଲାଇସେନ୍ସ ପ୍ରାପ୍ତ ଡିଲର ସାର ବିକ୍ରୟ କେନ୍ଦ୍ର ବୁଲି ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କୁ ସାର ସୁଷମ ବଣ୍ଟନ ତଦାରଖ କରିଥିଲେ। ତତସହିତ ଉପସ୍ଥିତ ଚାଷୀ ମାନଙ୍କୁ ଭେଟି ସାରର ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଲାଇସେନ୍ସ ପ୍ରାପ୍ତ ସାର ଡିଲର ମାନେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଠାରୁ ମାତ୍ରାଧିକ ମୂଲ୍ୟ ଚାଷୀ ମାନଙ୍କ ଠାରୁ ନେଉଥିବା ଚାଷୀ ମାନେ ଅଭିଯୋଗ କରିଥିଲେ। କେତେକ କୁଚକ୍ରୀ ଗୋଷ୍ଠୀ ସରକାରଙ୍କୁ ବଦନାମ କରିବା ପାଇଁ ସାରର କୃତିମ ଅଭାବ ସୃଷ୍ଟି କରୁଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଛନ୍ତି। ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତାର ସୁଯୋଗ ନେଇ ଅସାଧୁ ବ୍ୟକ୍ତି ମାନେ ଏଭଳି କରୁଥିବାର ଚାଷୀ ମାନେ ଅଭିଯୋଗ କରିଥିଲେ।

ବଜ୍ରପାତରୁ ସୁରକ୍ଷା ନିମନ୍ତେ ସଚେତନତା ରଥର ଶୁଭାରମ୍ଭ



ଭବାନୀପାଟଣା,୧୨।୯(ସଂଚାର ବ୍ୟୁରୋ): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କଳାହାଣ୍ଡିଙ୍କ ତରଫରୁ ବଜ୍ରପାତରୁ ସୁରକ୍ଷା ନିମନ୍ତେ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲ୍ଲାର ୧୩ ଗୋଟି ବ୍ଲକ ଓ ୪ ଗୋଟି ୟୁ.ଏଲ୍.ବି. ଅଞ୍ଚଳ ପରିକ୍ରମା କରି ବଜ୍ରପାତ ସମୟରେ ଲୋକେ କିପରି ସଚେତନ ହୋଇ ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାର ପ୍ରଚାର କରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନୁୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ମନୀଷା ଗୁପ୍ତା, ଡେପୁଟି କଲେକ୍ଟର ଅଭିଷେକ ବଗର୍ତ୍ତୀ, ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ନାୟକ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

କ୍ଷୁଦ୍ର ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ବିଧାୟକ

ଚାଷୀଙ୍କ ଅଭିଯୋଗ ଶୁଣିଲେ, ଅଧିକାରୀଙ୍କୁ ସମାଧାନ ନିର୍ଦ୍ଦେଶ



ଭବାନୀପାଟଣା,୧୨।୯(ସଂଚାର ବ୍ୟୁରୋ): କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗର ବିଭିନ୍ନ ଜଳସେଚନ ପ୍ରକଳ୍ପ ଶୁକ୍ରବାର ପରିଦର୍ଶନ କରିଛନ୍ତି ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ। ପ୍ରଥମେ ସେ ଗୋତମୁଣ୍ଡା ପଞ୍ଚାୟତ ରେ ଥିବା ଅଠରନାଲା, ପିପିଲ ଝାପର ନିକଟରେ ଥିବା ପେନଶାଳ ନାଲା, ବଡ ଜୋର, ଡୁଡୁକାଠେଙ୍ଗା ପଞ୍ଚାୟତ ରେ ଥିବା କ୍ଷୁଦ୍ର ଜଳସେଚନ ର ସର୍ବ ବୃହତ ପ୍ରକଳ୍ପ ବେହେରା ଡ୍ୟାମ, ସର୍ଗିଗୁଡା ଜତାଖଲିଆ ଚେକ ଡ୍ୟାମ, ଆମପାଣି ପଞ୍ଚାୟତ କନ୍ଦାଗଡ଼ ନିକଟରେ ଥିବା ମୋଡୋସିଲ ଚେକଡ୍ୟାମ, କରକ ନାଲା ଚେକ ଡ୍ୟାମ ପରିଦର୍ଶନ କରିବା ସହ ଏହି ସବୁ ପ୍ରକଳ୍ପ ରେ ଚାଷି ଙ୍କ ପାଇଁ ଜଳସେଚନ ରେ ରହିଥିବା ସମସ୍ୟା ନେଇ ସ୍ଥାନୀୟ ଅଞ୍ଚଳର ଚାଷି ଙ୍କ ସହ ଆଲୋଚନା କରିବା ସହ ଉପସ୍ଥିତ କ୍ଷୁଦ୍ର ଜଳସେଚନ ର ନିର୍ବାହୀ ଯନ୍ତ୍ରୀ ସରୋଜ ସା ଙ୍କୁ ଚାଷି ଙ୍କ ସମସ୍ୟା ଓ ଜଳସେଚନ କେମିତି ଶେଷ ମୁଣ୍ଡ ପର୍ଯ୍ୟନ୍ତ ଯିବ ସେନେଇ ଆବଶ୍ୟକ ସ୍ଥଳେ ପ୍ରକଳ୍ପ ଓ କେନାଲ ମରାମତି କରି ଚାଷିଙ୍କ ସମସ୍ୟା ସମାଧାନ କରିବାକୁ କହିଛନ୍ତି। ତେବେ ବିଗତ ସରକାର ଙ୍କ ସମୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରେ କୋଟି କୋଟି ଟଙ୍କା ଉନ୍ନତି ନାଁ ରେ ଖର୍ଚ୍ଚ ହୋଇଥିବା ବେଳେ କେବଳ ଠିକାଦାର ଓ ବିଭାଗୀୟ ଅଧିକାରୀ ଙ୍କ ପକେଟ କୁ ଯାଇଛି ଚାଷି ଆଜି ମଧ୍ୟ ବିଭିନ୍ନ କ୍ଷୁଦ୍ର ଜଳସେଚନ ଅଧୀନରେ ଥିବା ପ୍ରକଳ୍ପରୁ ଜଳସେଚନରୁ ବଞ୍ଚିତ ଥିବା ନେଇ ଚାଷୀମାନେ ବିଧାୟକ ଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ଙ୍କ ଏହି ଗସ୍ତ ସମୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ତପନ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ସୌମ୍ୟରଂଜନ ନାଏକ, ବିଜେପି ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସାଧାରଣ ସମ୍ପାଦକ ତୁଲାରମ ନାଏକ, ଦ୍ରୋଣାଚାର୍ଯ୍ୟ ପୁଝାରୀ, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ଗୋପାଳ ଅଗ୍ରୱାଲ, କୋକସରା ମଣ୍ଡଳ ଜିଲ୍ଲା ପ୍ରତିନିଧି ଦୁର୍ଗା ପ୍ରସାଦ ପ୍ରଧାନି, ଯୁବ ମୋର୍ଚ୍ଚା ସଭାପତି ତ୍ରୈଲୋକ୍ୟ ବେଶ୍ରା, ସନ୍ତୋଷ କୁମାର ମାଝୀ, ଭୁବନେଶ୍ୱର, ନାଏକ, କାମଦେବ ମାଝୀ, ମକରନ୍ଦ ବାଗ, ଅଭିକ୍ଷିତ ସରାବୁ, ସନାତନ ସୁନାନୀ, ଚକ୍ରଧର ବେଶ୍ରା, ନରେଶ ଗୁପ୍ତା, ଭଜନମ ନାଏକ ସମେତ ବିଜେପି କାର୍ଯ୍ୟକର୍ତ୍ତା ଓ ଚାଷୀ ମାନେ ଉପସ୍ଥିତ ଥିଲେ।

କାର୍ବନ ଫୁଟ୍ ପ୍ରିଣ୍ଟ ସମ୍ବନ୍ଧୀୟ ଆଲୋଚନାଚକ୍ର



ବୈଶିଙ୍ଗା,୧୨।୯(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁରର ଶକ୍ତି ଏବଂ ଇକୋ କ୍ଲବ ଆନୁକୂଲ୍ୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ପୌରହିତ୍ୟ ରେ ଅଙ୍କାର୍ବନ ଫୁଟ ପ୍ରିଣ୍ଟ : ଏହାର ପ୍ରଭାବ ଓ ନିୟନ୍ତ୍ରଣ ରେ ଆମର ଭୂମିକାଞ୍ଚ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଙ୍କ ସମେତ ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ ଆଲୋଚ୍ୟ ପ୍ରସଙ୍ଗ ସମ୍ପର୍କ ରେ ପ୍ରାରମ୍ଭିକ ବକ୍ତବ୍ୟ ରଖି ଥିଲେ। ମୁଖ୍ୟବକ୍ତା ରୂପେ ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ବିଜ୍ଞାନ ପରିଦର୍ଶକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଳିନୀ ଚୌଧୁରୀ ଯୋଗଦେଇ କାର୍ବନ ଫୁଟପ୍ରିଣ୍ଟ କଣ, ଏହାର ପରିବେଶୀୟ ପ୍ରଭାବ, ଏହାକୁ କିପରି ଆକଳନ କରାଯାଏ ଏବଂ କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବାରେ ଛାତ୍ର ଛାତ୍ରୀ ଓ ସାଧାରଣ ନାଗରିକ ର ଭୂମିକା ସମ୍ପର୍କ ରେ ସାରଗର୍ଭକ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ତୁଷାରକାନ୍ତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷୟିତ୍ରୀ ରାଜନନ୍ଦିନୀ ପାତ୍ର, ପ୍ରଭାତୀ ପ୍ରଧାନ, ସବିତା ବାରିକ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ଚମ୍ପୁଆ,୧୨।୯(ସଂଚାର ବ୍ୟୁରୋ): ୨୧୫ ନମ୍ବର ଜାତୀୟ ରାଜପଥର ମରସୁଆଁ ଠାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବର ଅନୁସାରେ, ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ମରସୁଆଁ ଠାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଯୁବକଙ୍କ ପରିଚୟ ମିଳିପାରି

SANCHAR
ସଂଚାର
ଶନିବାର ୧୩ ସେପ୍ଟେମ୍ବର ୨୦୨୫



ପର୍ଯ୍ୟଟନ

ବର୍ତ୍ତମାନ ସମୟରେ କେତେବେଳେ ଖରା ତ ପୁଣି କେତେବେଳେ ବର୍ଷା। ଋତୁର ଏମିତି ପରିବର୍ତ୍ତନରେ ପ୍ରାୟ ଅଧିକାଂଶ ଲୋକଙ୍କ ଦେହ ଖରାପ ହୋଇଥାଏ। ସେ ଛୋଟ ପିଲା ହୁଅନ୍ତୁ କି ବୟସ୍କ ବ୍ୟକ୍ତି କାହାକୁ ଜ୍ୱର ହେଉଛି ତ ପୁଣି କାହାକୁ ଥଣ୍ଡା, କାଶ, ହେଉଛି, ପୁଣି କାହାର ପେଟ ଯନ୍ତ୍ରଣା ମଧ୍ୟ ହେଉଛି। ଏହିପରି ଅନେକ ପ୍ରକାରର ସମସ୍ୟା ସାମ୍ନାକୁ ଆସିଥାଏ। କିନ୍ତୁ ବର୍ତ୍ତମାନ୍ ଡାଇବେଟିସ ଏବଂ ବ୍ଲଡ୍ ପ୍ରେସର ରୋଗୀଙ୍କ ସଂଖ୍ୟା ବେସ୍ ବଢ଼ିବାରେ ଲାଗିଛି। ତେବେ ଆସନ୍ତୁ ଜାଣିବା ଏହି ରୋଗକୁ କିପରି ସହଜ ଉପାୟରେ ଭଲ କରିପାରିବା। ଯଦି ଆପଣ ଡାଇବେଟିସ ରୋଗୀ କିମ୍ବା ଆପଣଙ୍କର ବ୍ଲଡ୍ ପ୍ରେସର ଅଧିକ, ତେବେ ଆପଣଙ୍କ ଖାଦ୍ୟରେ ଏହି ହର୍ବାଲ୍ ଚା କିମ୍ବା କାଢ଼ା ସାମିଲ କରନ୍ତୁ। ଏକ ରିପୋର୍ଟ ଅନୁଯାୟୀ, ହର୍ବାଲ୍ ଚା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ, ରକ୍ତ ଶର୍କରା ନିୟନ୍ତ୍ରଣ କରେ ଏବଂ ହୃଦୟ ସ୍ୱାସ୍ଥ୍ୟକୁ ମଧ୍ୟ ଉନ୍ନତ କରିପାରିବ। ତେବେ ଆସନ୍ତୁ ଜାଣିବା ମଧୁମେହ ଏବଂ ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ କେଉଁ ଚା' ପିଇବା ଉଚିତ ?

ମଧୁମେହ ଓ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବ ହର୍ବାଲ୍ ଚା

ତୁଳସୀ ଚା: ତୁଳସୀ ପତ୍ରକୁ ଔଷଧର ଖଣି କୁହାଯାଏ। ଏକଥା ଆପଣମାନେ ବି ଜାଣିଥିବେ ନିଶ୍ଚୟ। ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରିବାରେ ଏବଂ କାଶ-ଥଣ୍ଡା ଏବଂ ସଂକ୍ରମଣକୁ ଦୂର କରିବାରେ ମଧ୍ୟ ସାହାଯ୍ୟ କରେ। ତୁଳସୀ ପତ୍ରର ଚା ସକାଳ ଏବଂ ସନ୍ଧ୍ୟାରେ ପିଇପାରିବେ। ଅନେକ ରିପୋର୍ଟ ଅନୁଯାୟୀ, ତୁଳସୀ ପତ୍ର ରକ୍ତ ଶର୍କରା ଏବଂ ରକ୍ତଚାପକୁ କମ କରିବାରେ ସକ୍ଷମ ହୋଇଥାଏ। ଏଥିସହ ଏହାକୁ ପିଇବା ପରେ ଶରୀରକୁ ବହୁତ ଆରାମ ମିଳିଥାଏ।

ତେଜପତ୍ର ଚା: ତେଜପତ୍ର କାଫିକ୍ ଏସିଡ୍ର ଭରପୂର। ଏହି ଏସିଡ୍ ରକ୍ତବାହୀ ନଳୀକୁ ମଜବୁତ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଯଦି ଆପଣ ପ୍ରତ୍ୟେକ ଦିନ ତେଜପତ୍ରରେ ଚା' କରି ପିଅନ୍ତି, ତେବେ ଆପଣଙ୍କ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବାକୁ ଲାଗିବ।
ଏଥିସହ ଏଥିରେ ସିନାମାଲଡିହାଇଡ୍ ଏବଂ ୟୁଜେନଲ୍ ମଧ୍ୟ ଥାଏ ଯାହା କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ପରେ ରକ୍ତ ଶର୍କରାକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ। ଗରମ ପାଣିରେ ୧ ଚାମଚ ଶୁଖିଲା ପତ୍ର କିମ୍ବା ୮ ରୁ ୧୦ ଟି ତାଜା ତେଜ ପତ୍ର ମିଶାନ୍ତୁ, ୫ ମିନିଟ୍ ପାଇଁ ଫୁଟାନ୍ତୁ। ଏହାପରେ ଏକ କପରେ ଛାଣନ୍ତୁ, କିନ୍ତୁ ଚିନି ବ୍ୟବହାର କରନ୍ତୁ ନାହିଁ। ସେହିପରି ପିଅନ୍ତୁ, ଦେଖିବେ ଆପଣଙ୍କ ସମସ୍ୟା ଦୂର ହୋଇଯିବ।

ପିଜୁଳି ପତ୍ର ଚା: ଏଥିରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ମାତ୍ରାରେ ରହିଥାଏ। ପିଜୁଳି ପତ୍ର ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରେ। ପାଚନ ତନ୍ତ୍ରରେ ପ୍ରଦାହ କମ କରେ ଏବଂ ଚିନି ଶୋଷଣକୁ ଧୀର କରେ। ତେଣୁ ଏହା ମେଟାବୋଲିକ୍ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ। ଏହି ପିଜୁଳି ପତ୍ର ଚା ତିଆରି କରିବାକୁ ହେଲେ ଆପଣ କିଛି ତାଜା ପତ୍ର ଧୋଇ ଫୁଟା ପାଣିରେ ମିଶାନ୍ତୁ। ଫୁଟିବା ପରେ ଛାଣନ୍ତୁ ଏବଂ କିଛି ବୁନ୍ଦା ମହୁ ମିଶାନ୍ତୁ। ଏହାପରେ ଏହି ଚା'ର ମଜା ନିଅନ୍ତୁ। ପ୍ରତିଦିନ ଗୋଟିଏ କିମ୍ବା ଦୁଇ କପ୍ ପର୍ଯ୍ୟନ୍ତ ସେବନ କରିବାକୁ ପରାମର୍ଶ ଦିଆଯାଇଛି। ଯଦି ଆପଣ ନିୟମିତ ଭାବରେ ଏହି ଟିପ୍ସକୁ ଫଲୋ କରନ୍ତି, ତେବେ ଦେଖିବେ ଆପଣଙ୍କର ହେଉଥିବା ସମସ୍ୟା ବହୁତ ଶୀଘ୍ର ଗାୟବ ହୋଇଯିବ ଏବଂ ଆପଣ ସମ୍ପୂର୍ଣ୍ଣ ଫିଟ୍ ରହିବେ।



ଚାପ ବଢ଼ାଏ କମ୍ ପାଣି

ଦିନରେ କେତେ ବୋତଲ ପାଣି ପିଉଛନ୍ତି ? ଅଧିକ କିମ୍ବା କମ୍ କରି ପାଣି ପିଉ ନାହାଁନ୍ତି ତ, ତାହେଲେ ସାବଧାନ୍। ଜର୍ଣ୍ଣାଲ୍ ଅଫ୍ ଆପ୍ଲାଏଡ୍ ଫିଜିଓଲୋଜିର ଅଧ୍ୟୟନରୁ ନୂଆ ଖୁଲାସା। ଯେଉଁ ଲୋକମାନେ ଦେଢ଼ ଲିଟରରୁ କମ୍ ପାଣି ପିଅନ୍ତି, ସେମାନେ ଅଧିକ ଚାପଗ୍ରସ୍ତ ହୁଅନ୍ତି । ସେମାନଙ୍କ ଶରୀରରେ କାର୍ଟିସୋଲ୍ ନାମକ ହରମୋନ୍ ମାତ୍ରା ବଢ଼ିଯାଏ। ଏହା ଶରୀରରେ ଚାପ ସୃଷ୍ଟି କରେ । ଯୁବ ବୟସ୍କଙ୍କ ଦୁଇ ଗୋଷ୍ଠୀଙ୍କୁ ନେଇ ବୈଜ୍ଞାନିକମାନେ ଏହି ରିସର୍ଚ୍ଚ କରିଛନ୍ତି । ଗୋଟିଏ ଗୋଷ୍ଠୀକୁ ପ୍ରତିଦିନ ପିଇବାକୁ ଦେଢ଼ ଲିଟରରୁ କମ୍ ପାଣି ଓ ଅନ୍ୟ ଗୋଷ୍ଠୀକୁ ଦେଢ଼ ଲିଟରରୁ ଅଧିକ ପାଣି ଦିଆଯାଉଥିଲା। ଏକ ସପ୍ତାହ ପରେ ଉଭୟ ଗୋଷ୍ଠୀର ଲୋକମାନଙ୍କ କ୍ଷମତା ପରୀକ୍ଷଣ କରାଯାଇଥିଲା। ଉଭୟ ଗୋଷ୍ଠୀ ସମାନ ଭାବରେ ଚିନ୍ତିତ ଥିଲେ ଏବଂ ସେମାନଙ୍କର ହୃଦସ୍ପନ୍ଦନ ମଧ୍ୟ ସମାନ ଭାବରେ ବୃଦ୍ଧି ପାଇଥିଲା। ଯେଉଁ ଗୋଷ୍ଠୀ ଦେଢ଼ ଲିଟର ପାଣିର ମାନଦଣ୍ଡ ପାଳନ କରିଥିଲେ ସେମାନଙ୍କ ମଧ୍ୟରେ କର୍ଟିସୋଲ ହରମୋନ ଅଧିକ ଥିଲା। ଯଦି ଶରୀରରେ କର୍ଟିସୋଲ ସ୍ତର ବୃଦ୍ଧି ପାଏ, ତେବେ ଏହା ଚାପ ବୃଦ୍ଧି କରେ। ଅନ୍ୟପକ୍ଷରେ, ଯଦି କର୍ଟିସୋଲ ସ୍ତର ଅନେକ ମାସ କିମ୍ବା ବର୍ଷ ବର୍ଷ ଧରି ଉଚ୍ଚ ରହିଥାଏ, ତେବେ ଏହା ହୃଦରୋଗ, ବୃକକ୍ ସମସ୍ୟା କିମ୍ବା ମଧୁମେହ ହେବାର ଆଶଙ୍କା ବୃଦ୍ଧି ପାଏ । ଶରୀରରେ ପାଣିର ମାତ୍ରା ମସ୍ତିଷ୍କ ଉପରେ ପ୍ରଭାବ ପକାଏ। ଯେତେବେଳେ ଶରୀରରେ ପାଣିର ଅଭାବ ହୁଏ ମସ୍ତିଷ୍କ ବାସୋପ୍ରେସିନ୍ ନାମକ ଏକ ହର୍ମୋନ ଛାଡ଼େ। ଏହା କିଡନୀକୁ ବାର୍ତ୍ତା ଦିଏ। ଗବେଷଣାରେ ସାମ୍ନାକୁ ଆସିଥିବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ଯେ, ମଣିଷ ଶରୀରରେ ତରଳ ପଦାର୍ଥର ଆବଶ୍ୟକତା କେବଳ ପାଣି ଦ୍ୱାରା ପୂରଣ ହୁଏ ନାହିଁ, ବରଂ ଦିନସାରା ଚା, କଫି, କ୍ଷୀର ପିଇଲେ ମଧ୍ୟ ଶରୀରରେ ତରଳ ପଦାର୍ଥର ଆବଶ୍ୟକତା ପୂରଣ ହୁଏ। ତଥାପି, ପାଣିର ପ୍ରଭାବ ଏହି ସମସ୍ତ ପାନୀୟ ଅପେକ୍ଷା ଶୀଘ୍ର ଏବଂ ଦ୍ରୁତତର ଭାବେ କାମ କରେ।

ଚିନି ଖାଇଲେ ହାର୍ଟଆଟାକ୍, ଫ୍ୟାଟି ଲିଭରର ଆଶଙ୍କା ବଢ଼େ

ଚିନି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଚିନି ଖାଇବା କେବଳ ମଧୁମେହ ନୁହେଁ ବରଂ ଅନେକ ଅନ୍ୟାନ୍ୟ ରୋଗର କାରଣ ହୋଇପାରେ। ବହୁତ କମ୍ ଲୋକ ଜାଣିଥିବେ ଯେ ଚିନି ଏକ ପ୍ରକ୍ରିୟାକୃତ ଜିନିଷ। ଯାହା ଆଖୁ ରସ ଏବଂ ରାସାୟନିକ ପଦାର୍ଥକୁ ମିଶ୍ରଣ କରି ତିଆରି କରାଯାଏ। ଧଳା ରଙ୍ଗର ଦାନାଯୁକ୍ତ ଚିନି ଆମ ଘରକୁ ଆସେ। ଏହି ଚିନିରେ କୌଣସି ପ୍ରକାରର ପୋଷକ ତତ୍ତ୍ୱ ନାହିଁ। ଚିନିର ପୁଷ୍ଟିକର ମୂଲ୍ୟ ଶୂନ। ଏଥିରେ କେବଳ କ୍ୟାଲୋରୀ ଥାଏ। ଚିନିର ଅତ୍ୟଧିକ ସେବନ ମୋଟାପଣ ବୃଦ୍ଧି କରିଥାଏ। ଏହା ବିଶେଷକରି ପେଟର ମେଦବହୁଳତା ବୃଦ୍ଧି କରେ କାରଣ ଅଧିକ ଚିନି ଖାଇବା ଦ୍ୱାରା ଇନସୁଲିନ୍ ସମ୍ବେଦନଶୀଳତା ବୃଦ୍ଧି ପାଏ।ଏହା ଆମ ଶରୀରରେ ଚର୍ବି ଭାବରେ ଜମା ହେବାକୁ ଲାଗେ। ଏହାବ୍ୟତୀତ ମେଟାବୋଲିକ୍ ସିଣ୍ଡ୍ରୋମର ଆଶଙ୍କା ମଧ୍ୟ ରହିଥାଏ। ଅଧିକ ପରିମାଣରେ ଚିନି ଖାଇବା ଦ୍ୱାରା ଶରୀରରେ ଟ୍ରାଇଗ୍ଲିସେରାଇଡ୍ ଏବଂ ଖରାପ କୋଲେଷ୍ଟ୍ରଲ୍ ବୃଦ୍ଧି ପାଏ। ଏହି ଦୁଇଟି ଜିନିଷ ଯୋଗୁଁ ହୃଦଘାତର ଆଶଙ୍କା ବୃଦ୍ଧି ପାଏ। ଚିନି ଯୋଗୁଁ ଫ୍ୟାଟି ଲିଭର ହେବାର ଆଶଙ୍କା ଅଧିକ। ବର୍ତ୍ତମାନ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭରର ମାମଲା ସବୁଠାରୁ ଅଧିକ ଆସୁଛି। ଏହାର ମୁଖ୍ୟ କାରଣ ହେଉଛି ପ୍ରକ୍ରିୟାକୃତ ଖାଦ୍ୟ ପଦାର୍ଥର ଅତ୍ୟଧିକ ବ୍ୟବହାର। ପ୍ରକ୍ରିୟାକୃତ ଖାଦ୍ୟରେ ଅଧିକ ପରିମାଣରେ ଚିନି ଥାଏ। ଅତ୍ୟଧିକ ଚିନି ଖାଇବା ଲିଭର ଉପରେ ଚାପ ପକାଏ। ଏହାବ୍ୟତୀତ ଅତ୍ୟଧିକ ଚିନି ସେବନ କରିବା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଅଂଶରେ ପ୍ରଦାହ ହେବାର ଆଶଙ୍କା ବୃଦ୍ଧି ପାଏ। ପ୍ରଦାହ ଯୋଗୁଁ ଅନେକ ଗମ୍ଭୀର ରୋଗ ହୋଇପାରେ। ଚିନି ଆମ ପାଇଁ ଔଷଧ ପରି କାର୍ଯ୍ୟ କରେ। ଯଦି ଆପଣଙ୍କର ଅତ୍ୟଧିକ ଚିନି ଖାଇବାର ଅଭ୍ୟାସ ଅଛି, ତେବେ ଯଦି ଆପଣ ଏହାକୁ ନ ପାଆନ୍ତି ତେବେ ଆପଣ ଚିଡ଼ଚିଡ଼ା ହୋଇପାରନ୍ତି। ବିଶେଷଜ୍ଞଙ୍କ ଅନୁସାରେ ଚିନିର ଅତ୍ୟଧିକ ସେବନ ସ୍କିନକୁ ମଧ୍ୟ କ୍ଷତି ପହଞ୍ଚାଏ। ଅତ୍ୟଧିକ ଚିନି ସେବନ ଶୀଘ୍ର ବାର୍ଦ୍ଧକ୍ୟ ଆଡକୁ ନେଇଥାଏ। ଯେଉଁମାନେ ଅତ୍ୟଧିକ ଚିନି ଖାଉଛନ୍ତି ସେମାନଙ୍କର ଚର୍ମ ବହୁତ ଶୀଘ୍ର ଢିଲା ହୋଇଯାଏ। ଯାହା ଦ୍ୱାରା କୁଞ୍ଚନ ଦେଖାଯିବା ଆରମ୍ଭ ହୁଏ। ଏହାବ୍ୟତୀତ ଆପଣଙ୍କର ଦାନ୍ତରେ କ୍ୟାଭିଟି ସମସ୍ୟା ହୋଇପାରେ। ତେବେ ଚିନି ପରିବର୍ତ୍ତେ ଗୁଡ଼, ମହୁ, ଖଜୁରୀ ଖାଇପାରିବେ। ବାହାରୁ ଥଣ୍ଡା ପାନୀୟ ପିଇବା ବନ୍ଦ କରନ୍ତୁ। ଘରେ ତିଆରି ଫଳ ରସ ପିଅନ୍ତୁ। ସମ୍ପୂର୍ଣ୍ଣ ଶସ୍ୟଯୁକ୍ତ ଖାଦ୍ୟ ଖାଆନ୍ତୁ। ବାଜରାରେ କାର୍ବୋହାଇଡ୍ରେଟ୍ କମ୍ ଥାଏ କିନ୍ତୁ ପ୍ରୋଟିନ୍ ଏବଂ ଫାଇବରର ପରିମାଣ ବହୁତ ଅଧିକ ଥାଏ। ତେଣୁ ଏହାକୁ ଖାଇପାରିବେ। ବିଶେଷକରି ପିଲାମାନଙ୍କୁ ମିଠା ଠାରୁ ଦୂରେଇ ରଖନ୍ତୁ। ଘରେ ତିଆରି ମିଠା ଖାଆନ୍ତୁ। ଆପଣ ଚିନି ପରିବର୍ତ୍ତେ ନଡ଼ିଆ ପାଉଡର କିମ୍ବା ଶୁଖିଲା ଫଳ ପାଉଡର ବ୍ୟବହାର କରିପାରିବେ।



ସକାଳୁ ଖାଲି ପେଟରେ ଲେମ୍ବୁ ପାଣି ପିଉଛନ୍ତି କି?

ସାଧାରଣତଃ ଲୋକମାନେ ଏବେ ଭାରି ହେଲଥ୍ କନସିଅସ୍। ସକାଳୁ ଉଠି ବା ମାତ୍ରେ ଏକ ସୁସ୍ଥ ରୁଟିନ୍ ପଲୋ କରୁଛନ୍ତି। କିଛି ଲୋକ ସକାଳୁ ଉଠିବା ମାତ୍ରେ ଲମ୍ବୁରୁ ନଖ ଉଷୁମ୍ ପାଣିରେ ପକାଇ ପିଉଛନ୍ତି। ଏହା ଶରୀରକୁ ଡିଟକ୍ସ କରିଥାଏ ବୋଲି କୁହାଯାଏ। କିନ୍ତୁ ଲେମ୍ବୁ ପାଣି ପ୍ରକୃତରେ କଣ ଡିଟକ୍ସିଂ ଡ୍ରିଙ୍କ୍? ବିଶେଷଜ୍ଞଙ୍କ କହିବା ଅନୁସାରେ ଏହା ଡିଟକ୍ସ କରେ ନାହିଁ ବରଂ ଓଜନ କମାଇବାରେ ସାହାଯ୍ୟ କରେ। ପେଟ ମଧ୍ୟ ସଫା ରଖେ କିନ୍ତୁ ଏହାକୁ ଖାଲି ପେଟରେ ପିଇବା ଠିକ୍ ନୁହେଁ। ଲେମ୍ବୁ ପାଣିରେ ଭିଟାମିନ-ସି, ଆଣ୍ଟିଅକ୍ସିଡେଣ୍ଟ ଏବଂ ଅନେକ ଗୁଣରେ ଭରପୂର ହୋଇଥାଏ। କିନ୍ତୁ ଏହାକୁ ସକାଳ ବଦଳରେ ଦିନରେ ପିଇବା ଉଚିତ୍। ବିଶେଷ କରି ସେହି ଲୋକମାନଙ୍କୁ ଯେଉଁମାନେ ପୂର୍ବରୁ ହିଁ ବ୍ଲୋଟିଙ୍ଗ୍ କିମ୍ବା ଗ୍ୟାସ ସମସ୍ୟାରେ ପୀଡ଼ିତ ଅଛନ୍ତି। ଲେମ୍ବୁ ଆମ ଶରୀରରେ ହାଇଡ୍ରେସନ୍ ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରେ। ଏହା ଏନର୍ଜି ଲେବଲକୁ ମଧ୍ୟ ବଢ଼ାଏ। ଯଦି ଆମେ ପ୍ରତିଦିନ ୧ଟି ଲେମ୍ବୁ ଖାଉ ତେବେ ସେଥିରୁ ଆମକୁ ପର୍ଯ୍ୟାପ୍ତ ଭିଟାମିନ-ସି ମିଳିଥାଏ। ଏହି ଭିଟାମିନ ସ୍କିନ୍ କୋଲାଜେନକୁ ବଢ଼ାଏ। ଲେମ୍ବୁ ଖାଇବା ଦ୍ୱାରା ଇମ୍ୟୁନିଟି ମଧ୍ୟ ମଜବୁତ ହୁଏ ଏବଂ ଏହାଦ୍ୱାରା ଆଇରନର ସ୍ତର ମଧ୍ୟ ବଢ଼େ। ଲେମ୍ବୁ ପାଣି ଆମ ପେଟ ପାଇଁ ଭଲ ହୋଇଥାଏ। ଏହାକୁ ପ୍ରତିଦିନ ପିଇବା ଦ୍ୱାରା ହାଇଡ୍ରେସନ ସହିତ ଡାଇଜେସନ ମଧ୍ୟ ଉନ୍ନତ ହୋଇଥାଏ। ଲେମ୍ବୁ ପାଣି ପିଇବା ଦ୍ୱାରା ଭଲ ବ୍ୟାକ୍ଟେରିଆ ବଢ଼ନ୍ତି। ଏହା ଦ୍ୱାରା ଓଜନ କମ ହୁଏ ନାହିଁ କିନ୍ତୁ ଓଜନ ବଢ଼େ ମଧ୍ୟ ନାହିଁ। ଏହା ଓଜନକୁ ନିୟନ୍ତ୍ରିତ ରଖେ।କିନ୍ତୁ ସକାଳ ସମୟରେ ଖାଲି ପେଟରେ ପିଇଲେ ଏହା ଏସିଡିଟି, ବ୍ଲୋଟିଙ୍ଗ୍ ଏବଂ ଗ୍ୟାସର ସମସ୍ୟାକୁ ବଢ଼ାଇପାରେ। ଆପଣ ଖାଇସାରିବା ପରେ ଏହାକୁ ପିଇପାରନ୍ତି କାରଣ ଏହାଦ୍ୱାରା ପାଚନ ସଠିକ୍ ଭାବରେ ହୋଇଥାଏ। ଗରମ ପାଣିରେ ଲେମ୍ବୁ ଚିପୁଡ଼ି ପିଇବା ଆଦୌ ଠିକ୍ ନୁହେଁ କାରଣ ଅଧିକ ଗରମ ହେବା ଦ୍ୱାରା ଭିଟାମିନ-ସି ବ୍ରେକଆଉଟ୍ ହୋଇଯାଏ। ଏହି କାରଣରୁ ତାହାର ପୋଷକ ତତ୍ତ୍ୱ ଆମକୁ ମିଳିପାରେ ନାହିଁ। ଯଦି ଆପଣ ଗରମ ପାଣିରେ ଏହାକୁ ପିଉଛନ୍ତି ତେବେ ଧ୍ୟାନ ରଖନ୍ତୁ ପାଣିକୁ ପ୍ରଥମେ ଉଷୁମ ସ୍ତରକୁ ଆଣନ୍ତୁ ତା'ପରେ ଲେମ୍ବୁ ମିଶାଇ ପିଅନ୍ତୁ।

ବର୍ତ୍ତମାନ ସମୟରେ ଅନେକ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି। ଖରାପ ପାଣିପାଗ ଏବଂ ଖାଦ୍ୟପେୟ ହେଉଛି ଏହାର ମୁଖ୍ୟ କାରଣ। ଭଲ ସ୍ୱାସ୍ଥ୍ୟ ପାଇଁ ଭଲ ଖାଦ୍ୟର ଆବଶ୍ୟକତା ରହିଛି। ଅନେକ ପ୍ରକାରର ସମସ୍ୟା ମଧ୍ୟରୁ ପାଦ ଫୁଲିବା ସମସ୍ୟା ହେଉଛି ଅନ୍ୟତମ। ଏହି ସସମ୍ୟା ଛୋଟ ଛୁଆ ପାଖରୁ ଆରମ୍ଭ କରି ବଡ଼ ଲୋକମାନଙ୍କ କ୍ଷେତ୍ରରେ ମଧ୍ୟ ଦେଖାଦେଇଥାଏ। ତେବେ ଆସନ୍ତୁ ଜାଣିବା ଏହି ସମସ୍ୟାର କିଛି ଗୁରୁତ୍ୱପୂର୍ଣ୍ଣ କଥା ବିଷୟରେ। ଆମ ସମଗ୍ର ଶରୀରର ଭାର ଆମ ପାଦ ଉପରେ। ଚାଲିବା, ଦୌଡ଼ିବା, ଅଫିସ୍ କିମ୍ବା ଘରେ, ପ୍ରତ୍ୟେକ କାର୍ଯ୍ୟକଳାପରେ ପାଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି କାରଣରୁ ରାତିରେ ଶୋଇବା ସମୟରେ ପାଦରେ ଯନ୍ତ୍ରଣା କିମ୍ବା ଫୁଲା ହୋଇଥାଏ। କେତେକ ସମୟରେ ଏହି ଯନ୍ତ୍ରଣା ଏତେ ବଢ଼ିଯାଏ ଯେ ନିଦ ମଧ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ। ହେଲେ, ଔଷଧ ଉପରେ ନିର୍ଭର କରିବା ପରିବର୍ତ୍ତେ, ଆପଣ କିଛି ଘରୋଇ ଉପଚାର ଗ୍ରହଣ କରିବା ଯଥେଷ୍ଟ ଭଲ। ଯାହା ଦ୍ୱାରା ଆପଣ ଶୀଘ୍ର ଆରାମ ପାଇପାରିବେ। ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଉପଚାର ବିଷୟରେ। ଡାକ୍ତରଙ୍କ ମତରେ, ପାଦ ବିନ୍ଧା ବା ଦରଜ ପାଇଁ ରସୁଣ ତେଲକୁ ବହୁତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। କାରଣ ଏହା ପାଦ ଫୁଲା ଏବଂ ଯନ୍ତ୍ରଣା ଉଭୟକୁ କମ କରିବାରେ ବହୁତ ସାହାଯ୍ୟ କରେ।

ରସୁଣ ତେଲ କିପରି ତିଆରି କରି ଲଗାଇବେ ଜାଣନ୍ତୁ: ୧୦ ଟି ରସୁଣ କୋଲାକୁ ଦର ଛେଚା କରି ସୋରିଷ କିମ୍ବା ନଡ଼ିଆ ତେଲରେ ମିଶାନ୍ତୁ। ରସୁଣ ହାଲୁକା ହଳଦିଆ ରଙ୍ଗ ହେବା ପର୍ଯ୍ୟନ୍ତ ଏହି ମିଶ୍ରଣକୁ କମ୍ ଆଞ୍ଚରେ ଭାଜନ୍ତୁ। ଏହା ଥଣ୍ଡା ହୋଇଗଲେ, ଏହାକୁ ଛାଣି ଗୋଟିଏ ପାତ୍ରରେ ଷ୍ଟୋର କରି ରଖନ୍ତୁ। ଏହା ପରେ ଶୋଇବା ପୂର୍ବରୁ ଏହାକୁ ୧୦ ମିନିଟ୍ ପାଇଁ ଆପଣଙ୍କ ପାଦକୁ ହାଲୁକା ଭାବରେ ମାଲିସ୍ କରନ୍ତୁ। ଯଦି ଆପଣ ଏହାକୁ ନିୟମିତ ବ୍ୟବହାର କରନ୍ତୁ ତେବେ, ଗୋଟିଏ ସପ୍ତାହ ମଧ୍ୟରେ ପାଦ ଫୁଲା ଏବଂ ଯନ୍ତ୍ରଣା କମିବା ଆରମ୍ଭ ହେବ।

ସୋରିଷ ତେଲ: ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରେ ଏବଂ ମାଂସପେଶୀର କଠିନତା ଦୂର କରେ। ଯେଉଁମାନେ ଦୀର୍ଘ ସମୟ ଧରି ଠିଆ ହେବା ଯୋଗୁଁ ଗୋଡ଼ରେ ଭାରୀ ଏବଂ କ୍ଲାନ୍ତି ଅନୁଭବ କରନ୍ତି ସେମାନଙ୍କ ପାଇଁ ସୋରିଷ ତେଲ ବହୁତ ଲାଭଦାୟକ।

ନଡ଼ିଆ ତେଲ: ନଡ଼ିଆ ଚର୍ମକୁ ନରମ କରିବା ସହିତ ଗୋଡ଼ର ସ୍ନାୟୁ ଏବଂ ମାଂସପେଶୀକୁ ଆରାମ ଦିଏ। ଯଦି ଆପଣ ଗୋଡ଼ରେ ଜଳାପୋଡ଼ା କିମ୍ବା ଅତ୍ୟଧିକ ଥକା ଅନୁଭବ କରନ୍ତି, ତେବେ ଉଷୁମ ନଡ଼ିଆ ତେଲରେ ମାଲିସ୍ କରିବା ବହୁତ ଲାଭଦାୟକ ହୋଇଥାଏ।

ଲାଭେଣ୍ଡର ତେଲ: ଯଦି ଆପଣଙ୍କର ଗୋଡ଼ରେ ଯନ୍ତ୍ରଣା ସହିତ ନିଦ ସମସ୍ୟା ହେଉଛି, ତେବେ ଲାଭେଣ୍ଡର ତେଲ ସର୍ବୋତ୍ତମ ବିକଳ୍ପ। ଏହା ପାଦ ମାଲିସ୍ କରିବା ସହିତ ମନକୁ ମଧ୍ୟ ଆରାମ ଦିଏ। ଆପଣ ଏହାକୁ ନଡ଼ିଆ କିମ୍ବା ଅଲିଭ୍ ତେଲ ସହିତ ମିଶାଇ ମାଲିସ୍ କରିପାରିବେ।

ଅଲିଭ ଅଏଲ୍: ଅଲିଭ ତେଲରେ ଥିବା ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ଆପଣଙ୍କ ପାଦ ଫୁଲା ଏବଂ କଠିନତା ଦୂର କରେ। ଏହି ତେଲ ସେହି ଲୋକଙ୍କ ପାଇଁ ବହୁତ ଲାଭଦାୟକ ହେବ ଯେଉଁମାନଙ୍କର ପ୍ରାୟତଃ ଗୋଇଠି ଯନ୍ତ୍ରଣାର ସମସ୍ୟା ଅଧିକ ଥାଏ। ଏଥିସହ ଜାଣିରଖନ୍ତୁ ଯଦି ଆପଣ ଏହି ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ନିଶ୍ଚିତ ଭାବରେ ଏହି ଟିପ୍ସକୁ ଫଲୋ କରନ୍ତୁ। ଦେଖିବେ ଗୋଟିଏ ସପ୍ତାହ ଭିତରେ ଆପଣଙ୍କ ରେଜଲ୍ଟ।

ପାଦ ଫୁଲା କିମ୍ବା ଯନ୍ତ୍ରଣା ହେଉଛି କି ?

ବଢୁଛି ବେଆଇନ ମଦ କାରବାର

ନିଦା ବିଷ୍ଣୁ ସାଜିଛନ୍ତି ଧର୍ମଗଡ଼ ଅବକାରୀ କର୍ମଚାରୀ



କଳାହାଣ୍ଡି,୧୨।୯(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମଦ ବିକ୍ରି ବନ୍ଦ କରାଯିବା ନେଇ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷରେ କଳାହାଣ୍ଡି ଜିଲାର ଧର୍ମଗଡ଼ ଅବକାରୀ ଅଧୀନରେ ଥିବା ଅଞ୍ଚଳ ମାନଙ୍କରେ ବେଆଇନ ମଦ କାରବାର ବୃଦ୍ଧି ପାଇବାର ନେଇ ବୁଦ୍ଧିଜିବୀ ତଥା ଜ୍ଞାନୀମାନୀ ଲୋକେ ଚା'ଖଟିରେ ଆଲୋଚନା ହେଉଥିବା ଚର୍ଚ୍ଚା ହେଉଛି।ବେଆଇନ ମଦ କାରବାରକୁ ରୋକିବାରେ ଅବକାରୀ ବିଭାଗ ଆନ୍ତରିକତା ପ୍ରକାଶ କରୁଥିଲେ ହେଁ ଧର୍ମକୁ ଆଖିଠାର ସଦୃଶ୍ୟ ଦେଖା ଯାଉଛି।ଯାହା ଫଳରେ ସାଧାରଣ ଜନତା ଙ୍କ ମୁଣ୍ଡ ବିନ୍ଧା ର କାରଣ ହେଉଥିବା ରୁ ଜ୍ଞାନୀମାନୀ ଲୋକେ ଏ ନେଇ ବିଭିନ୍ନ ଜାଗାରେ ଅଭିଯୋଗ ଉଠାଉଥିବା ଶୁଣିବାକୁ ମିଳୁଛି। ଅନେକ ଗ୍ରାମାଞ୍ଚଳରେ ରନ୍ଧାମଦ କାରବାର ବଢ଼ି ଚାଲିଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ କେବଳ ଧର୍ମକୁ ଆଖିଠାର ସଦୃଶ ଚଢ଼ଉ କରାଯାଉଛି। ଜନଗହଳି ସ୍ଥାନ ଓ ନିଷିଦ୍ଧାଞ୍ଚଳ ନିକଟରେ ମଦ ବିକ୍ରି ହେଉଛିଜୁଅଞ୍ଚଳ ରେ ଯେତେ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଓ ମଦ ଭାଟି ରହିଛି ଅଞ୍ଚଳର ଅନୁପାତରେ ଅଧିକ ମଦ ଦୋକାନ ଖୋଲାଯାଇଥିବା ଅନୁମାନ କରାଯାଉଛି ଓ ଏତେ ସଂଖ୍ୟାରେ ମଦ ଦୋକାନ ସତ୍ତ୍ୱେ ବେଆଇନ ମଦ କାରବାର ବଢ଼ି ଚାଲିଛି। ଅବକାରୀ ଓ ପୁଲିସ ବିଭାଗ ବେଆଇନ ମଦ କାରବାର ରୋକିବାରେ ବିଫଳ ହୋଇଛି ଧର୍ମଗଡ଼ ଅବକାରୀ ଅଧୀନରେ ଥିବା ଅଞ୍ଚଳ ମାନଙ୍କ ରେ ଶତାଧିକ ଭାଟିରହିଥିବା ବେଳେ, ଅଧିକାଂଶ ବିଦେଶୀ ମଦ ଦୋକାନ ରହିଛି। ତନ ମଧ୍ୟରୁ ଗୋଲାମୁଣ୍ଡା ବ୍ଲକରେ ୭ ଭାଟି ଓ ୨ଟି ବିଦେଶୀ ମଦ ଦୋକାନ ରହିଛି। ଧର୍ମଗଡ଼ରେ ୮ଟି ମଦ ଭାଟି ମଧ୍ୟରୁ ଗୋଟିଏ ବନ୍ଦ ରହିଛି ଓ ୪ଟି ବିଦେଶୀ ମଦ ଦୋକାନ ରହିଛି। ବେହେରାରେ ଗୋଟିଏ ବିଦେଶୀ ମଦ ଦୋକାନ ରହିଛି। ଜୟପାଟଣା ଓ କୋକସରା ଅଞ୍ଚଳ ରେ ଛତୁ ଫୁଟିଲା ଭଳି କୁଚିଆ ମଦ ଦୋକାନ ସହ ୨ ଟି ବିଦେଶୀ ମଦ ଦୋକାନ ରହିଛି। ସମୟ ଅନୁପାତରେ କୁଟୀରଶିଳ୍ପ ଭଳି ଶତାଧିକ କୁଚିଆ ମଦ ଦୋକାନ ଖୋଲାଯାଇଛି। ଏମିତି କି ପାନ ଦୋକାନ, ରାସ୍ତାକଡ଼ ଢାବା, ଫାଷ୍ଟଫୁଡ ଦୋକାନରେ ବ୍ୟାପକ ମାତ୍ରାରେ ଖୁଲୁମ ଖୁଲା ଭାବେ ମଦ ବିକ୍ରି ଚାଲୁଥିବା ବେଳେ ମଦୁଆ ଙ୍କ ସଂଖ୍ୟା ପାଣି ଲହଡି ଭଳି ମାଡି ଆସୁଥିବା ବେଳେ ମଦୁଆ ଙ୍କ କାର୍ଯ୍ୟକଳାପ କୁ ନେଇ ନିରୀହ ଜନତା କୁ କଷ୍ଟ ସାଧ୍ୟ ସହିବାକୁ ପଡୁଛି। ମଦ କୁ ବନ୍ଦ କରିବାକୁ ନେଇ ବହୁ ସମୟରେ ମହିଳା ମାନେ ଆନ୍ଦୋଳନକୁ ଓହ୍ଲାଉଛନ୍ତି କିନ୍ତୁ ବିଭାଗୀୟ ଅଧିକାରୀଙ୍କ ସହ କର୍ମଚାରି ଙ୍କ ଲାଭଖୋର ମନୋବୃତ୍ତି ଓ ରାଜସ୍ୱ ବୃଦ୍ଧି ଆଳରେ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ମଦ ଯୋଗୁଁ ପାରିବାରିକ କଳହ ସହ ଛୋଟବଡ଼ ହିଂସାକାଣ୍ଡ ଘଟୁଛି। ମଦ୍ୟପାନ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। ମଦ୍ୟପାନ କରି ଗାଡ଼ି ଚଲାଇବାକୁ ପ୍ରଶାସନ ବାରଣ କରୁଛି।

ରୋଷେଇ ବେଳେ ଗ୍ୟାସ ଲିକ୍, ଜଳିଗଲା ଘର



କୃଷ୍ଣପ୍ରସାଦ,୧୨।୯(ସଂଚାର ବ୍ୟୁରୋ): ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକ ବଡ଼ ଖଟିଆକୁଦିରେ ଗ୍ୟାସ ଲିକ୍ ହୋଇ ୩ ବଖରା ଘର ଜଳିଯାଇଛି। ସୂଚନା ମୁତାବକ, ଦିନ ପ୍ରାୟ ୩ଟା ସମୟରେ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ ହୋଇ ନିଆଁ ଲାଗିଥିଲା। ଦେଖୁ ଦେଖୁ ଘର, ଚାଳ ଆସବାବପତ୍ରକୁ ନିଆଁ ବ୍ୟାପିଥିଲା। ମାୟାଧର ତରେଇଙ୍କ ୩ ବଖରା ଘର ଦେଖୁ ଦେଖୁ ଧ୍ୱଂସ ହୋଇଗଲା। ଖବରପାଇ ମାଲୁଦରୁ ଅଗ୍ନିଶମ ବାହିନୀ ପହଞ୍ଚି ଫାୟାର ଅଧିକାରୀ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମର ଅନ୍ୟ ଘର ସୁରକ୍ଷିତ ହୋଇଥିଲା। ଘରେ ଥିବା ଟିଭି, ଫ୍ରୀଜ, ଆସବାବପତ୍ର, କଂସା, ବାସନ, ଲୁଗାପଟା, ବର୍ଷକ ଖାଦ୍ୟ ପଦାର୍ଥ ପୋଡି ପାଉଁଶ ହୋଇ ଯାଇଛି। ଅନ୍ୟପକ୍ଷେ ଝିଅ ବାହାଘର ପାଇଁ ରଖିଥିବା ସମସ୍ତ ଅଳଙ୍କାର, ଟଙ୍କା, ଆଦି ସାମଗ୍ରୀ ପୋଡି ପାଉଁଶ ହୋଇ ଯାଇଛି। ଖବରପାଇ କୃଷ୍ଣପ୍ରସାଦ ଆରଆଇ ଦିଲୀପ କିଷାନ, ତହସିଲଦାର ବିକାଶ ସେଠୀ, ସରପଞ୍ଚ ବୀଣାପାଣି ପ୍ରଧାନ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଗୃହଶୂନ୍ୟ ପରିବାରକୁ ଗୃହ, ଖାଦ୍ୟ, ବସ୍ତ୍ର ସହ କ୍ଷତି ପୁରଣ ଯୋଗାଇ ଦେବାକୁ ଦାବି ଦେଉଛି।

ଶ୍ମଶାନ ଜମିକୁ ନେଇ ବିବାଦ, ବିଲମ୍ବରେ ଶବଦାହ



ବୈଶିଙ୍ଗା,୧୨।୯(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଦୁର୍ଗାପୁର ଗ୍ରାମରେ ଶୁକ୍ରବାର ଜନୈକ ବ୍ୟକ୍ତିଙ୍କ ମୃତଶରୀର ସତ୍କାର ପାଇଁ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଏକ ଅଭାବନୀୟ ଘଟଣା ଯୋଗୁଁ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ ଏହି ଗ୍ରାମରେ ଶବଦାହ ପାଇଁ ଉଦ୍ଦିଷ୍ଟ ଶ୍ମଶାନ ପଡ଼ିଆକୁ ନେଇ ଦଳେଇ ସାହି ଓ ଦୁର୍ଗାପୁର ଗ୍ରାମବାସୀଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦୀର୍ଘ ଦିନ ଧରି ଲାଗିରହିଛି। ଏହି ଜମିରେ ବର୍ଷ ବର୍ଷ ଧରି ଶବ ସଂସ୍କାର କରିଆସୁଥିଲେ ହେଁ ସରକାରୀ ନକ୍ସା ଓ ଖତିଆନ୍ ରେ ଏହି ଜମିକୁ ଶ୍ମଶାନ କିସମ ବୋଲି ଉଲ୍ଲେଖ ହୋଇନାହିଁ। ଇତିମଧ୍ୟରେ ଗତ ୪୦ ବର୍ଷ ଭିତରେ ଭୂବନ୍ଦୋବସ୍ତ ଓ ଚକବନ୍ଦୀ ଭଳି ଦୁଇ ଦୁଇଟି ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଜମିଜମା ସଂପର୍କିତ ବିବାଦର ସମାଧାନ କରାଯାଇଥିଲେ ହେଁ ଉକ୍ତ ଜମିଟି ଗୋଚର ଭୂମିରୁ ଶ୍ମଶାନ କିସମ କୁ ରୂପାନ୍ତରିତ ହୋଇପାରି ନାହିଁ। ଯେଉଁଥିପାଇଁ ବାରମ୍ବାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିରହୁଛି। ଗତ ଅଗଷ୍ଟ ମାସ ୧୧ ତାରିଖ ଦିନ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଦଳେଇସାହିର ଶତାଧିକ ଲୋକ ଏହି ଜମି ଉପରେ ତିନି ହଜାର ଚାରା ରୋପଣ କରିଥିଲେ। ଖବର ପ୍ରକାଶ ପାଇବାପରେ ଦୁର୍ଗାପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ସଂଘବଦ୍ଧ ଭାବେ ଆସି ଏହାକୁ ଶ୍ମଶାନ ଜମି କହି ଚାରା ଗଛ ଗୁଡ଼ିକୁ ଉପାଡ଼ି ଫିଙ୍ଗି ଦେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ସଂଘର୍ଷ, ଉଭୟ ପକ୍ଷରୁ ଆହତ ହୋଇ ଥାନାକୁ ଆସିଥିଲେ। ତେବେ ଥାନାଧିକାରୀ ଏସମ୍ପର୍କରେ ବେତନଟୀ ତହସିଲଦାରଙ୍କୁ ଜଣାଇଥିଲେ ଏବଂ ତହସିଲଦାର ତଦନ୍ତ କରି ଉଚିତ ପଦକ୍ଷେପ ନେବେ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ଟଙ୍କା ଗାୟବ

ବାରିପଦା,୧୨।୯(ସଂଚାର ବ୍ୟୁରୋ): ବାରିପଦା ସହରରେ ଥିବା ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ପ୍ରଭାତ କୁମାର ଦାସଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଗାଏବ ହୋଇଛି। ଏନେଇ ସେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ଶ୍ରୀ ଦାସ ଷ୍ଟେସନ ବଜାରସ୍ଥିତ ହାଟକୁ ଜିନିଷ କିଣିବାକୁ ଯାଇଥିଲେ। ଉକ୍ତ ସମୟରେ ତାଙ୍କ ମୋବାଇଲଟି ଚୋରି ହୋଇଯାଇଥିଲା। ଥାନାରେ ଅଭିଯୋଗ କରିବା ପରେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଥିଲେ। ସେତେବେଳେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୦୦ ଟଙ୍କା ଗାଏବ ହୋଇଯାଇଥିବା ସେ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତ ଜଣଙ୍କ ମୋବାଇଲ ଚୋରି କରି ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ନେଇଥିବା ସନ୍ଦେହ କରି ଶ୍ରୀ ଦାସ ଥାନାରେ ଏତଲା ଦେଇଛନ୍ତି।

ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା

ମାଲକାନଗିରି,୧୨।୯(ସଂଚାର ବ୍ୟୁରୋ): ମାଥିଲି ଥାନା ଅନ୍ତର୍ଗତ କୁରମପାଲୀ ଗ୍ରାମରେ ନିରଞ୍ଜନ ଠାକୁରଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ହତ୍ୟା କରିଛି। ଏହାକୁ ଗୁଣିଗାରେଡ଼ି ସନ୍ଦେହ ହତ୍ୟା ବୋଲି କୁହାଯାଉଛି। ଏନେଇ ମାଥିଲି ପୁଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ପରିବାର ଲୋକେ କିଛି ବି କହିନଥିବା ବେଳେ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଦୀପାଞ୍ଜଳୀ ପ୍ରଧାନ କହିଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ଶୁଭାରମ୍ଭ ହେବ ଟ୍ରମା କେୟାର ୟୁନିଟ, ମିଳିବ ଅତ୍ୟାଧୁନିକ ଚିକିତ୍ସା

ଭୁବନେଶ୍ୱର,୧୨।୯ (ସଂଚାର ବ୍ୟୁରୋ) : ସାରା ରାଜ୍ୟରେ ଟ୍ରମା କେୟାର ସେଣ୍ଟରର ଶୁଭାରମ୍ଭ ହେବ । ରାଜ୍ୟବାସୀଙ୍କୁ ମିଳିବ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଛି ଅନେକ ପଦକ୍ଷେପ । କ୍ୟାପିଟାଲ ହସ୍ପିଟାଲ ପିଜିଆଇଏମଇଆର ସମେତ ରାଜ୍ୟରେ ଅନେକ ସ୍ଥାନରେ ନବନିର୍ମିତ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ କରାଯାଉଛି । ଯାହାକୁ ନେଇ ଆଖପାଖ ଜିଲ୍ଲାର ଅନେକ ଲୋକମାନେ ସ୍ୱାସ୍ଥ୍ୟ ସେବାରେ ଲାଭବାନ ହୋଇପାରିବେ। ଆସନ୍ତା ୧୭ ତାରିଖରେ ସାରା ଭାରତରେ ନୂତନ ଟ୍ରମା କେୟାର ସେଣ୍ଟର ଶୁଭାରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଟ୍ରମା କେୟାର ସେଣ୍ଟର ବର୍ତ୍ତମାନ ସୁଧା ପ୍ରସ୍ତୁତ ହୋଇ ରହିଛି । ଭର୍ଚୁଆଲ ମୋଡ଼ରେ ଟ୍ରମା କେୟାର ୟୁନିଟ୍ ଓ ଅନ୍ୟାନ୍ୟ ବିଭାଗକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି । ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ । ଏହି ଅବସରରେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା ଭେଟି ଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ହସ୍ପିଟାଲ ପରିସର ଏନେଇ ଜୋରଦାର ଚାଲିଛି ପ୍ରସ୍ତୁତି । ୨୦୨୨ ମସିହାରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ୫ ମହଲା ବିଶିଷ୍ଟ ଟ୍ରମା କେୟାର ୟୁନିଟ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଏହି ସେଣ୍ଟର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେଠାରେ ମୋଟ ୨୦୦ ଶଯ୍ୟା ରହିଛି। ଏହି ୟୁନିଟ୍‌ରେ ଅସ୍ଥିଶଲ୍ୟ, ସର୍ଜରୀ, ମଡୁଲାର ଓଟି, ପ୍ଲାଷ୍ଟିକ୍ ସର୍ଜରୀ, ନିଷ୍ଣେତକ ବିଭାଗ ଓ ବିଭିନ୍ନ ରୋଗୀ ଓ୍ୱାର୍ଡ ରହିଛି । ୪ଟି ଜରୁରୀକାଳୀନ ଓଟିର ବ୍ୟବସ୍ଥା ରହିବ । ୮ ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁରେ ରେଡିଓ ଡାଇଗ୍ନୋଷ୍ଟିକ୍ ଚିକିତ୍ସା ସେବା ମିଳିବ । ସେହିପରି ପିଜିଆଇଏମଇଆରର ସମସ୍ତ ବିଲଡିଂ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି ।

ଯୌତୁକ ପାଇଁ ନବ ବଧୂର ଜୀବନ ଗଲା



କଳାହାଣ୍ଡି, ୧୨।୯(ସଂଚାର ବ୍ୟୁରୋ): ଗେଟ୍ ରେ ପଡ଼ିଛି ତାଲା, ଦ୍ୱାର ମୁହଁରେ ପଡ଼ି ରହିଛି ମୃତ ଦେହ।ଶାଶୁ ଶଶୁର ଫେରାର ଥିବା ବେଳେ ସ୍ୱାମୀ ଅଛି ଥାନାରେ, ମା ପାଖରେ ବୁଲୁଛି ଆଠ ମାସର ଶିଶୁ ପୁତ୍ର, ଛୋଟ ନିଷ୍ପାପ ଛୁଆ ବା କି ଜାଣିଚି ତା ମାଆ ଆଉ ଏ ଦୁନିଆରେ ନାହିଁ, ଚାଲି ଯାଇଛି ଅଫେରା ଦୁନିଆ କୁ। ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି କେସିଙ୍ଗା ବ୍ଲକ୍ ଭମର ମାଲ୍ ଗ୍ରାମରେ। ଗତ କାଲି ଭମର ମାଲ୍ ର ଜଗନ୍ନାଥ ସାହୁଙ୍କୁ ସ୍ତ୍ରୀ କ୍ଷୀର ବତି ସାହୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସା ଲୟ ରେ ମୃତ୍ୟୁ ବରଣ କରିଥିଲେ।ଶଶୁର ଘର ଲୋକେ ବୋହୂ ବିସ ପି ଆତ୍ମ ହତ୍ୟା କରିଥିବା କହୁଥିବା ବେଳେ ବାପ ଘର ଲୋକେ ଝିଅ କୁ ବିଷ ପିଆଇ ମାରି ଦେଇଥିବା ଅଭିଯୋଗ କରିଥିଲେ।ଏହି ଘଟଣା ପରେ ସ୍ୱାମୀ ଜଗନ୍ନାଥ କୁ ପୋଲିସ ଗିରଫ କରିବା ପରେ ଶାଶୁ ଶଶୁର ଫେରାର ହୋଇଯାଇଥିବା ବେଳେ ପୋଲିସ ସାହାର୍ଯ୍ୟ ରେ ସବ କୁ ଭବାନୀ ପାଟନା ଠାରୁ ଭମର ମାଲ୍ କୁ ଅଣାଯାଇଥିଲା।ହେଲେ ଘରେ କେହି ନାହାନ୍ତି ସବ ସତ୍କାର କରିବ କିଏ, ଫେରାର ଥିବା ଶାଶୁ ଶଶୁର ଙ୍କୁ ଶୀଘ୍ର ଗିରଫ କରିବା ସହ ସେମାନଙ୍କ ଉପସ୍ଥିତି ରେ ଦେଇଥିବା ଜାନି ଯୌତୁକ କୁ ଫେରାଇ ଦେବା ଜିଦ୍ କରି ଜଗନ୍ନାଥ ଙ୍କ ଘର ସାମ୍ନାରେ ରାତି ତମାମ କ୍ଷୀର ବତି ଙ୍କ ଶବକୁ ପକାଇରଖିଲେ ବାପ ଘର ଲୋକେ। ଅଞ୍ଚଳ ରେ ତୀବ୍ର ଉତ୍ତେଜନା ଦେଖାଦେଇଥିବା ବେଳେ ସକାଳୁ ଘଟଣା ସ୍ଥଳରେ କେସିଙ୍ଗା। ଏସ୍ ଡି ପି ଓ ଏବଂ ଆଇ ଆଇ ସି ନିଜ ଦଳ ବଳ ସହ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିବା ସହିତ ସ୍ୱାମୀ ଜଗନ୍ନାଥ ଙ୍କ ଉପସ୍ଥିତିରେ କ୍ଷୀର ବତି ଙ୍କ ପରିବାର ବର୍ଗ ଙ୍କ ସାହାର୍ଯ୍ୟରେ ଆଣିଥିବା ଯୌତୁକ ଘରୁ ବାହାରକୁ ଆଣିବା ସହ କ୍ଷୀର ବତି ଙ୍କ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରିଥିଲେ।

ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ସହିତ ବିଭାଗୀୟ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସଚେତନତା

ବାରିପଦା,୧୨।୯(ସଂଚାର ବ୍ୟୁରୋ): ଏଣିକି ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଥିପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ନିଜ ନିଜ ବ୍ଲକ ଅଧିନସ୍ଥ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କରିବେ। ଲାଇନ ବିଭାଗର ଅଧିକାରୀମାନେ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ସମାଧାନ ବୈଠକରେ ନିଶ୍ଚିତ ଭାବେ ଯୋଗଦେବା ସହିତ ଜନସାଧାରଣଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗର ସମୟୋଚିତ ସମାଧାନ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଲାଇନ ବିଭାଗର ଅଧିକାରୀମାନଙ୍କ ସମେତ ଅନ୍ୟାନ୍ୟ ସମସ୍ତ ବିଭାଗ, ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା, କାର୍ଯ୍ୟକ୍ରମ, ସେବା ଏବଂ କେଉଁ ଯୋଜନାରେ କେଉଁ ହିତାଧିକାରୀ ଯୋଗ୍ୟ ବା ଅନ୍ତର୍ଭୁକ୍ତ ହୋଇ ପାରିବେ ସେ ସମ୍ପର୍କରେ ଲୋକ ମାନଙ୍କୁ ଅବଗତ କରାଇବା ସହିତ ସଚେତନ କରିବେ, ଯାହା ଦ୍ୱାରା ଯୋଗ୍ୟ ହିତାଧିକାରୀମାନେ ସମ୍ପୃକ୍ତ ଯୋଜନାରୁ ଲାଭକ୍ଷନ୍ତି ହୋଇ ପାରିବେ। ଏହା ବ୍ୟତୀତ, ବିଭିନ୍ନ ବିଭାଗୀୟ ଯୋଜନା ଓ ସେବା ସମ୍ବନ୍ଧ ରେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ନିମନ୍ତେ ସମସ୍ତ ସମ୍ପୃକ୍ତ ବିଭାଗଗୁଡ଼ିକୁ ଅଭିଯୋଗ ସ୍ଥାନରେ ବ୍ୟାନର, ପୋଷ୍ଟର, ହୋର୍ଡିଂ, ଫ୍ଲେକ୍ସ ଇତ୍ୟାଦି ପ୍ରଦର୍ଶନ ମାଧ୍ୟମରେ ବିଭାଗୀୟ ଯୋଜନା ଓ ସେବା ଗୁଡିକ ସମ୍ବନ୍ଧରେ ଆଲୋକପାତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆମିଷ ବଜାର ସମ୍ପର୍କରେ ଆପ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କନ୍ଧମାଳ,୧୨।୯(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ନିକଟବର୍ତୀ (ବୌଦ୍ଧ ଯିବା ରାସ୍ତାରେ) ଏଫ.ସି.ଆଇ. ଛକ ପାଖରେ ଥିବା ଆମିଷ ବଜାର ପାଇଁ ଫୁଲବାଣୀ ପୌରପରିଷଦ ପକ୍ଷରୁ ନିର୍ମିତ ଏକ ବିରାଟ ଗୃହ ଆଗରେ ସମଗ୍ର ଫୁଲବାଣୀ ସହରର ମଇଳା, ଆବର୍ଜନା ଓ ଜୀବଜନ୍ତୁଙ୍କ ପଚା ସଡା ଶବ ପଡ଼ିଥିବା ବିଷୟରେ ଏକ ଅଭିଯୋଗ ପତ୍ର ଆମ ଆଦମୀ ପାର୍ଟି ଜିଲ୍ଲା ସଭାପତି ଜର୍ବାସ ଦିଗାଲଙ୍କ ନେତୃତ୍ୱରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣଙ୍କୁ ପ୍ରଦାନ କରାଯାଇଛି। ଏଫ.ସି.ଆଇ. ଛକ ପାଖରେ ଥିବା ଆମିଷ ବଜାର ସମ୍ମୁଖରେ କୁଢ଼ କୁଢ଼ ସହର ଯାକର ମଇଳା ପକା ଯାଉଛି ଏବଂ ମଇଳାର ଦୁର୍ଗନ୍ଧ ଚିନ୍ତାଜନକ ଅବସ୍ଥା ବିଷୟରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ରାସ୍ତା ଭିତରେ ଏକ ବଡ଼ ଅଳିଆ ଆବର୍ଜନା ଶିଖର ପାହାଡ଼ ପରି ପଡ଼ି ରହିଛି। ଅଳିଆ ଜମା ଏବଂ ଉପଯୁକ୍ତ ବର୍ଜ୍ୟବସ୍ତୁ ନିଷ୍କାସନ ଅଭାବ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି, ଯାହା ବାସିନ୍ଦାଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରୁଛି। ସ୍ଥାନୀୟ କର୍ତୃପକ୍ଷଙ୍କ ନିକଟରେ ଅନେକ ଅଭିଯୋଗ ସତ୍ତ୍ୱେ, ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ମଇଳା କେବଳ ଏକ ଅପ୍ରିୟ ଦୁର୍ଗନ୍ଧ ସୃଷ୍ଟି କରେ ନାହିଁ ବରଂ କୀଟପତଙ୍ଗ ଏବଂ ମୂଷାଙ୍କୁ ମଧ୍ୟ ଆକର୍ଷିତ କରେ। ଏହା ସ୍ୱାସ୍ଥ୍ୟ ବିପଦକୁ ଆହୁ